
ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 26 FEBRUARY 2025
ବୁଧବାର ୨୬ ଫେବୃଆରୀ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 279 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୨୭୯ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



# ଆଜି ଜାଗର

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:**

ରାତି ପାହିଲେ ମହାଶିବରାତ୍ରୀ । ଏନେଇ ଚଳଚଞ୍ଚଳ ହୋଇଉଠିଛି ରାଜ୍ୟର ସମସ୍ତ ଶୈବପୀଠ । ଏହି ପରିପ୍ରେକ୍ଷୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ବାବା ଧବଳେଶ୍ୱର ଓ କପିଳାସସ୍ଥିତ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ନୀତିକାନ୍ତି କିପରି ସୂଚାରୁରୂପେ ସମ୍ପାଦନ ହେବ ସେନେଇ ସ୍ୱତନ୍ତ୍ର ବୈଠକମାନ ଅନୁଷ୍ଠିତ ହୋଇଯାଇଛି ।



ମହାପ୍ରଭୁ ଲିଙ୍ଗରାଜଙ୍କ ସମସ୍ତ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସହ ଠିକ୍ ସମୟରେ ମହାଦୀପ ଉଠିବା ନେଇ ପୁଲିସ, ପ୍ରଶାସନ ଓ ସେବାୟତଙ୍କ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ନୀତିକାନ୍ତି, ଶୃଙ୍ଖଳିତ ଦର୍ଶନ ସହ ଠିକ୍ ସମୟରେ ମହାଦୀପ ଉଠିବା ନେଇ ସମସ୍ତେ ସହମତି ପ୍ରକାଶ କରିଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବୁଧବାର ରାତି ୧୦ଟାରେ ମହାପ୍ରଭୁ ଲିଙ୍ଗରାଜଙ୍କ ମହାଦୀପ ଉଠିବ ବୋଲି ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ ସୂଚନା ଦେଇଛନ୍ତି । ଭୁବନେଶ୍ୱର ଡେପୁଟି ପୁଲିସ କମିସନର (ଡିସିପି) ପିନାକ ମିଶ୍ର କହିଛନ୍ତି ଯେ ବୁଧବାର ଲିଙ୍ଗରାଜ ମନ୍ଦିରରେ ୪୦ପ୍ଲାଟୁନ୍ ପୁଲିସ ବାହିନୀ ଏବଂ ବିଭିନ୍ନ ପଦର ୧୦୦ରୁ ଅଧିକ ପୁଲିସ ଅଧିକାରୀ ଉପସ୍ଥିତ ରହିବେ ।

ସେହିପରି କଟକ ଜିଲ୍ଲା ବାବା ଧବଳେଶ୍ୱରଙ୍କ ମନ୍ଦିର ଭୋର୍ ୪ଟାରୁ ଖୋଲିବ । ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ସହ ବାବାଙ୍କ ନିକଟରେ ମାଣ୍ଡୁଆ ଭୋଗ ଲାଗି ହେବ ଏବଂ ରାତି ୧ଟାରେ ମହାଦୀପ ଉଠିବ ବୋଲି ଜଣାପଡ଼ିଛି । ଏଠାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ୮ପ୍ଲାଟୁନ୍ ପୁଲିସ ବାହିନୀ ଏବଂ ୩୦ ଅଧିକାରୀଙ୍କୁ ନିୟୋଜିତ କରାଯିବ । ସେହିପରି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପ୍ରସିଦ୍ଧ କପିଳାସ ପୀଠରେ ବିରାଜିତ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ମନ୍ଦିରରେ ରାତି ୪.୨୦ମିନିଟ୍‌ରେ ପାଳିଆ ପୂଜାଙ୍କ ଦ୍ୱାରା ମହାଦୀପ ଉଠିବ । ପୂଜା ପଣ୍ଡାଙ୍କ ଦ୍ୱାରା ୪.୨୫ ରେ ହରିହର ଭେଟ କାର୍ଯ୍ୟ ସମ୍ପନ୍ନ ହେବ । ୪.୩୦ମିନିଟ୍‌ରୁ ୪.୪୫ ମଧ୍ୟରେ ପୂଜା ପଣ୍ଡାଙ୍କ ଦ୍ୱାରା ଠାକୁରଙ୍କର ନିତ୍ୟଧୂପ ଓ ପହଡ଼ କାର୍ଯ୍ୟ ଅନୁଷ୍ଠିତ ହେବ । ଏଠାରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ପରିବାରର ୪ ସଦସ୍ୟଙ୍କ ସମେତ ୫ଙ୍କୁ ହତ୍ୟା

**ଥିରୁଅନନ୍ତପୁରମ,୨୫।୨/ଏଜେନ୍ସି:**

କେରଳ ହରର୍




- ହାତୁଡ଼ିରେ ଛେଚିଲା, ଚାପଡ଼ରେ ହାଣିଲା
- ୧୩ ବର୍ଷର ସାନଭାଇକୁ ବି ଛାଡ଼ିଲାନି
- ହସ୍ପିଟାଲ୍‌ରେ ଜୀବନ ସହ ଲଢୁଛନ୍ତି ମା'
- ଥାନାରେ ଅଭିଯୁକ୍ତ ଆତ୍ମହତ୍ୟା ଉଦ୍ୟମ

କେରଳର ଥିରୁଅନନ୍ତପୁରମ୍‌ରେ ଘଟିଥିବା ଏକ ବିଭତ୍ସ ହତ୍ୟାକାଣ୍ଡ ସମଗ୍ର ରାଜ୍ୟକୁ ଦୋହଲାଇ ଦେଇଛି । ଜଣେ ଯୁବକ ପରିବାରର ୪ ସଦସ୍ୟଙ୍କ ସହ ପ୍ରେମିକାଙ୍କୁ ମିଶାଇ ମୋଟ୍ ୫ଜଣଙ୍କୁ ହତ୍ୟା କରିଛନ୍ତି । ସମସ୍ତଙ୍କୁ ହାମର୍ ବା ବଡ଼ ହାତୁଡିରେ ଛେଚି ଲହୁଲୁହାଣ କରିବା ପରେ ଚାପଡ଼ରେ ହାଣି ମାରିଛନ୍ତି । ମୃତକଙ୍କ ମଧ୍ୟରେ ଅଭିଯୁକ୍ତର ଜେଜେମା, ନାବାଳକ ଭାଇ (୧୩ ବର୍ଷ), ସାନବାପା, ସାନ ମା' ଏବଂ ପ୍ରେମିକା ସାମିଲ ଅଛନ୍ତି । ତେବେ ଅଭିଯୁକ୍ତ ନିଜ ମା'ଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ ମଧ୍ୟ ସେ ଏବେ ହସ୍ପିଟାଲ୍‌ରେ ଜୀବନ ସହ ସଂଗ୍ରାମ କରୁଛନ୍ତି ।

ଅଭିଯୁକ୍ତର ନାମ ଆଫାନ୍ (୨୩) ଏବଂ ସେ ଏହି ଜଘନ୍ୟ ହତ୍ୟାକାଣ୍ଡ ଭିଆଇବା ପରେ ସୋମବାର ସନ୍ଧ୍ୟାରେ ଭେଞ୍ଜାରାମୁଡ଼ରେ ଥିବା ପୁଲିସ ଷ୍ଟେସନ୍‌ରେ ଆତ୍ମସମର୍ପଣ କରିଛନ୍ତି । ପୁଲିସ୍ ପ୍ରଥମେ ତାଙ୍କ କଥାକୁ ବିଶ୍ୱାସକୁ ନେଇନଥିଲେ ମଧ୍ୟ ପରେ ଘଟଣାସ୍ଥଳକୁ ଯାଇ ବାସ୍ତବ ଘଟଣା ଦେଖିବାକୁ ପାଇଥିଲା । ଆଫାନ୍ ଉପରୋକ୍ତ ବ୍ୟକ୍ତିଙ୍କୁ ହତ୍ୟାକରିବା ପାଇଁ ଦିନତମାମ ପୃଥକ୍ ପୃଥକ୍ ସ୍ଥାନକୁ ଯାଇଥିବା ସ୍ୱୀକାର କରିଛି । ସର୍ବପ୍ରଥମେ ନିଜ ମା' ଶେମିଙ୍କୁ ଆକ୍ରମଣ କରିଥିଲେ । ଶେମି ଜଣେ କ୍ୟାନ୍‌ସର୍ ରୋଗୀ ଥିଲେ । ରକ୍ତଜୁଡୁବୁଡୁ ଅବସ୍ଥାରେ ଶେମି ପଡ଼ିଥିବା ବେଳେ ଆଫାନ୍ ନିଜ ଜେଜେ ମା' ସଲ୍‌ମା ବିବି (୯୨) ଯିଏକି ତାଙ୍କ ଘରଠାରୁ ୧୬ କିମି ଦୂର ପାନ୍‌ଗୋଡ଼େ ଗ୍ରାମରେ ରହୁଥିଲେ, ତାଙ୍କ ପାଖକୁ ମୋଟରସାଇକେଲ ଯୋଗେ ଯାଇଥିଲେ । ସେଠାରେ ସେ ଜେଜେମା'ଙ୍କ ସମେତ ନିଜ ସାନବାପା ଲତିଫ୍ (୬୯) ଯିଏକି ଜଣେ ଅବସରପ୍ରାପ୍ତ ସିଆର୍‌ପିଏଫ୍ ଅଧିକାରୀ ଥିଲେ ଏବଂ ତାଙ୍କ ପତ୍ନୀ ସଜିଆ ବିବି (୫୯)(ଅଭିଯୁକ୍ତର ଖୁଡ଼ି)ଙ୍କୁ ମଧ୍ୟ ହାତୁଡ଼ିରେ ଛେଚି ହତ୍ୟା କରିଥିଲେ । ପରେ ସେ ନିଜ ଗାର୍ଲଫ୍ରେଣ୍ଡ ବା ପ୍ରେମିକା ଫର୍ସାନା (୧୯)ଙ୍କ ଘରକୁ ଯାଇ ମିଛ ଆଳ ଦେଖାଇ ତାଙ୍କୁ ନିଜ ଘରକୁ ଆଣି ହତ୍ୟା କରିଥିଲେ । ପରେ ସେ ସ୍କୁଲ୍ ଯାଇଥିବା ୧୩ ବର୍ଷୀୟ ସାନଭାଇ ଆହସାନ୍‌ଙ୍କୁ ଅପେକ୍ଷା କରିଥିଲେ । ଆହସାନ୍ ଘରକୁ ଫେରିବା ପରେ ଆଫାନ୍ ପ୍ରଥମେ ତାଙ୍କୁ ବାହାରକୁ ନେଇଯାଇ ଏକ ହୋଟେଲ୍‌ରେ ଖୁଆଇବା ପରେ ଘରକୁ ଆଣି ତାଙ୍କୁ ହାତଡ଼ିରେ ଛେଚି ହତ୍ୟା କରିଥିଲେ ।

ଅଭିଯୁକ୍ତ ପୁଲିସ ଆଗରେ ରଖିଥିବା ବୟାନ୍ ଅନୁସାରେ ସେ ବ୍ୟବସାୟରେ ବ୍ୟାପକ କ୍ଷତି ସହିଥିଲେ । ଏହି କାରଣରୁ ସେ ଅତ୍ୟଧିକ ଋଣ କରିଥିଲେ ଏବଂ ଋଣ ଅର୍ଥ ଶୁଝିବାକୁ ସେ ବାରମ୍ବାର ପରିବାର ଲୋକଙ୍କ ଉପରେ ଚାପ ପକାଉଥିଲେ । କିନ୍ତୁ ପରିବାର ଲୋକେ ଏତେ ବଡ଼ ଋଣ ଶୁଝିବାକୁ ରାଜି ହୋଇନଥିଲେ । ଏପରିକି ପ୍ରେମିକା ମଧ୍ୟ ତାଙ୍କଠାରୁ ଦୂରେଇବା ଆରମ୍ଭ କରିଦେଇଥିଲେ । ଏଥିରେ ବିତସ୍ପୃହ ହୋଇ ସେ ପ୍ରେମିକା ସହ ନିଜ ପରିବାର ୪ଜଣଙ୍କୁ ହତ୍ୟା କରିଥିବା ପୁଲିସ୍ ନିକଟରେ ଆତ୍ମସମର୍ପଣ ପୂର୍ବକ ସ୍ୱୀକାର କରିଛନ୍ତି । ଏସବୁ ମଧ୍ୟରେ ଥାନାରେ ଥିବା ବେଳେ ଆଫାନ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି । ସେ ଏବେ ଚିକିତ୍ସାଧୀନ ଥିବାବେଳେ ମାନସିକ ସ୍ତରରେ ବେଶ୍ ସ୍ୱାଭାବିକ ଥିବା ଆଫାନ୍ ଏପରି ଅଘଟଣ ଘଟାଇବା ପଛର ବାସ୍ତବ କାରଣ ସେ ହସ୍ପିଟାଲ୍‌ରୁ ସୁସ୍ଥହୋଇ ଫେରିବା ପରେ ଜଣାପଡ଼ିବ ବୋଲି ପୁଲିସ୍ କହିଛି ।

# ଓଡ଼ିଶାରେ ମୃଦୁ ଭୂକମ୍ପ



**୩ ଦିନ ପରେ ବଢ଼ିବ ତାପମାତ୍ରା**

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:**

ଓଡ଼ିଶାରେ ଭୁବନେଶ୍ୱର, ବାଲେଶ୍ୱର, ପାରାଦୀପରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହିଥିବାବେଳେ ରିକ୍ଟର୍ ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୫.୧ ରହିଥିଲା । ପୁରୀରୁ ୨୮୬ ଓ ଭୁବନେଶ୍ୱରରୁ ୨୧୭ କିମି ଦୂରରେ କେନ୍ଦ୍ରସ୍ଥଳ । ବ୍ରହ୍ମପୁରଠାରୁ ୩୧୪ କିମି ଦୂରରେ କେନ୍ଦ୍ରସ୍ଥଳ । ଭାରତ ଓ ବାଂଲାଦେଶରେ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଛି ।

ଅନ୍ୟପକ୍ଷରେ ଗତ କିଛିଦିନ ଧରି ବର୍ଷା ଲାଗି ରହିଥିବାବେଳେ ବଦଳିବ ପାଗ । ୩ ଦିନ ପରେ ୨ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି । ପୁଣି ରାଜ୍ୟରେ ତାତି ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଆସନ୍ତାକାଲି ଜାଗର(ଶିବରାତ୍ରି) ଦିନ ମଧ୍ୟ ଭୀଷଣ ଗରମ ଅନୁଭୂତ ହେବ । ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ ଶୁଖିଲା ପାଗ ରହିବ ବୋଲି ପୂର୍ବାନୁମାନ କରିଛି ବିଭାଗ । ତେବେ ରାଜ୍ୟରେ ୪ ଦିନ ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାକୁ ନଥିବାବେଳେ ବୁଧବାର ଜାଗରରେ ବି ପାଗ ସ୍ୱାଭାବିକ ରହିବ ବୋଲି ବିଭାଗ ଆକଳନ କରିଛି । ସେପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭବ ହୋଇଛି । ଚାନ୍ଦବାଲି ପାରଦ୍ୱୀପ ଓ ଭୁବନେଶ୍ୱର ଅନୁଭୂତ ହୋଇଛି କୁହୁଡ଼ି । ସେପଟେ ରାଜ୍ୟରେ ତାପମାତ୍ରା ବର୍ତ୍ତମାନ ସ୍ୱାଭାବିକ ଥିବାବେଳେ ଗତକାଲି(ସୋମବାର) ସର୍ବାଧିକ ତାପମାତ୍ରା ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୩୬ ଓ ସର୍ବନିମ୍ନ ତାପମାତ୍ରା ଜି ଉଦୟଗିରିରେ ୧୧.୬ ମିମି ରେକର୍ଡ କରାଯାଇଛି । ଗତ କିଛି ଦିନ ହେବ ବିଭିନ୍ନ ସ୍ଥାନରେ ବର୍ଷା ରେକର୍ଡ କରାଯାଇଥିଲା । ବିଜୁଳି ଘଡଘଡି ପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ କରାଇଥିଲା ପାଣିପାଗ ବିଭାଗ । ବର୍ତ୍ତମାନ ପାଗରେ ପରିବର୍ତ୍ତନ ଆସିବା ସହ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି ।

# ଆୟକର ଫାଇଲ୍ କରିଥିଲେ ବି କଟିବନି ରାସନ କାର୍ଡ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:**

**ଫିଜିକାଲ୍ ଭେରିଫିକେସନ୍ କରିବେ ରାଜ୍ୟ ସରକାର**



ଆୟକର ଫାଇଲ୍ କରିଥିଲେ ବି କଟିବନି ରାସନ କାର୍ଡ । ଫିଜିକାଲ୍ ଭେରିଫିକେସନ୍ କରିବେ ରାଜ୍ୟ ସରକାର । ଏ ନେଇ ଲିଷ୍ଟ ସହ ଡୋର୍-ଟୁ-ଡୋର୍ ବୁଲି ଭେରିଫିକେସନ୍ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଫିଜିକାଲ୍ ଭେରିଫିକେସନ୍ ପରେ ନିଷ୍ପତ୍ତି ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ଆସୁଛି ଯେଉଁମାନେ ଆୟକର ଫାଇଲ୍ କରୁଛନ୍ତି କାର୍ଡ କଟିଯାଉଛି । କିନ୍ତୁ କାହାର କାର୍ଡ କାଟିବନି । ଲିଷ୍ଟ ଅଧିକାରୀମାନଙ୍କ ପାଖକୁ ଯାଇଛି । ସେମାନେ ଡୋର୍-ଟୁ-ଡୋର୍ ବୁଲି ଦେଖିବେ । କାହାର ଆୟ କେତେ ତା'ପରେ କାର୍ଡ କଟିବ କି ନାହିଁ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି କାହାର କାର୍ଡ କାଟନ୍ତୁ ନାହିଁ କି ଚାଉଳ ବନ୍ଦ କରନ୍ତୁ ନାହିଁ । ▶▶ ୭

# ୨୮ରେ ଆସିବେ ଜେପି ନଡ୍ଡା

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:**

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଫେବୃଆରୀ ୨୮ରେ ଓଡ଼ିଶା ଗସ୍ତରେ ଆସିବେ । ତାଙ୍କର ଏହି ଦୁଇ ଦିନିଆ ଓଡ଼ିଶା ଗସ୍ତବେଳେ ସେ ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା ଭାରତରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଣାଳୀର ୯ତମ ଜାତୀୟ ଶିଖର ସମ୍ମିଳନୀ ଓ ୧୬ତମ ସାଧାରଣ ସମୀକ୍ଷା ମିସନର ରିପୋର୍ଟକୁ ଲୋକାର୍ପିତ କରିବେ । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଡାକ୍ତର ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ଏଥିରେ ଦେଶର ବିଭିନ୍ନ ରାଜ୍ୟର ଯୋଗ ଦେଉଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବ ସହ ବିଭିନ୍ନ ବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ୮ରୁ ପୁଲିସ୍ ଏସ୍‌ଆଇ ପରୀକ୍ଷା

**କଟକ,୨୫।୨/ଏନ୍ଏନ୍ଏସ୍:**

ଆସନ୍ତା ମାର୍ଚ୍ଚ ୮ ଓ ୯ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ହେବ । ୯୩୩ଟି ପୁଲିସ ଏସ୍‌ଆଇ ଓ ସମାନ ର୍ୟାଙ୍କର ଅନ୍ୟାନ୍ୟ ପଦବୀ ପୂରଣ ନିମନ୍ତେ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ପରୀକ୍ଷା ତାରିଖ ପ୍ରକାଶ ପାଇଛି । ଏହି ପରୀକ୍ଷା ପାଇଁ ପ୍ରାର୍ଥୀମାନେ ସେମାନଙ୍କ ଆଡମିଟ୍‌କାର୍ଡ ମାର୍ଚ୍ଚ ୧ ତାରିଖରୁ ଓଡ଼ିଶା ପୁଲିସ ୱେବ୍‌ସାଇଟ୍‌ରୁ ପାଇପାରିବେ । ଆଡ୍‌ମିଟ୍ କାର୍ଡରେ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସମୟ ସମ୍ପର୍କରେ ସୂଚନା ▶▶ ୭

# ଧରାପଡ଼ିଲେ ନକଲି ମାଟ୍ରିକ୍ ପରୀକ୍ଷାର୍ଥୀ

**ନିମାପଡ଼ା,୨୫।୨/ଏନ୍ଏନ୍ଏସ୍:**



ନିମାପଡ଼ା ଶିକ୍ଷାମଣ୍ଡଳ ଅନ୍ତର୍ଗତ ନହନ୍ତରା ଉଚ୍ଚ ବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷା ସେଣ୍ଟରରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ି କୋର୍ଟଚାଲାଣ ହୋଇଛନ୍ତି । ସ୍ଥାନୀୟ ବ୍ଲକ୍ ସଲଙ୍ଗ ପଞ୍ଚାୟତ ମଧୁବନ ଶିକ୍ଷାଶ୍ରମର ପରୀକ୍ଷା କେନ୍ଦ୍ର ନହନ୍ତରା ଥିଲା । ସେଠିକାର ଛାତ୍ର ସେକ୍ ମସୁଲ ଉଦ୍ଦିନଙ୍କ ସ୍ଥାନରେ ସାକ୍ଷୀଗୋପାଳ ଥାନା ଡାଙ୍ଗୁରା ଗ୍ରାମର ରାଜା ଭୋଇ ନାମକ ପିଲା ପରୀକ୍ଷା ଦେଉଥିଲେ । ସୋମବାର ଇଂରାଜୀ ପରୀକ୍ଷା ଚାଲିବା ସମୟେ ଆଡମିଟ୍ କାର୍ଡ ଯାଞ୍ଚବେଳେ ଏହି ନକଲି ପରୀକ୍ଷାର୍ଥୀଙ୍କ ବାବଦରେ ପରୀକ୍ଷା ନିରୀକ୍ଷକ ଜାଣିପାରିଥିଲେ । ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ପୁଷ୍ପାଞ୍ଜଳି ସେଠୀ ଥାନାକୁ ଜଣାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ରାଜାକୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିଥିଲେ । ସତ୍ୟାସତ୍ୟ ଜଣାପଡ଼ିବା ପରେ ନିମାପଡ଼ା ପୁଲିସ ଏନେଇ ଏକ ମାମଲା ରୁଜୁକରି ରାଜା ଭୋଇକୁ ଗିରଫ ପରେ କୋର୍ଟଚାଲାଣ କରିଛି । ତେବେ କୌଣସି ର୍ୟାକେଟ୍ ଏହା ପଛରେ ଥିବା ନେଇ ପୁଲିସ ଛାନ୍‌ଭିନ୍ ଜାରି ରଖିଛି ।

# ସାଇବର ଠକେଇ: କୁଳପତିଙ୍କଠୁ ଲୁଟିନେଲେ ୧୪ ଲକ୍ଷ

**ବ୍ରହ୍ମପୁର,୨୫।୨/ଏନ୍ଏନ୍ଏସ୍:**



ସାଇବର ଠକେଇର ଶିକାର ହୋଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାସ । ଡିଜିଟାଲ୍ ଆରେଷ୍ଟ କହି ସାଇବର ଠକ ଲୁଟିନେଇଛନ୍ତି ଲକ୍ଷାଧିକ ଟଙ୍କା । ଲୁଟ୍‌ର ଶିକାର ହୋଇଥିବା ଜାଣିବା ପରେ କୁଳପତି ପ୍ରଫେସର୍ ଶ୍ରୀମତୀ ଦାସ ବ୍ରହ୍ମପୁର ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି । ଜଣେ ଉଚ୍ଚଶିକ୍ଷିତା ହୋଇଥିବା ବେଳେ ସାଇବର ଠକେଇର ଶିକାରକୁ ନେଇ ଏବେ ସବୁଠି ଚର୍ଚ୍ଚା ଜୋର୍ ଧରିଛି । ପୁଲିସଠାରୁ ଆରମ୍ଭ କରି ପ୍ରତ୍ୟେକ ଫୋନ୍ କଲ୍‌ରେ ସରକାର ସାଇବର ଠକେଇକୁ ନେଇ ସଚେତନତା ସୃଷ୍ଟି କରୁଥିବା ବେଳେ କିଭଳି ସେ ସାଇବର ଠକଙ୍କ ଶିକାର ହୋଇଗଲେ, ତାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ । ସୂଚନା ପ୍ରକାରେ ଜଣେ ଦୁର୍ବୃତ୍ତ ଗତ ୧୨ତାରିଖରୁ କୁଳପତି ଶ୍ରୀମତୀ ଦାସଙ୍କୁ ଫୋନ୍‌କରି ଡିଜିଟାଲ୍ ଆରେଷ୍ଟରେ ଫସାଇଥିଲା । ଦୁର୍ବୃତ୍ତ ଜଣକ ନିଜକୁ ଇଡି ଅଫିସର୍ ବୋଲି ନିଜକୁ ପରିଚୟ ଦେଇଥିଲା । ସୁପ୍ରିମକୋର୍ଟରେ ଚାଲିଥିବା ଏକ ମାମଲାରେ ଅଭିଯୁକ୍ତଙ୍କ ସହ କୁଳପତିଙ୍କ ଲିଙ୍କ୍ ରହିଥିବା ଏବଂ କୋଟି, କୋଟି ଟଙ୍କାର ହୋଇଥିବା ଦୁର୍ନୀତିରେ କୁଳପତିଙ୍କ ସଂପୃକ୍ତି ରହିଥିବା କହିଥିଲା । ଏଭଳି ତଥ୍ୟ ଦୁର୍ବୃତ୍ତ ଦେବା ପରେ ଡିଜିଟାଲ୍ ଆରେଷ୍ଟ ହୋଇଛନ୍ତି ବୋଲି କୁଳପତିଙ୍କୁ କୁହାଯାଇଥିଲା । ଡିଜିଟାଲ୍ ଆରେଷ୍ଟ ଭୟରେ କୁଳପତି ନିଜର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଏହାର କିଛି ସମୟ ପରେ କୁଳପତି ୧୪ ଲକ୍ଷ ଟଙ୍କାର ଚେକ୍ ଦୁର୍ବୃତ୍ତଙ୍କ ଆକାଉଣ୍ଟରେ ଜମା କରିଥିଲେ । ପରେ ସେ ସାଇବର ଠକଙ୍କ ଦ୍ୱାରା ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଡିଜିଟାଲ୍ ଆରେଷ୍ଟର ଶୀକାର ହେବା ପରେ କୁଳପତି ବ୍ରହ୍ମପୁର ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଠକେଇର ତଦନ୍ତ ଜାରି ଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

# ଡ. ଚନ୍ଦ୍ରଶେଖର ହୋତା ସାହିତ୍ୟ ଏକାଡେମୀ ସଚିବ

**ଭୁବନେଶ୍ୱର, ୨୫।୨/ଏନ୍ଏନ୍ଏସ୍:**



ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବରେ ଡ. ଚନ୍ଦ୍ରଶେଖର ହୋତା ନିଯୁକ୍ତ ହୋଇଛନ୍ତି । ଡ. ହୋତା ପେସାରେ ଆରକ୍ଷୀ ଅଧିକାରୀ ହୋଇଥିଲେ ହେଁ ନିଶା ତାଙ୍କର ସାହିତ୍ୟ । ସାହିତ୍ୟର ବିଭିନ୍ନ ବିଭାଗରେ ସେ ନିୟମିତ ଲେଖାଲେଖି କରନ୍ତି । ବିଶେଷତଃ ଉଚ୍ଚକୋଟୀର ପ୍ରବନ୍ଧ ରଚନାରେ ସେ ସିଦ୍ଧହସ୍ତ । 'ଚେତନାର ଅନ୍ୱେଷଣ' ପ୍ରବନ୍ଧ ସଂକଳନ ନିମନ୍ତେ ୨୦୨୦ ମସିହାରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଛନ୍ତି । 'କଳ୍ପନା, ଅନୁଭବ ଓ ସାହିତ୍ୟ' ତାଙ୍କର ଆଉ ଏକ ପାଠକାଦୃତ ପ୍ରବନ୍ଧ ସଂକଳନ ।

# ରାଜ୍ୟ ଟୀକା ଭଣ୍ଡାରକୁ ପ୍ରଥମ ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:**


Certificate

This is to Certify that

STATE VACCINE STORE, BHUBANESWAR

BHUBANESWAR, ODISHA, INDIA

Quality Management System

ISO 9001:2015

ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଟୀକାର ଗୁଣବତ୍ତା ସମ୍ପର୍ଣ୍ଣ ପରିଚାଳନା ପାଇଁ ରାଜ୍ୟ ଟୀକା ଭଣ୍ଡାର ଦେଶର ପ୍ରଥମ ଟୀକା ଭଣ୍ଡାର ଭାବେ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଛି । ଟୀକାର ଉପଯୁକ୍ତ ସଂରକ୍ଷଣ, କୋଲ୍ଡ ଚେନ୍ ପରିଚାଳନା, ଯୋଗାଣ ଶୃଙ୍ଖଳ ପରିଚାଳନା, ଅନ୍‌ଲାଇନ୍ ସଫ୍ଟୱେୟାର ଜରିଆରେ କମ୍ପ୍ୟୁଟରୀକୃତ ରେକର୍ଡ, ପ୍ରତ୍ୟହ ଦୁଇଥର ତାପମାତ୍ରା ପରୀକ୍ଷା ଦ୍ୱାରା ଟୀକାର ମାନ ବଜାୟ ରଖିବା ଓ ଶୂନ୍ୟ ଅପଚୟ ପରି ମାନକଗୁଡ଼ିକ ପାଇଁ ରାଜ୍ୟ ଟୀକା ଭଣ୍ଡାରକୁ ଏହି ପ୍ରମାଣପତ୍ର ମିଳିଛି । ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ନିରନ୍ତର ପ୍ରୟାସ ଓ ଉତ୍ସର୍ଗୀକୃତ ସେବା ମନୋଭାବ ଯୋଗୁଁ ଏହି ସଫଳତା ମିଳିପାରିଛି । ସଠିକ କୋଲ୍ଡ ଚେନ୍ ବ୍ୟବସ୍ଥା ଏବଂ ଟୀକାର ଉପଯୁକ୍ତ ପରିବହନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁମୋଦିତ ତାପମାତ୍ରାରେ ଟୀକାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶାରେ ରାଜ୍ୟ ଟୀକା ଭଣ୍ଡାର, ୯ଟି ଆଞ୍ଚଳିକ ଏବଂ ୩୨ଟି ଜିଲ୍ଲା ଟୀକା ଭଣ୍ଡାର ସମେତ ୧୨୬୩ଟି କୋଲ୍ଡ ଚେନ୍ କେନ୍ଦ୍ର ରହିଛି ।

ସମସ୍ତ ଟୀକାର ଦୈନନ୍ଦିନ ଯୋଗାଣ ଶୃଙ୍ଖଳ ଓ ଗୁଣବତ୍ତାର ପରିଚାଳନା ପାଇଁ ସମସ୍ତ ଟୀକା ଭଣ୍ଡାରରେ ଉତ୍ତମ ତାଲିମପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି । ପ୍ରତିବର୍ଷ ୯.୪ ଲକ୍ଷ ଗର୍ଭବତୀ ମହିଳା, ୭.୯ ଲକ୍ଷ ନବଜାତ ଓ ୨୮ ଲକ୍ଷ କିଶୋର-କିଶୋରୀଙ୍କ ଟିକାକରଣ ଲକ୍ଷ୍ୟ ପୂରଣ ପାଇଁ ଟୀକା ଭଣ୍ଡାରଗୁଡ଼ିକ ୨.୩୬ କୋଟି ଟିକାର ଉପଯୁକ୍ତ ସଂରକ୍ଷଣ ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହାକୁ ସୁରକ୍ଷିତ ଭାବେ ପହଞ୍ଚାଇବା ପାଇଁ ଯତ୍ନବାନ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟର ୭ଟି ଆଞ୍ଚଳିକ ଏବଂ ୨୨ଟି ଜିଲ୍ଲା ଟୀକା ଭଣ୍ଡାର ଏହି ପ୍ରମାଣପତ୍ର ପାଇସାରିଛନ୍ତି ।

**ଜାଗର ପୂର୍ବରୁ କପିଳାସ ପୀଠରେ ଅଘଟଣ**

# ଦୋକାନ ଉପରକୁ ମାଡ଼ିଗଲା ପୁଲିସ ଭ୍ୟାନ୍

**ଢେଙ୍କାନାଳ,୨୫।୨/ଏନ୍ଏନ୍ଏସ୍:**



ଗଁଦିଆ ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶୈବ ପୀଠ କପିଳାସଠାରେ ଜାଗର ପର୍ବ ପୂର୍ବରୁ ଏକ ଅଘଟଣ ଘଟିଛି । ମୋଡ଼ ବୁଲୁଥିବା ସମୟରେ ଭାରସାମ୍ୟ ହରାଇ ଏକ ପୁଲିସ ଭ୍ୟାନ୍ ଏକ ଦୋକାନ ଉପରକୁ ମାଡ଼ିଯାଇଛି । ଏଥିରେ ୩ଜଣ ଆହତ ହୋଇଥିବାବେଳେ ଦୁଇଟି ବାଇକ୍ ଭାଙ୍ଗି ଚୁରମାର୍ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ କପିଳାସ ମନ୍ଦିର ପାଖରୁ ଏକ ପୁଲିସ ଭ୍ୟାନ ଯାହାର ନଂ. ଓଡ଼ି ୦୫ଜେ-୩୭୦୮ ତଳକୁ ଆସୁଥିବା ସମୟରେ ଶେଷ ମୋଡ଼ ଅର୍ଥାତ୍ ୧ନଂ. ମୋଡ଼ଠାରେ ଭାରସାମ୍ୟ ହରାଇ ଏକ ଟେସ୍‌ନାରୀ ଦୋକାନ ଉପରକୁ ମାଡ଼ି ଯାଇଥିଲା । ଫଳରେ ଉକ୍ତ ଗାଡ଼ିରେ ଥିବା ପୁଲିସ କର୍ମଚାରୀଙ୍କ ମଧ୍ୟରୁ ଜଣେ ପୁଲିସ ଆହତ ହେବା ସହିତ ସେଠାରେ ଥିବା ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି । ତତ ସହିତ ସେଠାରେ ଥିବା ଦୁଇଟି ବାଇକ୍ ଉପରକୁ ଉକ୍ତ ଗାଡି ଚଢ଼ିଯିବା ଯୋଗୁ ଦୁଇ ବାଇକ୍ ମଧ୍ୟ ଭାଙ୍ଗିରୁଜି ଯାଇଛି । ଏଠାରେ ଥିବା ୧୨ ବାଙ୍କର ପ୍ରଥମ ବାଙ୍କଠାରେ ଗାଡିଗୁଡିକ ବୁଲିକରି ଉପରକୁ ଯାଇଥାନ୍ତି । କିନ୍ତୁ ଉକ୍ତ ସ୍ଥାନଟି ଗହଳି ଲାଗି ରହୁଥିବା ବେଳେ କିପରି ସେହି ସ୍ଥାନରେ ଦେବୋତ୍ତର ବିଭାଗ ଉଠାଦୋକାନ ଖୋଲିବାକୁ ଅନୁମତି ଦେଉଛି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

## ଗିନିଜ୍ ୱାର୍ଲ୍ଡ ରେକର୍ଡ: ମହାକୁମ୍ଭ ମେଳାରେ ସ୍ୱଚ୍ଛତା ଅଭିଯାନରେ ୧୫,୦୦୦ ସଫେଇ କର୍ମଚାରୀ ସାମିଲ

**ପ୍ରୟାଗରାଜ, ୨୪।୨/ଏଜେନ୍ସି:** ଗିନିଜ୍ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟ ନେଇ ପ୍ରାୟ ୧୫,୦୦୦ ସଫେଇ କର୍ମଚାରୀ ପ୍ରୟାଗରାଜ ମହାକୁମ୍ଭ ମେଳାରେ ସମନ୍ୱିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଛନ୍ତି। ସୋମବାର ଉତ୍ତରପ୍ରଦେଶ ମହାକୁମ୍ଭ ନଗରର ୪ଟି ଜୋନ୍‌ରେ ଆୟୋଜିତ ସମନ୍ୱିତ ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୧୫,୦୦୦ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରୟାଗରାଜ ମେୟର ଗଣେଶ କେଶରୱାନୀ, ମହାକୁମ୍ଭର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଂକ୍ଷା ରାଣା ଏବଂ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍ ସୁପରଭାଇଜରି ଟିମ ଉପସ୍ଥିତ ଥିଲେ ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ର ମୁଖ୍ୟ ପର୍ଯ୍ୟବେକ୍ଷକ ଏବଂ ବିଚାରପତି ରିଶି ନାଥ ତାଙ୍କ ପ୍ରତିନିଧି ଦଳ ସହିତ ଲଣ୍ଡନରୁ ପ୍ରୟାଗରାଜରେ ପହଞ୍ଚିଥିଲେ। ସମନ୍ୱିତ ସ୍ୱଚ୍ଛତା ଅଭିଯାନର ୧୫,୦୦୦ ସଫେଇ କର୍ମଚାରୀଙ୍କ ରିଷ୍ଟ ବ୍ୟାଣ୍ଡରେ ଥିବା କୋଡ୍ ସ୍କାନ କରି ଗଣନା କରାଯାଇଥିଲା।

ରେକର୍ଡର ଚୂଡ଼ାନ୍ତ ବୈଧତା ରିପୋର୍ଟ ଆସନ୍ତା ୩ଦିନ ପରେ ପ୍ରକାଶ ପାଇବ ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ ସୂଚନା ଦିଆଯାଇଛି। ପ୍ରକାଶ, ପ୍ରୟାଗରାଜରେ ଅନୁଷ୍ଠିତ ୨୦୧୯ କୁମ୍ଭମେଳାରେ, ୧୦,୦୦୦ ସଫେଇ କର୍ମଚାରୀ ଏକ ସମନ୍ୱିତ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରି ଗିନିଜ୍ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ଶ୍ରୀ କେଶରୱାନୀ କହିଛନ୍ତି ଯେ ବିଶ୍ୱ ରେକର୍ଡ ପାଇଁ ଏହି ପ୍ରୟାସ ପ୍ରୟାଗରାଜର ପବିତ୍ର ଭୂମିରୁ ବିଶ୍ୱକୁ ସ୍ୱଚ୍ଛତାର ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛି।



## ୪ ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଲେ ଟ୍ରମ୍ପ୍

**ୱାଶିଂଟନ୍,୨୪।୨/ଏଜେନ୍ସି:** ଇରାନକୁ ଦୁର୍ବଳ କରିବା ପାଇଁ ଆମେରିକା ଏହାର ପେଟ୍ରୋଲିୟମ ଏବଂ ପେଟ୍ରୋକେମିକାଲ ଶିଳ୍ପ ସହିତ ଜଡ଼ିତ ୧୬ଟି କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛି। ଏହି ତାଲିକାରେ ୪ ଭାରତୀୟ କମ୍ପାନୀ ମଧ୍ୟ ସାମିଲ ଅଛନ୍ତି। ଏହି ପଦକ୍ଷେପ ଇରାନ ଉପରେ କଟକଣାକୁ ଆହୁରି କଠୋର କରିବା ପାଇଁ ଆମେରିକୀୟ ପ୍ରଶାସନର ଅଭିଯାନର ଏକ ଅଂଶ ବୋଲି କୁହାଯାଉଥିଲେ ମଧ୍ୟ ଏହା ଭାରତୀୟ କମ୍ପାନୀଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଆମେରିକାର ଅର୍ଥ ବିଭାଗ ପକ୍ଷରୁ ଜାରି ବୟାନ ଅନୁସାରେ, ପ୍ରତିବନ୍ଧକ ଲାଗିଥିବା ୪ ଭାରତୀୟ କମ୍ପାନୀ ହେଉଛି, ଅଷ୍ଟିନସିପ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ବିଏସ୍ଏମ୍ ମେରାଇନ୍ ଏଲଏଲପି, କସ୍ମୋସ୍ ଲାଇନ୍ସ ଇନକ୍ ଏବଂ ଫ୍ଲକ୍ସ ମେରିଟାଇମ୍ ଏଲ୍ଏଲ୍ପି। ତେବେ ଏହି ପ୍ରତିବନ୍ଧକକୁ ନେଇ ଭାରତ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ପ୍ରତିକ୍ରିୟା ଆସିନାହିଁ। ଯଦିଓ ଉଭୟ ଇରାନ ଏବଂ ଆମେରିକା ସହିତ ଭାରତର ଭଲ ସମ୍ପର୍କ ରହିଛି, କିନ୍ତୁ ଏହି ପଦକ୍ଷେପ ଦ୍ୱାରା ଭାରତୀୟ କମ୍ପାନୀଗୁଡ଼ିକର କ୍ଷତି ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଆମେରିକାର ବୈଦେଶିକ ବିଭାଗ କହିଛି ଯେ, ଇରାନର ପେଟ୍ରୋଲିୟମ ଏବଂ ପେଟ୍ରୋକେମିକାଲ୍ ଶିଳ୍ପ ସହିତ ବ୍ୟବସାୟିକ ସମ୍ପର୍କ ଥିବାରୁ ଏହି କମ୍ପାନୀଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆମେରିକା ଏବେ ଇରାନର ବେଆଇନ ପରିବହନ ନେଟୱାର୍କକୁ ଭାଙ୍ଗିବାକୁ ଚେଷ୍ଟା କରୁଛି, ଯାହାକି ଏସିଆର ବିଭିନ୍ନ ଦେଶକୁ ଇରାନ ତେଲ ବିକ୍ରି କରିବାରେ ସକ୍ରିୟ ଅଛି। ଆମେରିକା ବୈଦେଶିକ ବିଭାଗ ପକ୍ଷରୁ ଜାରି ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ, ଏହି ନେଟୱାର୍କ ବେଆଇନ ପରିବହନ ମାଧ୍ୟମରେ ଶହ ଶହ ନିୟୁତ ଡଲାର ମୂଲ୍ୟର ଅନେକ ବ୍ୟାରେଲ ଅଶୋଧିତ ତେଲ ବିକ୍ରୟ କରିବାକୁ ଚେଷ୍ଟା କରୁଥିଲା। ଏହି ପଦକ୍ଷେପ ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ଇରାନ ଉପରେ ଚାପ ପକାଇବାର ନୀତିର ଏକ ଅଂଶ, ଯାହା ଇରାନର ଆର୍ଥିକ କାର୍ଯ୍ୟକଳାପକୁ ରୋକିବା ଏବଂ ଆତଙ୍କବାଦ ପାଣ୍ଠିକୁ ବନ୍ଦ କରିବା ପ୍ରୟାସକୁ ଦୃଷ୍ଟିରେ ରଖି ନିଆଯାଇଛି।



## ଏଲନ ମସ୍କଙ୍କୁ ଚିଠି ଲେଖି ବଡ଼ ଅଫର୍ ଦେଲା ସୁକେଶ

**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ତିହାର ଜେଲରେ ବନ୍ଦୀ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର ପୁଣିଥରେ ଚର୍ଚ୍ଚାକୁ ଆସିଛି। ସେ ଜେଲ୍‌ରୁ ସିଧାସଳଖ ଟେସଲା କମ୍ପାନୀ ମୁଖ୍ୟ ତଥା ବିଶ୍ୱର ନଂ ୧ ଧନୀ ତଥା ବିଶିଷ୍ଟ ପୁଞ୍ଜିପତି ଏଲନ୍ ମସ୍କଙ୍କୁ ଏକ ଚିଠି ଲେଖିଛି। ନିଜ ଚିଠିରେ ସେ ମସ୍କଙ୍କୁ କୋଟି କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଅଫର ଦେଇଛି। ବାସ୍ତବରେ ମସ୍କଙ୍କ କମ୍ପାନୀ ଏକ୍ସ'ରେ ୨ ବିଲିଅନ୍ ଡଲାର ନିବେଶ କରିବାକୁ ସେ ଚାହୁଁଥିବା ଏବଂ ଏନେଇ ସେ ପ୍ରସ୍ତାବ ଦେଉଥିବା ସୁକେଶ ଚିଠିରେ ଉଲ୍ଲେଖ କରିଛି। ଆମେରିକା ସରକାରଙ୍କ ଅନ୍ୟ ଏକ ସ୍ୱତନ୍ତ୍ର ବିଭାଗ 'ଡିଓଜିଇ'ର ମୁଖ୍ୟ ଭାବେ ନିଯୁକ୍ତ ହୋଇଥିବା ମସ୍କଙ୍କୁ ଅଭିନନ୍ଦନ ଜଣାଇଛି ସୁକେଶ। ସୁକେଶ ଏହି ଚିଠିରେ ବିଶ୍ୱସ୍ତରରେ ଏକ ବୃହତ୍ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେ ଆଶାବାଦୀ ଥିବା ମଧ୍ୟ ଉଲ୍ଲେଖ କରିଛି। ସୁକେଶ ଲେଖିଛି ଏହି ଚିଠି ଲେଖିବାର କାରଣ ହେଉଛି ଯେ ସେ ଜାଣିବାକୁ ପାଇଛି ଯେ, ମସ୍କ ଏକ୍ସ' ପାଇଁ ନିବେଶ ବୃଦ୍ଧି କରିବା ପାଇଁ ଆଲୋଚନା କରୁଛନ୍ତି, ଏହା ଏପରି ଏକ ସୁଯୋଗ ଯାହାକ ସେ ହାତଛଡ଼ା କରିବାକୁ ଚାହଁନାହିଁ। ଚିଠିରେ ସୁକେଶ ମସ୍କଙ୍କୁ ବେଶ୍ ପ୍ରଶଂସା ମଧ୍ୟ କରିଛି। ମସ୍କଙ୍କୁ ସେ ଜଣେ ଟ୍ୟାଙ୍କମ୍ୟାନ୍ ପରି ଦୃଢ଼, ବୁଲେଟପ୍ରୁଫ୍ ଭଳି ବ୍ୟକ୍ତିତ୍ୱର ଅଧିକାରୀ ଭାବେ ଦର୍ଶାଇଛି। ମସ୍କ କୁଆଡେ ଯାହା ସୃଷ୍ଟି କରିଛନ୍ତି ତାହା ଆଶ୍ଚର୍ଯ୍ୟଜନକ ଏବଂ ତାହାର ଏକ ଅଂଶ ହେବା ତା' ପାଇଁ ଏକ ଗୌରବର ବିଷୟ ବୋଲି ସୁକେଶ ଲେଖିଛି।

**ଏକ୍ସ'ରେ ୨ ବିଲଅନ୍ ଡଲାରର ପୁଞ୍ଜିନିବେଶ କରିବାକୁ ଚାହୁଁଛି ମହାଠକ**

**୧୯୮୪ ଶିଖ୍ ବିରୋଧୀ ଦଙ୍ଗା ସହ ଜଡିତ ଏକ ହତ୍ୟା ମାମଲା**

## ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଆଉ ଏକ ହତ୍ୟାକାଣ୍ଡ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ୧୯୮୪ରେ ଦିଲ୍ଲୀ ଶିଖ୍ ବିରୋଧୀ ଦଙ୍ଗା ମାମଲା ସହ ଜଡିତ ଅନ୍ୟ ଏକ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ସଜ୍ଜନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଦିଲ୍ଲୀ ରାଉସ୍ ଆଭେନ୍ୟୁ କୋର୍ଟ। ଶିଖ୍ ସମ୍ପ୍ରଦାୟର କିଛି ସଦସ୍ୟ ସଜ୍ଜନ କୁମାରଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ ମଧ୍ୟ କୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ସୀମିତ ରଖିଛନ୍ତି। ତେବେ ମୃତ୍ୟୁଦଣ୍ଡ ବଦଳରେ କାରାଦଣ୍ଡ ଦିଆଯିବା ସମ୍ପର୍କରେ ଖଣ୍ଡପୀଠ ସ୍ପଷ୍ଟ ମଧ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ସଜ୍ଜନ କୁମାର ଏବେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଉପନୀତ ହୋଇଥିବା ବେଳେ ତାଙ୍କ ଠାରେ ଏକାଧିକ ଶାରୀରିକ ରୋଗବ୍ୟାଧି ରହିଛି। ଏପରକି ତାଙ୍କୁ ଶୌଚାଳୟ ଯିବା ପାଇଁ ମଧ୍ୟ ଜଣେ ସହାୟକଙ୍କ ଆବଶ୍ୟକତା ପଡୁଛି। ସୁତରାଂ ତାଙ୍କୁ ଫାଶୀଦଣ୍ଡ ଦିଆଯିବା ଯୁକ୍ତିଯୁକ୍ତ ନୁହେଁ। ପ୍ରକାଶ ଗତ ଫେବୃଆରୀ ୧୨ରେ ରାଉସ୍ ଆଭେନ୍ୟୁ କୋର୍ଟ ସଜ୍ଜନଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୧୪୭, ୧୪୮, ୧୪୯, ୩୦୨, ୩୦୮, ୩୨୩, ୩୯୫, ୩୯୭, ୪୨୭, ୪୩୬ ଓ ୪୪୦ରେ ସଜ୍ଜନଙ୍କ ବିରୋଧରେ ଦଣ୍ଡବିଧାନ କରିଥିଲେ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ତିହାର ଜେଲ୍‌ରେ ଆଜୀବନ କାରାଦଣ୍ଡ ଭୋଗୁଥିବା ସଜ୍ଜନ କୁମାରଙ୍କ ଗୋଟିଏ ପରେ ଗୋଟିଏ ଅପରାଧିକ ଘଟଣାର ଦଣ୍ଡାଦେଶ ଆସିବାରେ ଲାଗିଛି।



ଏହି ମାମଲା ୧୯୮୪ ମସିହା ନଭେମ୍ବର ୧/୨ ତାରିଖରେ ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଦୁଇ ଶିଖ୍ ନାଗରିକ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟାକାଣ୍ଡ ସହ ଜଡ଼ିତ। ଏହି ସମୟରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ପାଲାମ କଲୋନୀର ରାଜ ନଗର ପାର୍ଟ-୧ ଅଞ୍ଚଳରେ ୫ ଜଣ ଶିଖଙ୍କୁ ହତ୍ୟା କରିବା ଏବଂ ରାଜ ନଗର ପାର୍ଟ-୨ରେ ଥିବା ଏକ ଗୁରୁଦ୍ୱାରରେ ନିଆଁ ଲଗାଇବା ମାମଲାରେ ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇସାରିଛି। ତେବେ ସେ ଏସବୁ ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଶୁଣାଣି ପ୍ରକ୍ରିୟା ବିଚାରାଧୀନ ରହିଛି। ସେହିପରି ତାଙ୍କ ବିରୋଧରେ ଥିବା ଅନ୍ୟ ଦୁଇଟି ମାମଲାରେ ନିମ୍ନ ଅଦାଲତ ତାଙ୍କୁ ଦୋଷମୁକ୍ତ କରିବା ବିରୋଧରେ ଏବେ ହାଇକୋର୍ଟରେ ଦୁଇଟି ଆବେଦନ ବିଚାରାଧୀନ ରହିଛି। ଏତଦ୍‌ବ୍ୟତୀତ ୧୯୮୪ ମସିହାରେ ଜନକପୁରି ଓ ବିକାଶପୁରୀ ଅଞ୍ଚଳରେ ହୋଇଥିବା ଦଙ୍ଗା ସମ୍ପର୍କିତ ଆଉ ଏକ ମାମଲାରେ ମଧ୍ୟ ଦିଲ୍ଲୀର ଏକ ଅଦାଲତ ଶୁଣାଣି କରୁଛନ୍ତି। ଏଥିବରେ ମଧ୍ୟ ସଜ୍ଜନ କୁମାରଙ୍କ ସମ୍ପୃକ୍ତି ରହିଛି।

## ନିର୍ବାଚନ ଆଗରୁ ନଡ୍ଡା-ନୀତୀଶ ଭେଟଘାଟ


### ଦିଲ୍ଲୀ ପରେ ଏବେ ବିହାର ଦଖଲ ଯୋଜନାରେ ବିଜେପି

**ପାଟନା,୨୪।୨/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳଗୁଡ଼ିକ ନିଜ ହିସାବରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏବେଠୁ ରାଜ୍ୟ ରାଜନୀତି ବେଶ୍ ସରଗରମ ହେବାରେ ଲାଗିଛି। ଅନ୍ୟପକ୍ଷେ ଗତ ୨ ମାସ ହେଲାଣି ଚର୍ଚ୍ଚା ହେଉଛି କି, ନୀତୀଶ କୁମାର ଏଥର ଏନଡିଏ ମେଣ୍ଟ ଛାଡ଼ି ଇଣ୍ଡି ମେଣ୍ଟରେ ଯୋଗଦେଇପାରନ୍ତି। ଏହାକୁ ନେଇ ବିଜେପିର ତୁଙ୍ଗନେତାମାନେ ଏବେ ନୀତୀଶଙ୍କୁ ଖୁସି କରିବାରେ ଲାଗିପଡିଛନ୍ତି। ଏସବୁ ମଧ୍ୟରେ ନୀତୀଶ କୁମାରଙ୍କୁ ଆଜି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସାକ୍ଷାତ କରିଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଦିନକ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଭାଗଲପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଫେରିଥିବା ବେଳେ ୨୪ ଘଣ୍ଟା ମଧ୍ୟରେ ଜେପି ନଡ୍ଡା ବିହାରରେ ପହଞ୍ଚିଛନ୍ତି। ମୋଦୀ ଗତକାଲି ନୀତୀଶ କୁମାରଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ବେଶ୍ ତାରିଫ୍ କରିଥିବା ବେଳେ ଆଜି ନଡ୍ଡା ନୀତୀଶଙ୍କୁ ସାକ୍ଷାତ କରିଛନ୍ତି। ବିହାର ଗସ୍ତ ସମୟରେ ନଡ୍ଡା ଦଳୀୟ ନେତା ଓ କର୍ମୀଙ୍କୁ ଭେଟିଛନ୍ତି। ଆଗାମୀ ଦିନରେ ବିହାରରେ ବିଜେପି କ୍ଷମତାକୁ ଆସିବେ ସେନେଇ ପ୍ଲାନ ବି' ମଧ୍ୟ ସେ ପ୍ରସ୍ତୁତ କରିଥିବା କୁହାଯାଉଛି।



## ଭାରତରେ 'ପାକିସ୍ତାନ ଜିନ୍ଦାବାଦ୍' ନାରା



**ପୁଣେ,୨୪।୨/ଏଜେନ୍ସି:** ପାକିସ୍ତାନରେ ଆୟୋଜିତ ହେଉଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ଅନ୍ତର୍ଗତ ଗତ ୨୩ ଫେବୃଆରୀରେ ଦୁବାଇର ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଏକ ଚମତ୍କାର ବିଜୟ ହାସଲ କରିଥିଲା। କିନ୍ତୁ ଏହି ଦିନ ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲ୍ଲାର ମାଲଭାନ୍ ଅଞ୍ଚଳରେ କିଛି ମୁସଲମାନ ଯୁବକ ଦେଶ ବିରୋଧୀ ସ୍ଲୋଗାନ (ପାକିସ୍ତାନ ଜିନ୍ଦାବାଦ ନାରା) ଦେଇ ଦଙ୍ଗା ଉସୁକାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ନିଲେଶ ରାଣେ (ଶିବସେନା ବିଧାୟକ) ଏପ୍ରକାର ସ୍ଲୋଗାନ ଦେଇଥିବା କିଛି ମୁସଲିମ୍ କୱାଡିବାଲାଙ୍କ ବିରୋଧରେ ଅଭିଯୋଗ ଦାୟର କରିଥିଲେ। ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ସମର୍ଥକମାନେ ସେମାନଙ୍କୁ ଏପରି ନାରାବାଜି ନକରିବାକୁ କହିବାରୁ ସେମାନେ ଅପମାନଜନକ ତଥା ଖରାପ ଶବ୍ଦରେ ଗାଳିଗୁଲଜ କରିଥିଲେ। ଏପରିକି ଦେଶ ବିରୋଧରେ ମଧ୍ୟ ସେମାନେ ଆପତ୍ତିଜନକ ଭାଷାର ବ୍ୟବହାର କରିଥିଲେ। ନିଲେଶ ରାଣାଙ୍କ ସହ ମାଲଭାନର ସମସ୍ତ ହିନ୍ଦୁ ଯୁବକମାନେ ସେହିରାତିରେ ହିଁ ପୁଲିସ୍ ନିକଟରେ ଅଭିଯୋଗ କରିଥିଲେ। ତେବେ ଏପ୍ରକାର ଅଭିଯୋଗ ମିଳିବା ପରେ ଉକ୍ତ କୱାଡିବାଲାଙ୍କ ଦୋକାନଟିକୁ ପ୍ରଶାସନ ପକ୍ଷରୁ ବୁଲଡୋଜର ଦ୍ୱାରା ଭାଙ୍ଗିଦିଆଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ମୁସଲିମ୍ ବ୍ୟକ୍ତିଙ୍କ ଏପ୍ରକାର ସ୍ଲୋଗାନର ପ୍ରତିବାଦରେ, ଅର୍ଥାତ୍ ମଙ୍ଗଳବାର ଅପରାହ୍ନରେ, ହିନ୍ଦୁ ସମ୍ପ୍ରଦାୟ ଦ୍ୱାରା ମାଲଭାନ ଦେଉଳୱାଡା ସେତୁରୁ ମାଲଭାନ ପୋଲିସ ଷ୍ଟେଶନ ପର୍ଯ୍ୟନ୍ତ ଏକ ମୋଟରସାଇକେଲ ରାଲି ବାହାର କରାଯାଇଥିଲା। ଏହି ମାମଲାରେ ଥାଣେ ପୁଲିସ୍ ଗୋଟିଏ ପରିବାରର ୩ ଜଣଙ୍କୁ ଅଟକ ରଖିଥିବା ବେଳେ ଜଣଙ୍କୁ ଗିରଫ କରିଛି। ଅଟକଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବାରୁ ତାଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ମାମଲା ଆରମ୍ଭ ହେଉଛି।

**ଅଭିଯୁକ୍ତ କୱାଡିବାଲାଙ୍କ ଦୋକାନ ଉପରେ ଚାଲିଲା ବୁଲଡୋଜର**

**ପାକିସ୍ତାନର ଗଦ୍ଦାଫି ଷ୍ଟାଡିୟମ୍‌ରେ ତ୍ରିରଙ୍ଗା ଉଡାଇ ପାକ୍ ଯୁବକ ଗିରଫ**

ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନର ଲାହୋର ଷ୍ଟାଡୟମ୍‌ରେ ଏକ ମ୍ୟାଚ୍ ଚାଲିଥିବା ବେଳେ ଭାରତର ପତାକା ତ୍ରିରଙ୍ଗା ଉଡାଇଥିବା ଜଣେ ପାକିସ୍ତାନୀ ପ୍ରଶଂସକଙ୍କୁ ପାକିସ୍ତାନ ପୁଲିସ୍ ଷ୍ଟାଡିୟମ୍‌ରୁ ହିଁ ଗିରଫ କରିଥିବା ସୂଚନା ମିଳିଛି। ତାଙ୍କ କଲର ଧରି ତାଙ୍କୁ ଘୋଷାଡି ନେଇଥିଲେ ପାକ୍ ସୁରକ୍ଷାକର୍ମୀମାନେ। ଏହି ଘଟଣାର ଏକ ଭିଡିଓ ଏବେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଭିଡିଓଟି ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ବୋଲି ଜଣାପଡିଛି।

## ଅବକାରୀ ନୀତି ଯୋଗୁଁ ୨୦୦୦ କୋଟିର ରାଜସ୍ୱ କ୍ଷତି




**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ମଙ୍ଗଳବାର ଦିଲ୍ଲୀ ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ, ଦିଲ୍ଲୀ ଅବକାରୀ ଦୁର୍ନୀତି ଉପରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ସିଏଜି ରିପୋର୍ଟକୁ ଗୃହରେ ଉପସ୍ଥାପନ କରିଛନ୍ତି। ଏଥିରେ ପୂର୍ବ ସରକାରଙ୍କ ଦିଲ୍ଲୀ ଅବକାରୀ ନୀତି ଯୋଗୁ ରାଜସ୍ୱକୁ ପ୍ରାୟ ୨ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ (୨୦୦୨ କୋଟି) ରାଜସ୍ୱ ହାନୀ ହୋଇଥିବା ଦର୍ଶାଯାଇଛି। ଅବକାରୀ ନୀତି ଉପରେ ଏହି ସିଏଜି ଅଡିଟ୍ ରିପୋର୍ଟ ୨୦୧୭-୨୦୧୮ ରୁ ୨୦୨୦-୨୦୨୧ ମଧ୍ୟରେ ମାଦକ ସାମଗ୍ରୀର ନିୟନ୍ତ୍ରଣ ଏବଂ ଯୋଗାଣ ଯାଞ୍ଚ କରାଯାଇଛି। ଏହା ସହିତ, ୨୦୨୧-୨୨ ର ଉତ୍ପାଦ ନୀତିର ମଧ୍ୟ ସମୀକ୍ଷା କରାଯାଇଛି। ପ୍ରକାଶ ତତ୍କାଳୀନ ଆମ୍ ଆଦ୍‌ମୀ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଦିଲ୍ଲୀ ଅବକାରୀ ନୀତିକୁ ନେଇ ବ୍ୟାପକ ବିରୋଧ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ସେପ୍ଟେମ୍ବର ୨୦୨୨ରେ ଏହାକୁ ପ୍ରତ୍ୟାହାର କରିନେଇଥିଲେ।

ସିଏଜି ରିପୋର୍ଟ ଅନୁସାରେ ନୂତନ ମଦ ନୀତି କାର୍ଯ୍ୟକାରୀ କରିବା ସମୟରେ, ଆମ୍ ଆଦ୍‌ମୀ ପାର୍ଟି ଅନେକ ଗୁରୁତର ଅନିୟମିତତା କରିଥିଲା ଯେଉଁ କାରଣରୁ ଏହି କ୍ଷତି ସହ୍ୟ କରିବାକୁ ପଡିଛି। ଏତଦ୍‌ବ୍ୟତୀତ କେଜ୍ରିୱାଲ୍ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଏବଂ ଅନୁପାଳନ କରୁନଥିବା କ୍ଷେତ୍ରରେ ଲାଇସେନ୍ସ ପ୍ରଦାନରେ ଶିଥିଳତା ଯୋଗୁଁ ପ୍ରାୟ ୯୪୧ କୋଟି ଟଙ୍କାର କ୍ଷତି ଘଟିଛି ବୋଲି ରିପୋର୍ଟ ଦର୍ଶାଇଛି। ତେବେ ଏସବୁ ପଛରେ ଉଦ୍ଦେଶ୍ୟମୂଳକ ଷଡଯନ୍ତ୍ର ରହିଥିବା ସେ ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସିଏଜି ରିପୋର୍ଟ ଉପସ୍ଥାପନ କରିବା ସମୟରେ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ସରକାର ସମୟରେ ହୋଇଥିବା ଏକାଧିକ ଦୁର୍ନୀତି ଘଟଣା ଆଧାରରେ ଦିଲ୍ଲୀ ବିଧାନସଭାରେ ମୋଟ୍ ୧୪ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ଦିଲ୍ଲୀ ଅବକାରୀ ନୀତି ଅନ୍ତର୍ଗତ ହୋଇଥିବା ଦୁର୍ନୀତି ଏହା ମଧ୍ୟରୁ ଅନ୍ୟତମ। ଲାଇସେନ୍ସ ପ୍ରଦାନ ବେଳେ ପ୍ରଚଳିତ ପ୍ରକ୍ରିୟାର ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବ୍ୟତୀତ ମଦ ନୀତିରେ ପରିବର୍ତ୍ତନ ପାଇଁ ଗଠିତ ବିଶେଷଜ୍ଞ କମିଟିର ସୁପାରିସକୁ ମଧ୍ୟ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ମନୀଷ ସିସୋଦିଆ ଅଣଦେଖା କରିଥିଲେ। ରିପୋର୍ଟରେ ସରକାରୀ ରାଜକୋଷକୁ ୯୪୧.୫୩ କୋଟି ଟଙ୍କାର ରାଜସ୍ୱ କ୍ଷତି, ଲାଇସେନ୍ସ ଫି'ରେ ପ୍ରାୟ ୮୯୦.୧୫ କୋଟି ଟଙ୍କା କ୍ଷତି ଏବଂ ଅନ୍ୟ କେତେକ ରିହାତି ଯୋଗୁଁ ୧୪୪ କୋଟି ଟଙ୍କାର ଅଭାବ ଥିବା ଦର୍ଶାଯାଇଛି। ଏହିପରିଭାବେ ରାଜ୍ୟର ପ୍ରାୟ ୨ ହଜାର କୋଟି କ୍ଷତି ହୋଇଥିଲା ବୋଲି ରିପୋର୍ଟ କହିଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଦିଲ୍ଲୀ ବିଧାନସଭାରେ ଆଜି ବ୍ୟାପକ ହଙ୍ଗାମା କରିବା ଅଭିଯୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତ୍ରୀ ଅତିଶୀଙ୍କ ସମେତ ମୋଟ୍ ୧୨ ବିଧାୟକଙ୍କୁ ଦିନକ ପାଇଁ ଗୃହରୁ ମୁଲତବୀ କରାଯାଇଥିଲା। ଗୃହରେ ଉପରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକମାନେ ଜୋରଦାର ହଙ୍ଗାମା କରିଥିଲେ। ଫଳରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ବିରୋଧୀ ଦଳ ନେତା ଆତିଶୀଙ୍କ ସମେତ ୧୨ ଜଣ ଆପ୍ ବିଧାୟକଙ୍କୁ ସାରା ଦିନ ପାଇଁ ବିଧାନସଭାରୁ ନିଲମ୍ବିତ କରିଥିଲେ।

**ଦିଲ୍ଲୀ ବିଧାନସଭାରେ ସିଏଜି ରିପୋର୍ଟ ଆଗତ**

**ଦିନକ ପାଇଁ ଅତିଶୀଙ୍କ ସମେତ ୧୨ ଆପ୍ ବିଧାୟକ ନିଲମ୍ବିତ**

**ଭିସା ନିୟମ ପରିବର୍ତ୍ତନ କଲା କାନାଡା**

## ଭୟ, ଆଶଙ୍କାରେ ୪.୨୭ ଲକ୍ଷ ଭାରତୀୟ

**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** କାନାଡା ଏବେ ନିଜ ଭିସା ନିୟମରେ ସଂଶୋଧନ କରିଛି। ବିଶେଷକରି ପୂର୍ବରୁ ପ୍ରଚଳିତ ରହିଥିବା ଭିସା ନିୟମଗୁଡ଼ିକକୁ ଫେବୃଆରୀ ୨୦୨୫ ଠାରୁ କାନାଡା ପରିବର୍ତ୍ତନ କରିଛି। କାନାଡାର ଏହି ନିଷ୍ପତ୍ତି ଫଳରେ ପ୍ରାୟ ୪.୨୭ ଲକ୍ଷ ଭାରତୀୟ ଭୟଭୀତ ହୋଇପଡଇଛନ୍ତି। କେବଳ ଭାରତୀୟ ନାଗରିକ ନୁହଁନ୍ତି ଅନ୍ୟ ଦେଶର ମଧ୍ୟ ଲକ୍ଷ ଲକ୍ଷ ନାଗରିକଙ୍କୁ କାନାଡା ସରକାରଙ୍କ ଏହି ନିଷ୍ପତ୍ତି ବେଶ୍ ପ୍ରଭାବିତ କରିବ। ପ୍ରଭାବିତ ହେବାକୁ ଥିବା ନାଗରିକଙ୍କ ମଧ୍ୟରେ ଏଠାରେ ପାଠ ପଢୁଥିବା ହଜାର ହଜାର ବିଦେଶୀ ଛାତ୍ର, ଶ୍ରମିକ ଏବଂ କର୍ମଚାରୀ, ବିଶେଷକରି ଭାରତୀୟଙ୍କୁ ପ୍ରଭାବିତ କରିବ। ନୂତନ ନିୟମ କାନାଡୀୟ ସୀମା ଅଧିକାରୀମାନଙ୍କୁ ଛାତ୍ର, ଶ୍ରମିକ ଏବଂ ଅନ୍ୟାନ୍ୟ ଅସ୍ଥାୟୀ ବାସିନ୍ଦାଙ୍କ ଭିସା ସ୍ଥିତି ପରିବର୍ତ୍ତନ କରିବା ପାଇଁ ଅସୀମ କ୍ଷମତା ପ୍ରଦାନ କରେ।




କାନାଡାର ନୂତନ ଇମିଗ୍ରେସନ୍ ଏବଂ ରିଫ୍ୟୁଜି ସୁରକ୍ଷା ନିୟମ ଅନୁଯାୟୀ, କାନାଡା ସୀମା ଅଧିକାରୀମାନେ ଏବେ ୱାର୍କ ପରମିଟ, ଛାତ୍ର ଭିଜା ଏବଂ ଅସ୍ଥାୟୀ ବାସସ୍ଥାନ ଭିସା (ଟିଆରଭି) ପ୍ରତ୍ୟାଖ୍ୟାନ କିମ୍ବା ବାତିଲ କରିବାର କ୍ଷମତା ରଖିଛନ୍ତି। କାନାଡାରେ ତାଙ୍କର ଅଧିକାରପ୍ରାପ୍ତ ରହଣି ସମୟ ଶେଷ ହେବା ପରେ ଜଣେ ବ୍ୟକ୍ତି ଦେଶ ଛାଡିବାକୁ ପ୍ରସ୍ତୁତ କି ନାହିଁ ତାହା ଏହି ଅଧିକାରୀମାନେ ନିର୍ଣ୍ଣୟ କରିପାରିବେ।

ଭାରତୀୟ ଛାତ୍ର ଏବଂ ଶ୍ରମିକଙ୍କ ପାଇଁ କାନାଡା ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ହୋଇଆସିଛି। ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ କାନାଡାରେ ୪.୨ ଲକ୍ଷରୁ ଅଧିକ ଭାରତୀୟ ଛାତ୍ର ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି। କାନାଡାରେ କାମ କରିବା, ପାଠପଢ଼ା କରିବା କିମ୍ବା ସ୍ଥାୟୀ ବାସ କରିବାକୁ ଯୋଜନା କରୁଥିବା ଭାରତୀୟ ଛାତ୍ର, ଶ୍ରମିକ ଏବଂ ପ୍ରବାସୀମାନଙ୍କ ପାଇଁ ଏହି ନୂତନ ନିୟମଗୁଡ଼ିକ ଚ୍ୟାଲେଞ୍ଜିଂ ସାବ୍ୟସ୍ତ ହୋଇପାରେ। ଯଦି ଜଣେ ଛାତ୍ର, ଶ୍ରମିକ କିମ୍ବା ପ୍ରବାସୀଙ୍କ ଭିସା ବାତିଲ ହୋଇଯାଏ, ତେବେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାନାଡା ଛାଡ଼ିବାକୁ ପଡିବ। ଯଦି ଜଣେ ବ୍ୟକ୍ତି ପୂର୍ବରୁ କାନାଡାରେ ରହୁଛନ୍ତି ଏବଂ ତାଙ୍କ ପରମିଟ୍ ବାତିଲ ହୋଇଯାଏ, ତେବେ ତାଙ୍କୁ ଦେଶ ଛାଡିବା ପାଇଁ ନୋଟିସ୍ ଦିଆଯିବ। ପ୍ରକାଶ, ବର୍ତ୍ତମାନ କାନାଡାରେ ପ୍ରାୟ ୪.୨୭ ଲକ୍ଷ ଭାରତୀୟ ଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଛି, ଯାହା ଫଳରେ କାନାଡା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶ୍ରେଷ୍ଠ ଶିକ୍ଷାଗତ ସ୍ଥଳ ପାଲଟିଛି। ଗତବର୍ଷ, ୩.୬୫ ଲକ୍ଷ ଭାରତୀୟଙ୍କୁ ପରିଦର୍ଶକ ଭିସା ପ୍ରଦାନ କରାଯାଇଥିଲା, ଯାହା ଏହି କଥାର ପ୍ରମାଣ ଯେ ଭାରତୀୟ ନାଗରିକମାନେ ଶିକ୍ଷା ଏବଂ ନିଯୁକ୍ତି ପାଇଁ କାନାଡାକୁ ଏକ ପ୍ରମୁଖ ପସନ୍ଦ ଭାବରେ ବିବେଚନା କରନ୍ତି।

## ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ଜେଡ୍‌ଆର୍‌ୟୁସିସିର ୧୦୪ତମ ବୈଠକ ଆୟୋଜିତ

**କୋଲକାତା, ୨୪।୨/ଏଜେନ୍ସି:** ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଜେଡ୍‌ଆର୍‌ୟୁସିସି)ର ୧୦୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କୋଲକାତା ଠାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ଜ୍ୟୋତିର୍ମୟ ସିଂହ ମହାତୋ, ସାଂସଦ ଖିରୁ ମହାତୋ, ସାଂସଦ କାଳୀପଦ ଶାରେନ୍ ଖେରୱାଲ, ବିଧାୟକ ଶ୍ୟାମଲ ମଣ୍ଡଳ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଜେଡ୍‌ଆର୍‌ୟୁସିସିର ମୋଟ୍ ୧୮ ଜଣ ସମ୍ମାନନୀୟ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ଉପସ୍ଥିତ ସଦସ୍ୟମାନଙ୍କୁ ଦକ୍ଷିଣପୂର୍ବ ରେଳପଥର ସାମ୍ପ୍ରତିକ ସଫଳତା ଏବଂ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ। ସେ ଯାତ୍ରୀ ସୁବିଧା, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ସୁରକ୍ଷା ପଦକ୍ଷେପରେ ଉନ୍ନତି, ମାଲ ପରିବହନରେ ବୃଦ୍ଧି, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନଃବିକାଶ, ବନ୍ଦେ ଭାରତ ଏକ୍ସପ୍ରେସର ପରିଚାଳନା, ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ ଯୋଜନା ଇତ୍ୟାଦି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ସେ ଷ୍ଟେସନଗୁଡ଼ିକରେ ଲିଫ୍ଟ, ଏସ୍କେଲେଟର, ଶୌଚାଳୟ, ପ୍ଲାଟଫର୍ମ ସେଡ୍, ଯାତ୍ରୀମାନଙ୍କ ପାଇଁ ରାମ୍ପ ଭଳି ଅଧିକ ଯାତ୍ରୀ ସୁବିଧାର ଆବଶ୍ୟକତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସଦସ୍ୟମାନେ ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ଟ୍ରେନ୍ ସେବା, ଯାତ୍ରୀ ସୁବିଧା ଏବଂ ଉନ୍ନତ ସଂଯୋଗୀକରଣରେ ଆହୁରି ଉନ୍ନତି ପାଇଁ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଦେଇଥିଲେ।



## ଆଉ ବଢ଼ିବନି ଧାନ କିଣା ଅବଧି

# ମାର୍ଚ୍ଚ ୩୧ ପରେ ଆଉ ଧାନ ନେବେନି ସରକାର: ମନ୍ତ୍ରୀ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ମାର୍ଚ୍ଚ ୩୧ ପରେ ଆଉ ଧାନ ନେବେନି ସରକାର। ଆଉ ବଢ଼ିବନି ଧାନ କିଣା ଅବଧି। ଏ ନେଇ ଡେଡ୍‌ଲାଇନ ଦେଲେ ରାଜ୍ୟ ସରକାର। ମାର୍ଚ୍ଚ ୩୧ ପରେ ଆଉ ଧାନ ନେବେନି ସରକାର। ବର୍ତ୍ତମାନ ସୁଦ୍ଧା ୬୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ସରିଛି। ଟାର୍ଗେଟରେ ୯୦ % ଧାନ ସଂଗ୍ରହ ହୋଇସାରିଲାଣି ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସୂଚନା ଅନୁଯାୟୀ, ତେବେ ନଭେମ୍ବର ୨୧ରୁ ବରଗଡ଼ରୁ ଧାନ କିଣା ପକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୬୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ସରିଛି। ଟାର୍ଗେଟରେ ୯୦ % ଧାନ ସଂଗ୍ରହ ହୋଇସାରିଲାଣି। ତେବେ ଆଉ ୩୫ ଦିନ ପରେ ଧାନ କିଣିବେନି ସରକାର। ଏନେଇ ଡେଡଲାଇନ ଲାଇନ୍ ସ୍ଥିରି କରାଯାଇଛି।

# ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ବିଜେପିର ନୂଆ ମଙ୍ଗୁଆଳ

## ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ: ତୋମାର

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** କିଏ ହେବେ ରାଜ୍ୟ ବିଜେପିର ନୂଆ ମଙ୍ଗୁଆଳ ? ପୁରୁଣା ଉପରେ ଭରସା ନା' ନୂଆ ନେତାଙ୍କ ମୁଣ୍ଡରେ ଢଳାଯିବ ସୁନା କଳସ ? ଏଭଳି କିଛି ପ୍ରଶ୍ନର ଆଗୁଆ ଉତ୍ତର ଦେଇଛନ୍ତି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର। ସେ କହିଛନ୍ତି ଯେ, ମାର୍ଚ୍ଚ ୩୧ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନାଁ ଘୋଷଣା କରାଯିବ। ମାତ୍ର ଦିଲ୍ଲୀରୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦେଶ ଆସିନାହିଁ। ଏନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ସେହିପରି ବିଭିନ୍ନ ବୋର୍ଡ଼ ଓ ନିଗମର ଅଧ୍ୟକ୍ଷ ନିଯୁକ୍ତି ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଠିକଣା ସମୟରେ ନାଁ ଘୋଷଣା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟିପିସିଓଡ଼ିଏଲ୍ ଜନଶୁଣାଣି

# ୧୪୨.୧୫ କୋଟି କ୍ଷତି ଭରଣା, ବଢ଼ିପାରେ ୧୨.୪୨ ପଇସା

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ଗ୍ରୀଡ୍‌କୋ ଠାରୁ ୧୩୧୦ ନିୟୁତ୍ ୟୁନିଟ୍ ବିଦ୍ୟୁତ ଆସନ୍ତାବର୍ଷ ପାଇଁ କ୍ରୟ ହେବ। ଅର୍ଥାତ ଗ୍ରୀଡ୍‌କୋ ଠାରୁ ୧୩୮୨୩ ନିୟୁତ ୟୁନିଟ୍ କ୍ରୟକରି ୪୬୮୮.୩୬ କୋଟି ଟଙ୍କା ପଇଠ କରିବ। ସେଥିରୁ ୧୭.୧୭% ହିସାବରେ ୨୩୭୪ ନିୟୁତ ୟୁନିଟ୍ ବିତରଣ କ୍ଷତି ଆକଳନ ହୋଇଛି। ଅବଶିଷ୍ଟ ୧୧,୪୪୯ ନିୟୁତ ୟୁନିଟ୍ ଉପଭୋକ୍ତାଙ୍କୁ ବିକ୍ରି କରାଯିବ। ନେଟ୍ ରାଜସ୍ୱ ଆବଶ୍ୟକତା ୬୮୬୨.୫୪ କୋଟି ଟଙ୍କା ଆକଳନ କରିଥିବାବେଳେ ଅଦାୟ ହେବ ୬୭୨୦.୩୯ କୋଟି ଟଙ୍କା। ଅର୍ଥାତ ୧୪୨.୧୫ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ହେବ। ସେଣ୍ଟ୍ରାଲ ଜୋନ ଜନଶୁଣାଣି ବେଳେ ଟିପିସିଓଡ଼ିଏଲ ଏହି ସୂଚନା ଦେଇଛି। ତେଣୁ କ୍ଷତି ଭରଣା ପାଇଁ ୟୁନିଟ୍ ପିଛା ୧୨.୪୨ ପଇସା ଟାରିଫ ବୃଦ୍ଧି ହୋଇପାରେ ବୋଲି ବିଦ୍ୟୁତ ଉପଭୋକ୍ତା ମହାସଂଘ ଆଶଙ୍କା ପ୍ରକଟ କରିଛି।

ମଙ୍ଗଳବାର ଆବେଦନକାରୀ ଟାଟା କେନ୍ଦ୍ରୀୟ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡ଼ିଏଲ) ସହିତ ୩୨ ଅଭିଯୋଗକାରୀ ଓ ଶକ୍ତି ବିଭାଗ ଉପସ୍ଥିତିରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଖୁଚୁରା ବିଦ୍ୟୁତ୍‌ମୂଲ୍ୟ ନିରୂପଣ କରିବା ନିମନ୍ତେ ଜନଶୁଣାଣି ହୋଇଯାଇଛି। ଏଥିରେ ଟିପିସିଓଡ଼ିଏଲ କିଛି ପ୍ରସ୍ତାବ ରଖିବା ପରେ ଅଭିଯୋଗକାରୀ ତଥା ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥି ଭିତ୍ତିଭୂମି ଓ ପୁଞ୍ଜିନିବେଶ ଉପରେ ଆଲୋଚନା କରିଛନ୍ତି। ସେହିପରି ଅନ୍ୟ ଅଭିଯୋଗକାରୀ ଙ୍କ ଅକ୍ଷୟ ସାହାଣି, ବିଭୁ ସ୍ୱାଇଁ, କଟକ ରୋଟାରୀ କ୍ଲବ, ପ୍ରିୟବ୍ରତ ସାହୁ, ସତ୍ୟ ରଥ, ରୁଦ୍ର ହୋତା, ଇଷ୍ଟକୋଷ୍ଟ ରେଳପଥ, ଓପିଟିସିଏଲ, ପ୍ରସନ୍ନ ବିଶୋଇ, କମଳାକାନ୍ତ ଦାସ ଓ ଜ୍ୟୋତି ଦାସ ପ୍ରଭୃତି ଉପଭୋକ୍ତମାନେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ଭିଡିଓ କନଫରେନ୍ସିଂ ଜରିଆରେ ସାମିଲ ହୋଇଥିବା ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ବିଦ୍ୟୁତ ଆଇନରେ ଥିବା ବିଧିବ୍ୟବସ୍ଥା ଉପରେ ମତ ରଖିଥିଲେ। ସେ କହିଥିଲେ ପାରଦର୍ଶିତା ବୃଦ୍ଧି ଆଧାରରେ ଟାରିଫ୍ ନିର୍ଣ୍ଣୟ କରାଯାଏ। ପୂର୍ବବର୍ଷ ଯେଉଁ ହାରରେ ରାଜସ୍ୱ ଅଦାୟ ନିଶ୍ଚିତ ହୋଇଛି, ତାଠାରୁ କମ ହାରରେ ଆସନ୍ତା ବର୍ଷର ରାଜସ୍ୱ ଆକଳନ କରିବା କଥା। ତେଣୁ ପୂର୍ବବର୍ଷରେ ନିଶ୍ଚିତ ହୋଇଥିବା ରାଜସ୍ୱ ଅଦାୟ ହାର ଠାରୁ ଅଧିକ କିମ୍ବା ଅତିକମରେ ସେହି ହାରରେ ଆସନ୍ତା ବର୍ଷପାଇଁ ରାଜସ୍ୱ ଅଦାୟ ଆକଳନ କରାଯାଉ। ବିଦ୍ୟୁତ ଆଇନ ୨୦୦୩ ଧାରା ୬୨(୬) ଅନୁସାରେ ସୁଧସହ ଉପଭୋକ୍ତାଙ୍କୁ ୪୦୪ କୋଟି ଫେରସ୍ତ କରାଯାଉ ବୋଲି ସେ ମଧ୍ୟ ପ୍ରସ୍ତାବ ରଖିଛନ୍ତି। ଏମିତି ବିଭିନ୍ନ କ୍ଷେତ୍ରରୁ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ମତ ରଖିଛନ୍ତି।

# ହଂସିତାଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ

**କଟକ,୨୫।୨/ ଏନ୍ଏନ୍ଏସ୍:** ଠକ ଦମ୍ପତି ହଂସିତା-ଅନିଲ ଗିରଫ ମାମଲାରେ ହାଇକୋର୍ଟ ହଂସିକାଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସ୍ୱାମୀଙ୍କ ଅସୁସ୍ଥତା କାରଣ ଦର୍ଶାଇ ସେ ହାଇକୋର୍ଟରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ଜାମିନ ଆବେଦନ ଖାରଜ ହେବା ପରେ ଏବେ ହଂସିତାଙ୍କୁ ନିରାଶ ହୋଇଥିଲା ବେଳେ ତାଙ୍କୁ ଏବେ ଜେଲରେ ହିଁ ରହିବାକୁ ପଡ଼ିବ। ହଂସିତା ଓ ଅନିଲଙ୍କୁ ଗତ ମାସରେ କମିଶନରେଟ ପୁଲିସ ଗିରଫ କରିଥିଲା। ତଦନ୍ତରୁ ସେମାନଙ୍କର କଳା ସାମ୍ରାଜ୍ୟ ବିଷୟ ପଦାକୁ ଆସିଥିଲା। ସେମାନେ ବଡ଼ ବଡ଼ିଆଙ୍କୁ ଟାରଗେଟ କରି କୋଟି କୋଟି ଟଙ୍କା ରୋଜଗାର କରିଥିଲେ। ଦୁହେଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କୁ ଝିଅ ଓ ଜ୍ୱାଇଁ ବୋଲି ପରିଚୟ ଦେଉଥିଲେ। ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ହଂସିକା ଓ ତାଙ୍କ ସହଯୋଗୀ ଅନିଲ ମହାନ୍ତିଙ୍କୁ ପୁଲିସ ଗିରଫ କରିଥିଲା। ଓଡିଶା ସହିତ ଛତିଶଗଡ଼ ଏବଂ ଝାରଖଣ୍ଡରେ ସେମାନେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ଆୟକର ବିଭାଗ ଚଢ଼ାଉ କରି ୫୮କୋଟି ଟଙ୍କାର ସଂପତ୍ତି ଜବତ କରିଥିଲା। ହଂସିକା ଏବେ ଝାରପଡ଼ା ଜେଲରେ ଅଛନ୍ତି।



# କିଟ୍‌ରେ ଇଣ୍ଡିଆ ଟ୍ରେକ୍‌ର ୨୧ ଜଣିଆ ପ୍ରତିନିଧିମଣ୍ଡଳ


**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୨୩ ତାରିଖରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୨୧ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଅଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା ଓ ଜ୍ଞାନର ଆଦାନ ପ୍ରଦାନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କିଟ୍ ଓ କିସ୍ ବୁଲିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣୁଛନ୍ତି। ସେହିପରି ଇଣ୍ଡୋ-ଜାପାନ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଜାପାନରୁ ମଧ୍ୟ ଏକ ପ୍ରତିନିଧିମଣ୍ଡଳ ୨୨ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର କଳା, ସଂସ୍କୃତି, ସ୍ଥାପତ୍ୟ ଆଦି ସମ୍ପର୍କରେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଥିଲେ। ଏହା ଛଡ଼ା ଉଭୟ ଦେଶର ଛାତ୍ରଛାତ୍ରୀମାନେ ନିଜ ନିଜ ଦେଶର କଳା, ସଂସ୍କୃତି ଆଦି ପ୍ରଦର୍ଶନ କରିଥିଲେ। ଉଭୟ ଦେଶର କଳା, ସଂସ୍କୃତି ଓ ସ୍ଥାପତ୍ୟ ନେଇ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ସମୟ ମଧ୍ୟରେ ସେମାନେ ପୁରୀ, କୋଣାର୍କ ଭଳି ଓଡ଼ିଶାର ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ଓଡ଼ିଶାର କଳା ଓ ସ୍ଥାପତ୍ୟ ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ସେହିପରି କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ ଜାପାନ ଓ ହାର୍ଭାର୍ଡ ଛାତ୍ର ପ୍ରତିନିଧିଙ୍କଠାରୁ ସେମାନଙ୍କ ଦେଶର କଳା, ସଂସ୍କୃତି ବିଷୟରେ ଜାଣିବାକୁ ପାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସ ପାଇଁ ସେମାନେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜଙ୍ଗଲ ବିଭାଗର ଆର୍‌ଏସିପି ଅଦାଲତ

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଆରଏସିପି ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ଓଡ଼ିଶା, ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଧରମ ହାଂସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ବରିଷ୍ଠ ପ୍ରଶାସନିକ ଅଧିକାରୀ ସବିତା ମଲ୍ଲିକ ଅଦାଲତ କମିଟିର ସଦସ୍ୟ/ସଦସ୍ୟା ଓ ଯୁଗ୍ମ ସଚିବ ଦିନକୃଷ୍ଣ କର କମିଟିର ସଦସ୍ୟ-ସଚିବ ଭାବେ ଯୋଗ ଦେଇଥିଲେ।ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ନିଜର ବକ୍ତବ୍ୟରେ ପ୍ରକାଶ କଲେ ଯେ, ଉଚ୍ଚ ନ୍ୟାୟାଳୟ ଓଡ଼ିଶା ଏବଂ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଏହି ଆରଏସିପି ଅଦାଲତ କମିଟି ବୈଠକ ଆହୂତ ହୋଇଛି। ଆରଏସିପିରୁ ବଞ୍ଚିତ ସମସ୍ତ ଜଙ୍ଗଲ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଏବଂ କାର୍ଯ୍ୟରତ କର୍ମଚାରୀବୃନ୍ଦ ଏହି ଅଦାଲତରେ ଆବେଦନ କରି ନିଜ ନିଜର ନ୍ୟାୟୋଚିତ ପ୍ରାପ୍ୟ ପାଇପାରିବେ। ଆରଏସିପି ଅଦାଲତ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଦେବେନ କୁମାର ପ୍ରଧାନ ସମ୍ୟକ ସୂଚନା ଦେଇ କହିଲେ ଯେ, ଆଜି ଏହି ଆରଏସିପି ଅଦାଲତ କମିଟିର ପ୍ରଥମ ବୈଠକ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଅଦାଲତଙ୍କର ବିନା ଦ୍ୱାରସ୍ଥ ହୋଇ କିଭଳି ତ୍ୱରିତ ବେଗରେ ସେମାନଙ୍କର ଉଚିତ ନ୍ୟାୟ ପାଇପାରିବେ ତାହା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ଅଦାଲତରେ ଆଜି ମୋଟ ୧୬୨ ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି ଏବଂ ପୁନର୍ବାର ଫେବୃଆରୀ ୨୭ ତାରିଖରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବ।

# ଜଳସମ୍ପଦ ବିଭାଗରେ ସଚିବଙ୍କ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଜଳସମ୍ପଦ ବିଭାଗରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଖର୍ଚ୍ଚ ବିନିଯୋଗ କରିବା ସମ୍ପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ, ଜଳଭଣ୍ଡାରର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟଗୁଡ଼ିକ କିପରି ତ୍ୱରାନ୍ୱିତ ହୋଇପାରିବ ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଖର୍ଚ୍ଚ ବିନିଯୋଗ କେତେ ହୋଇଛି ସେ ସମ୍ପର୍କରେ ଅନୁ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ରଥଯାତ୍ରା-୨୦୨୫ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ**

# ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଆଗାମୀ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା-୨୦୨୫କୁ ଦୃଷ୍ଟିରେ ରଖି ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସମେତ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ରାଜ୍ୟ ପୁଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଶେଷ କରି ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଜନଗହଳି ଓ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ଏହାର ସୁପରିଚାଳନା ଓ ସୁବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା।

ପୁରୀ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ରଥଯାତ୍ରା ସମେତ ଅନ୍ୟ ସମୟରେ ମଧ୍ୟ ବର୍ଷସାରା ବହୁ ସଂଖ୍ୟାରେ ଜନସାଧାରଣ ଓ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ବଡଦାଣ୍ଡ ଏବଂ ପୁରୀ ବେଳାଭୂମିରେ ନିୟମିତ ଭାବେ ଭିଡ଼ ଦେଖାଦେଇଥାଏ। ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥାଏ। ତେଣୁ ଟ୍ରାଫିକ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ କରିବା, ଅପରାଧ ରୋକିବା ଓ ଆଇନଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ରାସ୍ତା, ପୁରୀ ସହର, ବଡ଼ଦାଣ୍ଡ ଓ ପୁରୀ



ବେଳାଭୂମି ଆଦି ପ୍ରମୁଖ ୩୪୩ ସ୍ଥାନରେ ସିସିଟିଭି ସ୍ଥାପନ ପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଛି । ତନ୍ମଧ୍ୟରେ ଉତ୍ତରା ଛକରୁ ମାଳତୀପାଟପୁର , ପୁରୀ ଗ୍ରୀଡ୍ ଷ୍ଟେସନରୁ କୋଣାର୍କ, ବାଲିଘାଇରୁ ନିମାପଡ଼ା, ମଙ୍ଗଳାଘାଟରୁ ସାତପଡ଼ା, ମାଳତିପାଟପୁରରୁ ମଙ୍ଗଳାଘାଟ, ମଙ୍ଗଳାଘାଟରୁ ବଡଦାଣ୍ଡ, ପୁରୀ ବଡ଼ଦାଣ୍ଡ, ବଡ଼ଦାଣ୍ଡରୁ ସମୁଦ୍ରକୂଳ, ସମୁଦ୍ର କୂଳ ଅଂଚଳ, ବଡଦାଣ୍ଡରୁ ଗ୍ରୀଡ୍ ଷ୍ଟେସନ, ପାର୍କିଂ ସ୍ଥଳ, ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେସନ ସହିତ ପୁରୀ ସହରର ଗଳି ଓ ଉପଗଳି ଆଦିରେ ବିଭିନ୍ନ ସ୍ଥାନରେ ଏହି ସମସ୍ତ ସିସିଟିଭି ଲଗାଯିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏଥି ପାଇଁ ଭିତ୍ତିଭୂମି ଓ ବୈଷୟିକ ଆବଶ୍ୟକତା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆମର ସିସିଟିଭି ବ୍ୟବସ୍ଥା ଯେପରି ଜାତୀୟସ୍ତରୀୟ ହେବ, ସେଥିପ୍ରତି ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥି ସହିତ ରଥଯାତ୍ରା ପରିଚାଳନା ସଂପର୍କିତ ସମସ୍ତ କାର୍ଯ୍ୟ ପ୍ରସ୍ତୁତି ପାଇଁ ମାନବ ପରିଚାଳନା ପଦ୍ଧତି (ଏସ.ଓ.ପି) ପ୍ରସ୍ତୁତି କରିବାକୁ ପୁଲିସ ପ୍ରଶାସନ ଓ ପୁରୀ ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଗାମୀ ରଥଯାତ୍ରା-୨୦୨୫ ପରିପ୍ରେକ୍ଷୀରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଚାଳନା କେନ୍ଦ୍ର କାର୍ଯ୍ୟ କରିବ। ବିଭିନ୍ନ ବିଭାଗର ଅଧିକାରୀମାନେ ସେହି ନିୟନ୍ତ୍ରଣ କକ୍ଷରେ ରହି ବିଭାଗ ସମ୍ପର୍କିତ କାର୍ଯ୍ୟ ପରିଚାଳନା କରିବେ। ସିସିଟିଭି ସ୍ଥାପନ ଓ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ସୁରକ୍ଷା,ଅପରାଧ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ, ଆକସ୍ମିକ ଦୁର୍ଘଟଣା ଘଟିଲେ ଠିକ୍ ସମୟରେ ତ୍ୱରିତ ପଦକ୍ଷେପ ନିଆଯିବା ସହ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀ କାଳୀନ ପଦକ୍ଷେପ ନିଆଯାଇପାରିବ।

ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗତ ୨୦୨୪ ବର୍ଷ ରଥଯାତ୍ରାରେ ପୁରୀରେ ଗହଳି ଓ ଭିଡ଼ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ପୂର୍ବ ଅନୁଭୂତି ଉପସ୍ଥାପନା କରିବା ସହିତ ଓ ଆଗାମୀ ୨୦୨୫ ରଥଯାତ୍ରା ପାଇଁ ପ୍ରସ୍ତୁତି ସଂପର୍କରେ ତଥ୍ୟ ରଖିଥିଲେ। ଉପସ୍ଥିତ ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଆଗାମୀ ଶୃଙ୍ଖଳିତ ରଥଯାତ୍ରା ପ୍ରସ୍ତୁତି ନେଇ ନିଜ ନିଜର ସୁଚିନ୍ତିତ ମତ ଦେଇଥିଲେ। ବୈଠକରେ ସମନ୍ୱିତ ଡାକବାଜି ଯନ୍ତ୍ର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକାଶ ଥାଉକି, ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧, ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ୍ ୨୭, ବାହୁଡ଼ା ଯାତ୍ରା ଜୁଲାଇ ୫ ଓ ସୁନାବେଶ ଜୁଲାଇ ୬ ତାରିଖରେ ଅନୁଷ୍ଠିତ ହେବ। ତେବେ ଚନ୍ଦନ ଯାତ୍ରା ଠାରୁ ଆରମ୍ଭ କରି ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ରଥଯାତ୍ରା ସମୟର ସମେତ କାର୍ଯ୍ୟକ୍ରମକୁ ସବୁ ବିଭାଗର ସମନ୍ୱୟରେ ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ, ସେଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବ ବୋଲି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଛନ୍ତି ଯେ, ଲୋକମାନଙ୍କ ଧାର୍ମିକ ଭାବନା ବୃଦ୍ଧି ପାଉଛି। ଆଗାମୀ ରଥଯାତ୍ରାରେ ଗତ ବର୍ଷ ଅପେକ୍ଷା ଅଧିକ ଜନଗହଳି ଆଶା କରାଯାଉଛି । ଏଥି ପାଇଁ ଏବେଠାରୁ ଯଥେଷ୍ଟ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି । ବୈଠକରେ ମଧ୍ୟ ଯାନବାହନ ପରିଚାଳନା ଓ ପାର୍କିଂ ବ୍ୟବସ୍ଥା ଆଦି ସଂପର୍କରେ ଆଲୋଚନା କରାଯାଇଥିଲା।

# ବି୨ବି ପ୍ରଦର୍ଶନୀ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ୬ଷ୍ଠ ଓଡିଶା ଟ୍ରାଭେଲ ବଜାର ବି୨ବି ପ୍ରଦର୍ଶନୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସେ କହିଥିଲେ ଯେ ଓଡ଼ିଶା ଦୁଃସାହସିକ କ୍ରୀଡ଼ା ପାଇଁ ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହୋଇଛି। ଏଠାରେ ସାମୁଦ୍ରିକ ବେଳାଭୂମି, ଘଞ୍ଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଆଦି ସମେତ ଆକର୍ଷଣୀୟ ସ୍ଥାନଗୁଡିକର ଏକ ଉତ୍କୃଷ୍ଟ ଶୃଙ୍ଖଳା ରହିଛି। ଏ ସବୁର ବିକାଶ କରି ପରବର୍ତ୍ତୀ ୫୦ ବର୍ଷ ପାଇଁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୂଳଦୁଆ ପକାଇବା ଆମର ଲକ୍ଷ୍ୟ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ଆମର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ପ୍ରତି ସରକାର ପ୍ରତିବଦ୍ଧ। ଆଗାମୀ ୫୦ ବର୍ଷରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ସହ ଓଡିଶାକୁ ଦୁଃସାହସିକ ଓ ଆବିଷ୍କାର କ୍ଷେତ୍ରରେ ଏକ ଶ୍ରେଷ୍ଠ ଗନ୍ତବ୍ୟସ୍ଥଳୀରେ ପରିଣତ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟକୁ ବାସ୍ତବ ରୂପ ଦେବା ପାଇଁ ଘରୋଇ କ୍ଷେତ୍ରରୁ ନିବେଶ ଓ ସହଭାଗିତାକୁ ସ୍ୱାଗତ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା କହିଛନ୍ତି।

ସେହିଭଳି ପର୍ଯ୍ୟଟନ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ମୁଗ୍ଧା ସିହ୍ନା କହିଛନ୍ତି ଯେ ବିବିଧ ପର୍ଯ୍ୟଟନ ଅନୁଭୂତି ପାଇଁ ଭାରତର ପ୍ରୟାସ ସହିତ ଓଡ଼ିଶାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି ଏବଂ ଆମେ ଏହି ଯାତ୍ରାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଉନ୍ନୟନ କମିଶନର ଅନୁ ଗାର୍ଗ କହିଛନ୍ତି ଯେ ପ୍ରଗତି କ୍ଷେତ୍ରରେ ଓଡ଼ିଶା ସବୁବେଳେ ଆଗରେ ରହିଆସିଛି ଏବଂ ଆଜି ଆମେ ଗର୍ବର ସହ କହୁଛୁ ଯେ ପର୍ଯ୍ୟଟନ ହେଉଛି ଏକ ଅତ୍ୟାଧୁନିକ କ୍ଷେତ୍ର ଯେଉଁଥିରେ ଆମ ରାଜ୍ୟ ଅଗ୍ରଣୀ। ପର୍ଯ୍ୟଟନ ସଚିବ ବଲୱନ୍ତ ସିଂଙ୍କ ଦ୍ୱାରା ଏକ ପ୍ରସଙ୍ଗ-ନିର୍ଦ୍ଧାରଣ ଅଧିବେଶନ ସହିତ କର୍ମଶାଳା ଆରମ୍ଭ ହୋଇଥିଲା। ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା ଓଡ଼ିଶା ଆଡଭେଞ୍ଚର୍ ଟୁରିଜିମ ମାର୍ଗଦର୍ଶିକା ୨୦୨୫ର ଡ୍ରାଫ୍ଟ ଉପସ୍ଥାପନ କରିଥିଲେ।

# ଗୋଟିଏ ଶିକ୍ଷାବର୍ଷରେ ୨ଥର ମାଟ୍ରିକ୍ ପରୀକ୍ଷାକୁ ଓଡ଼ିଶା ଅଭିଭାବକ ମହାସଂଘର ବିରୋଧ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ସିବିଏସଇ କର୍ତ୍ତୃପକ୍ଷ ଆଜି ମାଟ୍ରିକରେ ଦୁଇଥର ପରୀକ୍ଷା ପାଇଁ ଘୋଷଣା କରିଛି। ଏହାକୁ ବିରୋଧ କରିଛି ଓଡ଼ିଶା ଅଭିଭାବକ ମହାସଂଘ। ମହାସଂଘ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ କେବଳ ଦ୍ୱାଦଶ ଶ୍ରେଣୀରେ ହିଁ ବୋର୍ଡ ପରୀକ୍ଷା ରହିବ ବୋଲି ନୂତନ ଶିକ୍ଷାନୀତି ଆଧାରରେ ଘୋଷଣା କରାଯାଇଛି। ପିଲାଙ୍କୁ ଚାପ ମୁକ୍ତ ଓ ଧନ୍ଦା ମୂଳକ ଶିକ୍ଷା ଗ୍ରହଣରେ ସୁବିଧା ପାଇଁ ଏହି ନିୟମ ରଖା ଯାଇଛି ବୋଲି ନୂଆ ପଦକ୍ଷେପ ନିଆଯାଇଛି। ଏଠାରେ ପୁଣି ବର୍ଷକୁ ଦୁଇଥର ମାଟ୍ରିକ ପରୀକ୍ଷା କରାଇବା ପିଲାମାନଙ୍କୁ ପୁଣି ଚାପ ସୃଷ୍ଟି କରିବାକୁ ବାଧ୍ୟ କରିବ। ପୂର୍ବ ଘୋଷଣାର ଏହା ଏକ ପ୍ରକାର ବିରୋଧାତ୍ମକ ପ୍ରକ୍ରିୟା ହୋଇପାରେ। ନୂତନ ଶିକ୍ଷାନୀତିରେ ପିଲାମାନେ ବିନା ଚାପରେ ଦ୍ୱାଦଶ ପର୍ଯ୍ୟନ୍ତ ପାଠ ପଢ଼ିବେ ଓ କେବଳ ଦ୍ୱାଦଶ ଶ୍ରେଣୀରେ ୧୭ ଓ ୧୮ ବର୍ଷ ବୋର୍ଡ ପରୀକ୍ଷା ଦେବେ। ମାନସିକ ସ୍ତରରେ ଏହି ବୟସରେ ସେଥିପାଇଁ ସେମାନେ ପ୍ରସ୍ତୁତ ହୋଇଥିବେ। ହେଲେ ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଦୁଇଥର ପାଇଁ ଘୋଷଣା କରିବା ଅର୍ଥ ମାଟ୍ରିକ ପରୀକ୍ଷାର ଗୁରୁତ୍ୱ ପୁଣି ବଢ଼ାଇ ଦିଆଯାଇଛି। ତେଣୁ ଯେଉଁ ଘୋଷଣା କରୁଛନ୍ତି ତା'ର ସ୍ୱଷ୍ଟତା ରଖିବା ଉଚିତ। ପିଲାମାନେ ଦୁଇଟି ପର୍ଯ୍ୟାୟ ପରୀକ୍ଷା କଥା ଭାବିଲେ ସେମାନେ ବର୍ଷ ସାରା ଚାପରେ ରହିବେ। ବର୍ତ୍ତମାନ ବ୍ୟବସ୍ଥା ଅନୁଯାୟୀ ସେମାନେ ପରୀକ୍ଷା ପରେ ଗ୍ରୀଷ୍ମ ଅବକାଶରେ ଅନ୍ତତଃ ପକ୍ଷେ ମାସେ ଦୁଇ ମାସ ଟିକିଏ ଚାପ ମୁକ୍ତ ଓ କ୍ରୀଡ଼ା, କଳା ଭଳି ଅନ୍ୟ ବିଷୟରେ ଟିକେ ଧ୍ୟାନ ଦେଇ ପାରୁଥିଲେ। ଯଦ୍ୱାରା କି ତାଙ୍କ ଭିତରେ ଥିବା ଅନ୍ୟ ଗୁଣ ବା ପ୍ରତିଭାର ମଧ୍ୟ ସଠିକ ରୂପାୟନ ହୋଇପାରୁଥିଲା। ଏଭଳି ଦ୍ୱୈତ ପରୀକ୍ଷା ପ୍ରକ୍ରିୟା ପିଲାଙ୍କ ମନରେ ଦ୍ୱନ୍ଦ୍ୱାତ୍ମକ, ଭ୍ରମାତ୍ମକ, ସନ୍ଦିହାନ ଅବସ୍ଥା ସୃଷ୍ଟି କରିବ। ଦ୍ୱୈତ ପରୀକ୍ଷା ପ୍ରକ୍ରିୟାରୁ ପିଲାଙ୍କୁ ଦୂରେଇ ରଖିବା ଉଚିତ ବୋଲି ଓଡିଶା ଅଭିଭାବକ ମହାସଂଘ ତରଫରୁ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି।

# ଷ୍ଟେଟ୍ ବ୍ୟାଙ୍କ ଇଟାମାଟି ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ନୟାଗଡ ଜିଲ୍ଲା ଇଟାମାଟିଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥିଙ୍କ ଦ୍ୱାରା ଗତକାଲି ଏକ ନୂତନ ଶାଖା ଗୃହ ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ ଜିଲ୍ଲାରେ ଏହା ଷ୍ଟେଟ୍ ବ୍ୟାଙ୍କର ୧୩ତମ ଶାଖା। ଏହି କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ପୋନ୍ନମବଲମ ଏମ୍, ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର, ଖୋର୍ଦ୍ଧା କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହା ଦ୍ୱାରା ଷ୍ଟେଟ ବ୍ୟାଙ୍କ ଜନସାଧାରଣଙ୍କ ବହୁ ପ୍ରତିକ୍ଷିତ ଦାବି ପୂରଣ କରିଛି। ଏହି ଶାଖା ଦ୍ୱାରା ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ ଉପକୃତ ହେବେ।

# ରିଲାଏନ୍ସ ଆସାମରେ ନିବେଶକୁ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବ: ମୁକେଶ ଅମ୍ବାନୀ



**ଗୁଆହାଟୀ,୨୫।୨/ଏନ୍‌ଏନ୍‌ଏସ୍:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆସାମରେ କମ୍ପାନୀର ନିବେଶକୁ ଚାରି ଗୁଣ ବୃଦ୍ଧି କରି ୫୦ ହଜାର କୋଟି ଟଙ୍କା କରିବାକୁ ଘୋଷଣା କରିଛନ୍ତି। ଅମ୍ବାନୀ କହିଛନ୍ତି ଯେ ରିଲାଏନ୍ସ ଆସାମରେ ୧୨ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରିସାରିଛି। ଗୁଆହାଟୀରେ ଚାଲିଥିବା 'ଆଡଭାନଟେଜ୍ ଆସାମ ୨.୦ ସମ୍ମିଳନୀ'ରେ ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି। ଆସାମକୁ ଏଆଇ ସକ୍ଷମ କରିବା ରିଲାଏନ୍ସର ପ୍ରାଥମିକତା ରହିଥିବା ଅମ୍ବାନୀ କହିଛନ୍ତି। ଆସାମରେ ବିଶ୍ୱସ୍ତରୀୟ ଡିଜିଟାଲ ସଂଯୋଗ ଭିତ୍ତିଭୂମି ସୃଷ୍ଟି କରିବା ପରେ ରିଲାଏନ୍ସ ବର୍ତ୍ତମାନ ଏଠାରେ କମ୍ପ୍ୟୁଟିଙ୍ଗ ଭିତ୍ତିଭୂମି ସ୍ଥାପନ କରିବ। ଆସାମରେ ରିଲାଏନ୍ସ ଏକ ଏଆଇ ଆଧାରିତ ଏଜ୍ ଡାଟା ସେଣ୍ଟର ନିର୍ମାଣ କରିବ ବୋଲି ସେ ଘୋଷଣା କରିଛନ୍ତି। ରିଲାଏନ୍ସ ରିଟେଲ ମଧ୍ୟ ରାଜ୍ୟରେ ଏହାର ଷ୍ଟୋର ସଂଖ୍ୟାକୁ ୪୦୦ ରୁ ୮୦୦ କୁ ବୃଦ୍ଧି କରିବାକୁ ଯାଉଛି। ଏହାଦ୍ୱାରା ଯୁବପିଢ଼ି ପାଇଁ ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆସାମକୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିର କେନ୍ଦ୍ର କରିବାକୁ ପ୍ରତିବଦ୍ଧତା ଜାହିର କରି ଆଣବିକ ଶକ୍ତି ସହିତ ଆସାମର ଟାଙ୍ଗରା ଭୂମିରେ ଦୁଇଟି ବାୟୋଗ୍ୟାସ୍ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏଥିରୁ ବାର୍ଷିକ ୮ ଲକ୍ଷ ଟନ୍ ସ୍ୱଚ୍ଛ ବାୟୋଗ୍ୟାସ୍ ଉତ୍ପାଦନ ହେବ, ଯାହା ପ୍ରତିଦିନ ୨ ଲକ୍ଷ ଯାତ୍ରୀବାହୀ ଯାନକୁ ଇନ୍ଧନ ଦେବ। ରିଲାଏନ୍ସ ଆସାମରେ ଏକ ମେଗା ଫୁଡ୍ ପାର୍କ ସ୍ଥାପନ କରିବାକୁ ଘୋଷଣା କରିଛି, ଯାହା ଆସାମକୁ ଦେଶ ତଥା ବିଦେଶରେ ଖାଦ୍ୟ ଏବଂ ଅଣ-ଖାଦ୍ୟ ଉପଭୋକ୍ତା ସାମଗ୍ରୀ ଯୋଗାଣକାରୀ ହେବାରେ ସହାୟକ ହେବ। ନିକଟରେ ଆସାମରେ ନିର୍ମିତ ହୋଇଥିବା କାମ୍ପା ବଟଲିଂ ପ୍ଲାଣ୍ଟ ବିଷୟରେ ସେ ମଧ୍ୟ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

# ଏଫ୍‌ଏଫ୍‌ସିର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ


**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଫନ୍ ଆଣ୍ଡ ଫିଟ୍‌ନେସ ୱାକର୍ସ କ୍ଲବ ବିଗତ ୨୦୨୨ ମସିହାରେ ସ୍ୱର୍ଗତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଆୟୋଜିତ ଓ ଉଦ୍‌ଘାଟିତ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆଜି ୪ର୍ଥ ବର୍ଷରେ ପଦାର୍ପଣ କରି ସ୍ଥାନୀୟ ଏନ - ୩ କ୍ରିକେଟ ଫିଲ୍ଡ଼ରେ ଆୟୋଜିତ ହୋଇଯାଇଛି। ଏଥିରେ କ୍ଲବର ପରିଣତ ବୟସର କିଛି ସଦସ୍ୟ, ମହିଳା, ଫିଲ୍ମ ସେଲିବ୍ରିଟି ଓ ଯୁବକମାନେ ପ୍ରେସିଡେଣ୍ଟ ଏକାଦଶ ଓ ଡାଇରେକ୍ଟର ଏକାଦଶ ଦୁଇ ଦଳରେ ବିଭକ୍ତ ହୋଇ ମ୍ୟାଚ୍ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର୍ ମାନସୀ ରାଣୀ ସୁନ୍ଦରାୟ, କର୍ପୋରେଟର୍ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ରହିଥିଲେ। ସେହିପରି ପ୍ରିୟଦର୍ଶୀ ମିଶ୍ର, ଅଂଶୁମାନ ମହାନ୍ତି, ନିକୁଞ୍ଜ କିଶୋର



ଛୋଟରାୟ, ମୁକ୍ତକାନ୍ତ ଅଗସ୍ତି, ଡ଼. ଶଶୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିରନ୍ତର ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ ଓ ବ୍ୟାୟାମ ଯୋଗୁ ଫନ ଆଣ୍ଡ ଫିଟ୍‌ନେସ କ୍ଲବର ସମସ୍ତ ସଦସ୍ୟ ପରିଣତ ବୟସରେ ମଧ୍ୟ ଫିଟ୍ ଅଛନ୍ତି ଓ କ୍ରିକେଟ ପରି ଏକ କଷ୍ଟଦାୟକ ଖେଳ ଖେଳିପାରୁଛନ୍ତି ଏବଂ ସମସ୍ତଙ୍କୁ ପ୍ରେରଣା ଦେଉଛନ୍ତି ବୋଲି ବିଧାୟକ ଓ ଅନ୍ୟାନ୍ୟ ଅତିଥି ମତ ପ୍ରକାଶ କରିଥିଲେ। ମ୍ୟାଚରେ ପ୍ରେସିଡେଣ୍ଟ ଏକାଦଶ ଦଳକୁ ବିଜେତା ଘୋଷଣା କରାଯିବା ସହିତ ଏହାର କ୍ୟାପଟେନ ସୁଧାକର ଷଡ଼ଙ୍ଗୀଙ୍କୁ ଉଇନର୍ ଟ୍ରଫି ଏବଂ ଡ଼ାରେକ୍ଟର ଟିମ୍‌କୁ ପ୍ରତିନିଧିତ୍ୱ କରିଥିବା ଅବଦୁସ ସଲାମ ଖାଁଙ୍କୁ ରନର୍ସ୍ ଅପ ଟ୍ରଫି ଏବଂ ଶ୍ରେଷ୍ଠ ଖେଳାଳି ଭାବେ ପ୍ରଦୀପ ମହାନ୍ତିଙ୍କୁ ଟ୍ରଫି, ୱାକର୍ସ ଇଣ୍ଟରନେସନାଲ ପିଆରଓ ସୁବାସ ପାଣିଗ୍ରାହୀ ପ୍ରଦାନ କରିଥିଲେ। ଏଥିରେ ଭୁବନେଶ୍ୱରର ବିଭିନ୍ନ ୱାକର୍ସ୍ କ୍ଲବ ଯଥା ଏକାମ୍ରକାନନ, ମଧୁସୂଦନ ପାର୍କ, ସନରାଇଜ ଓ ଏକାମ୍ରର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଓ କ୍ଲବର ସମସ୍ତ ସଦସ୍ୟ, ଅଭିନେତା ବବି ମିଶ୍ର, ଫିଲମ୍ ପ୍ରଯୋଜକ ଶଚିକାନ୍ତ ଜେନା ଓ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ମ୍ୟାଚ ଉପଭୋଗ କରିଥିଲେ। ଅମ୍ପେୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ, ଉପସଭାପତି ପ୍ରଦୀପ୍ତ ପଣ୍ଡା ଓ ସ୍କୋର ବୋର୍ଡ଼ ପରିଚାଳନାରେ ଇଂ ଅସୀମାନନ୍ଦ ମହାନ୍ତି, ଇଂ ଚିତ୍ତରଞ୍ଜନ ଦାସ, ପ୍ରଜ୍ଞା ସାହୁ ଥିଲେ। ପ୍ରାକ୍ତନ ସଭାପତି କେଦାର ପଟ୍ଟନାୟକ, ଭବାନୀ ପ୍ରସାଦ ପଟ୍ଟନାୟକ, ବୈଷ୍ଣବ ଓଝା, ପ୍ରଦୀପ ରାଉତ, ସୌଭାଗ୍ୟ ନାୟକ, ବାବୁରାମ ସେଠୀ, ଜିଲ୍ଲା ୱାକର୍ସ, ସୁରେନ୍ଦ୍ର ନାଥ ସେଠୀ, ଅଜୟ ଦାସ ଓ ସୁମିତ୍ରା ବେହେରା ଏଫ୍‌ଏଫ୍‌ସିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।

# ସମ୍ପ୍ରତି ଆମେରିକା, ବିଶ୍ୱ ଓ ଭାରତ ଆଭାସୀ ଆଲୋଚନା

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଆମେରିକାର ପରିବର୍ତ୍ତିତ ରାଜନୈତିକ ପୃଷ୍ଠଭୂମିରେ ବିଶ୍ୱ ରାଜନୀତି ଓ ଏହାର ଭାରତ ଉପରେ ପ୍ରଭାବ ଶୀର୍ଷକ ଏକ ଆଭାସୀ ଆଲୋଚନାଚକ୍ର ଥିଙ୍କର୍ସ କ୍ଲବ ଦ୍ୱାରା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବିବେକ ପଟ୍ଟ ନାୟକ ନିଜର ଅଭିମତ ଦେବା ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକାନ କୂଟନୀତିଜ୍ଞ ହେନେରୀ କିସିଂଜରଙ୍କ ଉକ୍ତି ଉଦ୍ଧାର କରି କହିଲେ ଯେ ଟୁ ବି ଏନି ଏନ୍‌ମି ଅଫ୍ ଆମେରିକା କ୍ୟାନ୍ ବି ଡେଞ୍ଜରିୟସ୍, ବଟ୍ ଟୁ ବି ଏ ଫ୍ରେଣ୍ଡ୍ ଇଜ୍ ଫାଟାଲ୍। ଅନ୍ୟତମ ଅତିଥି ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ରାଷ୍ଟ୍ରଦୂତ ମଳୟ ମିଶ୍ର ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଭିନ୍ନ କୁଟନୈତିକ ଓ ବାଣିଜ୍ୟକ ନୀତିର ସମ୍ପୂର୍ଣ୍ଣ ବିଶ୍ୱ ଓ ଭାରତ ଉପରେ ତାହାର ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ତମ୍ଭକାର ଓ ଅର୍ଥନୀତିଜ୍ଞ ଡକ୍ଟର ସନ୍ତୋଷ




ମହାପାତ୍ର ଆମେରିକା ଓ ଭାରତର ଆଭ୍ୟନ୍ତରୀଣ ଅର୍ଥନୀତି ଓ ବାଣିଜ୍ୟିକ ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତାପ ରାଉତ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଆମେରିକା ଗସ୍ତ ଦ୍ୱାରା ଭାରତ - ଆମେରିକା ଦୀପାକ୍ଷିକ ସମ୍ବନ୍ଧରେ ସୁଧାର ଆସିବାର ଆଶା ବ୍ୟକ୍ତ କରିଥିଲେ। ଆଲୋଚନାରେ ଉମାଶଙ୍କର ମିଶ୍ର, ଇଞ୍ଜିନିର ସୁଧାକର ପତ୍ରି, ଜ୍ୟୋତି ମଲ୍ ଆଦି ବିଶେଷ ଭାଗ ନେଇଥିଲେ। ଥୀଙ୍କର୍ଷ କ୍ଲବର ପ୍ରତିଷ୍ଠାତା ଓ ସଭାପତି ବରଦା ଦାସ ଆଲୋଚନା ଚକ୍ରକୁ ସଂଯୋଜନା କରିଥିଲେ। ଶେଷରେ ପ୍ରତାପ ରାଉତ ଧନ୍ୟବାଦ୍ ଦେଇଥିଲେ।

# ଅରୁନ୍ଧତୀ ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଅରୁନ୍ଧତୀ ଫାଉଣ୍ଡେସନ ତରଫରୁ ମଙ୍ଗଳବାର ରାଜ୍ୟର ୯ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଭବାନୀପାଟଣା ଠାରେ ବିଶାଳ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ ୧୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅଭିଯାନକୁ ସୁଚାରୁରୂପେ ପରିଚାଳନା ପାଇଁ ଅରୁନ୍ଧତୀ ପରିବାର ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ନିଜେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ଜନଉତ୍ସର୍ଗୀକୃତ ଅଭିଯାନର ନେତୃତ୍ୱ କରିଥିଲେ। ପଞ୍ଚତତ୍ତ୍ୱ ବିହୀନ ମଣିଷ କାୟାର ପରିକଳ୍ପନା ସମ୍ଭବ ନୁହେଁ ଠିକ ସେହିଭଳି ରକ୍ତ ବିନା ମଣିଷ ଶରୀର ଧାରଣ ଅସମ୍ଭବ। ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ବିଜ୍ଞାନ ପକ୍ଷେ ସମ୍ଭବ କିନ୍ତୁ ରକ୍ତର ବିକଳ୍ପ ଆଜି ବି




ଅତ୍ୟାଧୁନିକ ବିଜ୍ଞାନ ପକ୍ଷେ ଅପହଞ୍ଚ, ତେଣୁ ଅରୁନ୍ଧତୀ ପରିବାର ତରଫରୁ ଏଭଳି ଏକ ନିଷ୍ଠାପର ସେବାକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମେହେର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ଯେ, ପ୍ରତ୍ୟେକ ମଣିଷ ଶରୀରର ରକ୍ତର ପ୍ରତିଟି ବିନ୍ଦୁର ଆବଶ୍ୟକତାକୁ ପୂରଣ କରିବା ସମଗ୍ର ମାନବଜାତିର କର୍ତ୍ତବ୍ୟ। ଆମ୍ଭେମାନେ ସମସ୍ତେ ଏହି ଜିନିଷକୁ ହୃଦୟଙ୍ଗମ କରି ଏହି ଦିଗରେ କାର୍ଯ୍ୟ କଲେ ଅନେକ ମୂଲ୍ୟବାନ ଜୀବନକୁ ବଞ୍ଚାଇପାରିବା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବାବୁ ସିଂହ ଯୋଗ ଦେଇଥିଲେ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥିରେ ସ୍ମୃତିସଭା

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** କଟକ ସହରରେ ଅବସ୍ଥିତ ଐତିହାସିକ ପୀଠ ସ୍ୱରାଜ ଆଶ୍ରମଠାରେ ଉଭୟ ସରଳା ଦେବୀ - ଭାଗିରଥି ମହାପାତ୍ର ଟ୍ରଷ୍ଟ ଏବଂ ଜାଗୃତ ଓଡ଼ିଶା ସାହିତ୍ୟ ସଂସଦଙ୍କ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ କବି ତଥା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୩ତମ ପୁଣ୍ୟତିଥି ଅବସରରେ ଆଜି ସନ୍ଧ୍ୟାରେ ଏକ ସ୍ମୃତିସଭା ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଏହି ସ୍ମୃତିସଭାକୁ ବିଶିଷ୍ଟ ଶିକ୍ଷାବିତ, ଐତିହାସିକ ତଥା ଗବେଷକ ପ୍ରଫେସର (ଡ଼.) ନିହାର ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି ଗୀତିକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ଆଦର୍ଶ ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ତାଙ୍କ ଅଭିଭାଷଣରେ କାଳଜୟୀ ପୁରୁଷ କାନ୍ତକବିଙ୍କ ସମ୍ବନ୍ଧରେ ଅନେକ ପ୍ରେରଣାଦାୟକ ତଥ୍ୟ



ସବୁ ଉପସ୍ଥାପନ କରିଥିଲେ।

ଏହି ସ୍ମୃତିସଭାର ଅନ୍ୟତମ ମୁଖ୍ୟବକ୍ତା ପ୍ରଦୀପ କୁମାର ସାହୁ, କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଆଇନଜୀବୀ ମନ୍ମୟ କୁମାର ଦାସ ଉପସ୍ଥିତ ରହି ତାଙ୍କର ବକ୍ତବ୍ୟ ମାଧ୍ୟମରେ କାନ୍ତକବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ତଥା ପ୍ରଯୋଜକ ଶ୍ରୀକାନ୍ତ ଗୌତମଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିଲେ ବିଶ୍ୱମିତ୍ରା ମିଶ୍ର। ପ୍ରାରମ୍ଭରେ ଆଇନଜୀବୀ ଅସିତ୍ କୁମାର ଜେନା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାଗୃତ ଓଡ଼ିଶା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଦସ୍ୟ ଆଇନଜୀବୀ ଜଗନ୍ନାଥ ମହାନ୍ତି ସମ୍ୟକ ବିବରଣୀ ପ୍ରକାଶ କରିଥିଲେ। ଶେଷରେ ସରଳା ଦେବୀ - ଭାଗିରଥି ମହାପାତ୍ର ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସଂସଦ ସଭାପତି କିରଣବାଳା ମହାନ୍ତି, ଜ୍ୟୋତ୍ସ୍ନା ରାୟମହାପାତ୍ର, ବିଜୟଲକ୍ଷ୍ମୀ ନାୟକ ଏବଂ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ବିଶ୍ୱଜିତ ପାଣି, ସୁସ୍ମିତା ପଟ୍ଟନାୟକ, ସି. କସ୍ତୁରୀ, ଗୀତାଞ୍ଜଳି ବେଉରା, ସସ୍ମିତା ପଟ୍ଟନାୟକ, ଦେବୀ ପ୍ରସନ୍ନ ମହାପାତ୍ର, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ବେଜ, ଶିଳ୍ପା ପାତ୍ର, ଦେବୀ ପ୍ରସାଦ ସେଠୀ, ଜଗନ୍ନାଥ ମହାନ୍ତି, ଆଶୁତୋଷ ହୋତା, ଉମ୍ମେ ରୁମାନ, ସନ୍ଧ୍ୟା ଦାସ ଓ ବ୍ରଜସୁନ୍ଦର ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ଶିବରାତ୍ରୀ ଉପଲକ୍ଷେ ବାଲୁକା କଳା



**ବ୍ରହ୍ମପୁର,୨୫।୨/ଏନ୍ଏନ୍ଏସ୍:** ମହା ଶିବରାତ୍ରୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବାଲୁକା କଳା କୃତି ନିର୍ମାଣ କରିଛନ୍ତି। ବିଜିପୁର ନୀଳକଣ୍ଠନଗର ଦ୍ୱିତୀୟ ଲାଇନ୍‌ରେ ବାଲୁକାରେ ଶିବଙ୍କ ମୂର୍ତ୍ତି କରିଛନ୍ତି । ମହାଶିବରାତ୍ରୀର ଶୁଭେଚ୍ଛା ଜଣାଇବା ସହ ସମସ୍ତେ ଗଛ ଲଗାଇବା ପାଇଁ ସେ ଅନୁରୋଧ କରିଛନ୍ତି। ସନ୍ତୁଳନ ପୃଥିବୀକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଶ୍ରୀ ମହାରଣା କହିବା ସହ 'ଗୋ ଗ୍ରୀନ୍' ବୋଲି ଲେଖିଛନ୍ତି। ଶିଳ୍ପୀ ଶ୍ରୀ ମହାରଣାଙ୍କ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ବାଲୁକା କଳା ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା।

# ଜାଗରଯାତ୍ରା ପାଇଁ ବାଲୁଙ୍କେଶ୍ୱର ଶୈବପୀଠ ଚଳଚଞ୍ଚଳ

**ଆସିକା,୨୫।୨/ଏନ୍ଏନ୍ଏସ୍:** ଆସନ୍ତାକାଲି ମହାଶିବରାତ୍ରୀ ଥିବାବେଳେ ଆସିକା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇପଡିଛି। ଜାଗରଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲାଗି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶୈବପୀଠ ଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟ ନାୟକ ଓ କୋଟିନଡା ଥାନା ଅଧିକାରୀ ଦୀପିକା ଦେବୀ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି। ଆଲୋକମାଳାରେ ମନ୍ଦିର ଗୁଡିକ ଝଲସୁଥିବା ଦେଖିବାକୁ ମିଳୁଛି । ଆସିକା ଏନ୍ଏସି ଅନ୍ତର୍ଗତ ୧୭ ନମ୍ବର ୱାର୍ଡର ଲାଲାଶାସନ ଗ୍ରାମ ନିକଟରେ ପୂଜାପାଇ ଆସୁଥିବା ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏକ ହଜାର ଆଠ ଦୀପ ଯଜ୍ଞ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ଆଧ୍ୟାତ୍ମିକପ୍ରେମୀ ଅନନ୍ତ ଶତପଥୀ, ପ୍ରସନ୍ନ କୁମାର ତ୍ରିପାଠୀ, ପ୍ରମୋଦ କୁମାର ତ୍ରିପାଠୀ, ପ୍ରଦୀପ କୁମାର ଶତପଥୀଙ୍କ ସମେତ ଲାଲାଶାସନ ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ଜାଗରଯାତ୍ରା ପାଇଁ ଶୈବଭକ୍ତମାନେ ବେଶ ଉତ୍ସାହିତ ହୋଇଛନ୍ତି। ଆସନ୍ତାକାଲି ସକାଳେ ଶୈବଭକ୍ତମାନେ ଦେବଦେବ ମହାଦେବଙ୍କୁ ଦର୍ଶନ କରିବା ସହ ଉପବାସରେ ରହି ରାତିରେ ଦୀପ ଜାଳିବେ ବୋଲି ଜଣାପଡିଛି ।



# ବେଙ୍ଗାଲୁରରୁ ଫେରିଲେ ଅଟକ ଯୁବକ ଭକ୍ତଚରଣ

**କନ୍ଧମାଳ,୨୫।୨/ଏନ୍ଏନ୍ଏସ୍:** ଦୀର୍ଘ ଏକ ମାସ ଧରି ବେଙ୍ଗାଲୁର ଠାରେ ଦୁର୍ବୃତ୍ତ ମାନଙ୍କ ପାଖରେ ମୁଣ୍ଡ ଜାମିନ ଥିବା ଫିରିଙ୍ଗିଆ ଅଞ୍ଚଳର ଯୁବକ ଭକ୍ତ ଚରଣ ମଲିକ ଶେଷରେ ଗାଁକୁ ଫେରିଛନ୍ତି। ପରିବାର ଲୋକଙ୍କ ସହ ଅନ୍ୟମାନେ ବେଙ୍ଗାଲୁର ଯାଇ ସେଠାକାର ପୁଲିସ ସହାୟତାରେ ଭକ୍ତଙ୍କ ସାଙ୍ଗରେ ନେଇ ଆସିଛନ୍ତି। ସୂଚନାଯୋଗ୍ୟ, ଫିରିଙ୍ଗିଆ ଥାନା ଶ୍ରୀପଲ୍ଲୀ ଅଞ୍ଚଳର ଭକ୍ତ ପ୍ରାୟ ଏକ ମାସ ତଳେ କିଛି ସାଙ୍ଗଙ୍କ ସହିତ ବେଙ୍ଗାଲୁର ଯାଇଥିଲେ। ଅନ୍ୟ ଦୁଇ ବନ୍ଧୁ ଫେରି ଆସିଥିବା ବେଳେ ଭକ୍ତଙ୍କୁ କିଛି ଦୁର୍ବୃତ୍ତ ବନ୍ଧକ ରଖିଥିଲେ। ତାଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ଛାଡିବା ପାଇଁ ଦଶ ଲକ୍ଷ ଦାବି କରିଥିଲେ ଦୁର୍ବୃତ୍ତ। ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେବା ସହ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ ସାକ୍ଷାତ କରି ଗୁହାରୀ ଜଣାଇଥିଲେ ପରିବାର। ଏସପି ହରିଶ ବି ସି ବେଙ୍ଗାଲୁର ପୁଲିସ ସହିତ ଆଲୋଚନା କରି ଏ ଦିଗରେ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ। ରାଜ୍ୟ ଶ୍ରମବିଭାଗ ପକ୍ଷରୁ ମଧ ଏ ଦିଗରେ ଉଦ୍ୟମ କରାଯାଇଥିଲା। ମୋବାଇଲ ଟ୍ରାକିଂ କରି ଗତ ୧୬ ତାରିଖ ରାତିରେ ବେଙ୍ଗାଲୁର ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ସେଠାରେ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏବେ ଅବସ୍ଥା ସୁଧୁରିବା ପରେ ତାଙ୍କୁ ଗାଁ କୁ ଫେରାଇ ଅଣାଯାଇଛି। ପୁଲିସ ଓ ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ସାମ୍ବାଦିକ ଲଳିତ କହଁର ଓ ମିଳନ କହଁର ପରିବାର ଲୋକଙ୍କୁ ନେଇ ବେଙ୍ଗାଲୁରୁ ଯିବା ପରେ ସେଠାକାର ପୁଲିସ ଭକ୍ତଙ୍କୁ ହସ୍ତାନ୍ତର କରିଛି। ଦୀର୍ଘ ଦିନ ପରେ ପୁଅକୁ ପାଇ ପରିବାର ଲୋକେ ଭାବବିହ୍ୱଳ ହୋଇ ପଡିଛନ୍ତି। ଭକ୍ତଙ୍କୁ ଉଦ୍ଧାର କରିବାରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ, ଏସପି ହରିଶ ବି ସି, ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର, ରାଜ୍ୟ ଶ୍ରମ କମିଶନରଙ୍କ ସମେତ ସ୍ଥାନୀୟ ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଆନ୍ତରିକ ସହଯୋଗ କରିଥିବାରୁ ପରିବାର ଲୋକେ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।



# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍


**ଫୁଲବାଣୀ,୨୫।୨/ଏନ୍ଏନ୍ଏସ୍:** ଜଣେ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ରାଜେଶ ଦାଶ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫୭ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୧୧ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ଅଞ୍ଚଳର ବାଦଲ ଦିଗାଲ। ସୂଚନା ଅନୁଯାୟୀ, ଅଭିଯୁକ୍ତ ସହିତ ପୀଡିତା ନାବାଳିକାଙ୍କ ଗ୍ରାମର ଏକ ଭୋଜିରେ ସାକ୍ଷାତ ହୋଇଥିଲା। ଅଭିଯୁକ୍ତ ଜଣକ ପୀଡିତାଙ୍କୁ ଭଲ ପାଇ ବସିଥିଲେ। ୨୦୨୦ ଜୁନ ୧୩ ତାରିଖ ରାତିରେ ଅଭିଯୁକ୍ତ ପୀଡିତାଙ୍କ ଘରେ ପହଞ୍ଚି ବିବାହ ଓ ଅନ୍ୟାନ୍ୟ ପ୍ରଲୋଭନ ଦେଇ ତାଙ୍କୁ ସାଙ୍ଗରେ ନେଇ ବୌଦ୍ଧ ଜିଲ୍ଲାର ଲକ୍ଷ୍ମେଜୁ ଗ୍ରାମରେ ନିଜ ମାମୁ ଘରକୁ ନେଇ ଯାଇଥିଲେ। ଝିଅ ଘରେ ନଥିବା ଜାଣିବା ପରେ ପରିବାର ଲୋକେ ଖୋଜାଖୋଜି କରି ଝିଅ ଲକ୍ଷ୍ମେଜୁରେ ଥିବା ଜାଣି ୧୮ ତାରିଖ ଦିନ କିଛି ସମ୍ପର୍କୀୟ ସେଠାରେ ପହଞ୍ଚି ଥିଲେ। କିନ୍ତୁ ଅଭିଯୁକ୍ତ ଝିଅକୁ ଛାଡିବା ପରିବର୍ତ୍ତେ ସେମାନଙ୍କୁ ଧମକ ଚମକ ଦେଇ ସେଠାରୁ ଘଉଡାଇ ଦେଇଥିଲେ। ଫଳରେ ୨୦ ତାରିଖ ଦିନ ପରିବାର ଲୋକେ ଟିକାବାଲି ଥାନାରେ ଏତଲା ଦେଇଥିଲେ। ପୁଲିସ ୩୭/୨୦ରେ ଏକ ମାମଲା ରୁଜୁ କରି ପୀଡିତାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମୁ ଘରେ ରହିବା ସମୟରେ ଅଭିଯୁକ୍ତ ପୀଡିତାଙ୍କ ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିବା ପୁଲିସ ତଦନ୍ତ ବେଳେ ଜାଣି ପାରିଥିଲା। ଆଜି ଏହି ମାମଲାର ଶୁଣାଣି କରି ୧୦ ଜଣ ସାକ୍ଷୀ ଓ ପୀଡିତାଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରିଥିଲେ।

# ଶ୍ରୀପୁଡୁଗେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ



**ଆସିକା,୨୫।୨/ଏନ୍ଏନ୍ଏସ୍:** ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ଆସିକା ସହର ନିକଟସ୍ଥ ପୁଣ୍ୟତୋୟା ଋଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ବିଜେ ଶ୍ରୀପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ଆଜିଠୁ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ପବିତ୍ର ଋଷିକୁଲ୍ୟା ଓ ବଡନଦୀର ସଙ୍ଗମ ସ୍ଥଳରେ ପୂଜାର୍ଚ୍ଚନା ସାରି ବିଶାଳ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପରେ ମନ୍ଦିର ପରିସରରେ ସ୍ଥାପିତ ହୋଇଥିବା ଅସ୍ଥାୟୀ ରୁଦ୍ରଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ଗଞ୍ଜାମ ଜିଲ୍ଲାର ବିଦ୍ୱାନ ପଣ୍ଡିତ ରାଜେଶ୍ ଶତପଥୀଙ୍କ ନେତୃତ୍ୱରେ ସହଯୋଗୀ ପଣ୍ଡିତ ଅଭିମନ୍ୟୁ ଆଚାର୍ଯ୍ୟ, ବିଶ୍ୱାମ୍ବର ଦାଶ, ସୁରେଶ ଶତପଥୀ, ଶିବାନନ୍ଦ ଦାଶ, ଗୌରୀ ଶଙ୍କର ମିଶ୍ର, ଦୀପକ କୁମାର ପାଣି, ତପନ କୁମାର ପଣ୍ଡା, ନଳିନୀ କାନ୍ତ ଦାଶଙ୍କ ସମେତ ବହୁ ଜ୍ଞାନୀଗୁଣୀ ଉପସ୍ଥିତ ରହି ଶ୍ରୀ ଯଜ୍ଞନାରାୟଣ ଓ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା, ଦୀକ୍ଷାଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ବ୍ରାହ୍ମଣବରଣ, ଗୋପୂଜା, ଶାଳାପୂଜା, ରୁଦ୍ରାଭିଷେକ, ଶୈବାଗ୍ନି ସ୍ଥାପନ ସମେତ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ୩ଦିନ ବ୍ୟାପୀ ଅନୁଷ୍ଠିତ ରୁଦ୍ରଯଜ୍ଞରେ କର୍ତ୍ତା ରୂପେ ଆସିକା ଟ୍ରକ ମାଲିକ ସଂଘର ସଭାପତି ଅଧ୍ୟାତ୍ମିକପ୍ରେମୀ ନିଗମାନନ୍ଦ ମହାନ୍ତି ଓ ତାଙ୍କ ପତ୍ନୀ ଲୀନା ମହାନ୍ତି ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଆଧ୍ୟାତ୍ମିକପ୍ରେମୀ ଯୋଗଦେଇ ପୂଜାର୍ଚ୍ଚନା କରିବା ସାଙ୍ଗକୁ ଆସିକା ବାସୀଙ୍କ ସୁଖ ସମୃଦ୍ଧି ଓ ବିଶ୍ୱକଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ବିଶ୍ୱଶାନ୍ତି ରୁଦ୍ରଯଜ୍ଞ ପରିଚାଳନାରେ ଆଧାତ୍ମିକ ପ୍ରେମୀ ନିଗମାନନ୍ଦ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ସୂର୍ଯ୍ୟନାରାୟଣ ନାହାକ, ଶ୍ରଦ୍ଧାଳୁ ଭକ୍ତ ଦେବେନ୍ଦ୍ର ମହାନ୍ତି, ଗଣେଶ ମହାନ୍ତିଙ୍କ ସମେତ ଅଞ୍ଚଳବାସୀ, ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟି ସକ୍ରିୟ ସହଯୋଗ କରୁଛନ୍ତି।

# ପାତାଳେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର ଚତୁଃପାର୍ଶ୍ୱ ସଫେଇ



**ବ୍ରହ୍ମପୁର,୨୫।୨/ଏନ୍ଏନ୍ଏସ୍:** ମହାଶିବରାତ୍ରି ଉପଲକ୍ଷେ ସହରର ୧୪ ନମ୍ବର ୱାର୍ଡରେ ଥିବା ଦୁଇଟି ମହାଦେବ ମନ୍ଦିର ପରିସରରୁ ହଟିଛି ଅଳିଆ ଆବର୍ଜନା। ଆଜି ପାତାଳେଶ୍ୱର ଏବଂ ନୀଳକଣ୍ଠେଶ୍ୱର ମନ୍ଦିରର ଚତୁଃର୍ପାଶ୍ୱ ସଫେଇ କରାଯାଇଥିଲା। କର୍ପୋରେଟର, ମେୟର ଏବଂ ମହାନଗର ନିଗମର ସହଯୋଗରେ ମନ୍ଦିର ଚତୁଃପାର୍ଶ୍ୱରେ ଦୀର୍ଘମାସ ଧରି ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ଆସନ୍ତାକାଲି ମହାଶିବରାତ୍ରୀ ଉପଲକ୍ଷେ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଅଞ୍ଚଳକୁ ସଫା କରାଯାଇଥିଲା।

# ତାଳସାକର ଉଚ୍ଚ ପ୍ରାଥମିକ ସ୍କୁଲ୍‌ର ବାର୍ଷିକୋତ୍ସବ



**ବୁଗୁଡା,୨୫।୨/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ତାଳସାକର ଗ୍ରାମସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ ତପସ୍ୱିନୀ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଣମଣା ପଞ୍ଚାୟତରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

**ଛତ୍ରପୁର,୨୫।୨/ଏନ୍ଏନ୍ଏସ୍:** ଗୋପାଳପୁର ବନ୍ଦର ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଜରିଆରେ ସ୍ଥାନୀୟ କଣମଣା ପଞ୍ଚାୟତରେ ଆଜି ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମ ଆୟୋଜନ କରିଛି। ସେଥିମଧ୍ୟରୁ କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ୮୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେସିନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। କଣମଣା ବାତ୍ୟା ଆଶ୍ରୟ ସ୍ଥଳୀରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଓ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ ଆଦି କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜେଶ୍ୱାଲ, କଣମଣା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବି ସୀମାଦ୍ରି, ୱାର୍ଡ ମେମ୍ବର ଚନ୍ଦନ ବେହେରା, ସମିତିସଭ୍ୟ ପ୍ରତିନିଧି ଜନାର୍ଦ୍ଦନ ସ୍ୱାଇଁ, କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ, ସ୍ଥାନୀୟ ବୁଦ୍ଧିଜୀବୀ, ପଞ୍ଚାୟତ ସଦସ୍ୟ, ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ଯୋଜନାରେ ସ୍ଥାନ ପାଇଲା ଆସିକାର ଦୁଇ ପୁରାତନ ଶିକ୍ଷାନୁଷ୍ଠାନ


# ହରିହର ଉଚ୍ଚବିଦ୍ୟାଳୟ, ଦେବଭୂମୀ ହାଇସ୍କୁଲକୁ ମିଳିବ ଅନୁଦାନ

**ଆସିକା,୨୫।୨/ଏନ୍ଏନ୍ଏସ୍:** ପିଏମ୍‌ଶ୍ରୀ (ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ) ଯୋଜନା ଅଧୀନରେ ଆସିକାର ଶତାୟୁ ପୁରାତନ ହରିହର ହାଇସ୍କୁଲ ଓ ଦେବଭୁମୀ ଗ୍ରାମର ଗ୍ରାମ ପଂଚାୟତ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ସାମିଲ୍ ହୋଇଥିବା ଜଣାପଡିଛି । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସ୍ଥାନ ପାଇଥିବା ଆସିକାର ଦୁଇ ପୁରାତନ ଶିକ୍ଷାନୁଷ୍ଠାନକୁ ଅତିଶୀଘ୍ର ପ୍ରଥମ ପର୍ଯ୍ୟାୟରେ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଅନୁଦାନ ମିଳିବ ବୋଲି ଜଣାପଡିଛି । ଏହି ଟଙ୍କାରେ ଶିକ୍ଷାନୁଷ୍ଠାନ ପରିସରରେ କ୍ରୀଡା ଦିବସ ପାଳନ ପାଇଁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଥିବା ବେଳେ କ୍ରୀଡା ଉପକରଣ କ୍ରୟ ପାଇଁ ୫୦ ହଜାର ଟଙ୍କା, ବଗିଚା ନିର୍ମାଣ ପାଇଁ ୨୦ ହଜାର ଟଙ୍କା, ଜୈବିକ ଖତ ପ୍ରସ୍ତୁତ ପାଇଁ ୧୦ ହଜାର ଟଙ୍କା, ଆବର୍ଜନା ବିଭକ୍ତିକରଣ ପାଇଁ ୨୦ ହଜାର ଟଙ୍କା ଏବଂ ବିଦ୍ୟାଳୟ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ରାଜ୍ୟରେ ଲାଗୁ ହୋଇଛି ପିଏମ୍‌ଶ୍ରୀ ଯୋଜନା । ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ପରିବର୍ଦ୍ଧିତ ଶିକ୍ଷାନୀତି ସହ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାରେ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିବେ । କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ପିଏମ୍‌ଶ୍ରୀ ଯୋଜନାରେ ସାମିଲ୍ ହେବାକୁ ଶିକ୍ଷା ବିଭାଗ ପକ୍ଷରୁ ଗତ କିଛି ମାସ ତଳେ ବିଦ୍ୟାଳୟ ଚୟନ ପ୍ରକ୍ରିୟା ଶେଷ ହୋଇଥିଲା । ଏହି ଯୋଜନାରେ ଆସିକା ହରିହର ଉଚ୍ଚ ବିଦ୍ୟାଳୟ ଏବଂ ଆସିକା ବ୍ଲକ ଦେବଭୂମୀ ଗ୍ରାମ ପଂଚାୟତ ନୋଡାଲ୍ ହାଇସ୍କୁଲକୁ ସାମିଲ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠା ଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ପିଏମ୍‌ଶ୍ରୀ ଯୋଜନାରେ ଆସିକାର ହରିହର ଉଚ୍ଚ ବିଦ୍ୟାଳୟ ଏବଂ ଦେବଭୂମୀ ଗ୍ରାମ ପଂଚାୟତ ନୋଡାଲ୍ ହାଇସ୍କୁଲ ସ୍ଥାନ ପାଇଥିବାରୁ ବିଭିନ୍ନ ମହଲରେ ଉତ୍ସାହ ଦେଖାଦେଇଛି । ଦେବଭୂମୀ ଗ୍ରାମ ପଂଚାୟତ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପିଏମ୍‌ଶ୍ରୀ ଯୋଜନାରେ ସାମିଲ୍ ହୋଇସାରିଥିବାରୁ ବହୁତ ଖୁସି ଲାଗୁଥିବା ନେଇ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଲବ ସେଠୀ କହିଛନ୍ତି। ଶିକ୍ଷାନୁଷ୍ଠାନରେ ପ୍ରଥମରୁ ଦଶମ ଶ୍ରେଣୀର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସିଧାସଳଖ ଉପକୃତ ହେବେ । ସରକାରୀ ବିଦ୍ୟାଳୟ ଗୁଡିକରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଏହି ପିଏମ୍‌ଶ୍ରୀ ଯୋଜନା ବିଶେଷ ଭାବେ ସହାୟକ ହୋଇପାରିବ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଆସିକାର ଦୁଇ ପୁରାତନ ଶିକ୍ଷାନୁଷ୍ଠାନକୁ ପିଏମ୍‌ଶ୍ରୀ ବିଦ୍ୟାଳୟରେ ସାମିଲ୍ କରାଯାଇଥିଲା ବେଳେ ଅନୁଦାନ ଅର୍ଥ ଆସିବା ପରେ ଶିକ୍ଷାନୁଷ୍ଠାନ ଗୁଡିକରେ ସ୍ମାର୍ଟ ଶ୍ରେଣୀ, ଖେଳପଡିଆ, ପାଠାଗାର, ଧନ୍ଦାମୂଳକ ଓ ବିଦ୍ୟାଳୟ ପାଠ୍ୟକ୍ରମ ସୁବିଧା ଛାତ୍ରଛାତ୍ରୀମାନେ ପାଇପାରିବେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଆସିକା ଅଞ୍ଚଳର ଦୁଇଟି ଶିକ୍ଷାନୁଷ୍ଠାନକୁ ପିଏମ୍‌ଶ୍ରୀ ଯୋଜନାରେ ସାମିଲ୍ କରାଯାଇସାରିଥିବାରୁ ଉକ୍ତ ବିଦ୍ୟାଳୟ ଦ୍ୱୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।





# ଗଞ୍ଜେଇ ଯୋଗାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଠାଇନେଲା ହରିୟାଣା ପୁଲିସ

**ଦାରିଙ୍ଗବାଡି, ୨୫।୨/ଏନ୍ଏନ୍ଏସ୍:** ୧୦ କିଲୋର ଗଞ୍ଜେଇ ପାଇଁ ଦାରିଙ୍ଗବାଡ଼ିରେ ହରିୟାଣା ପୋଲିସ । ଗଞ୍ଜେଇର ମୂଳ ସ୍ରୋତ ଖୋଜି ଖୋଜି ହରିୟାଣା ପୋଲିସ ପହଞ୍ଚିଛି ଦାରିଙ୍ଗବାଡ଼ିରେ । ଦୁଇ ଦିନ ଧରି ଦାରିଙ୍ଗବାଡ଼ିରେ ଡେରା ପକାଇବା ସହ ଗଞ୍ଜେଇ ଯୋଗାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଏବେ ଉଠାଇ ନେଲା ହରିୟାଣା ଫରିଦାବାଦ ପୋଲିସ। ମିଳିଥିବା ସୂଚନା ମୁତାବକ ହରିୟାଣାରେ ଗଞ୍ଜେଇ ବ୍ୟବସାୟ କରୁଥିବା ବେଳେ ପ୍ରଦୀପ ବିଶୋଇ ନାମକ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ବ୍ୟକ୍ତିଙ୍କୁ ହରିୟାଣା ପୋଲିସ ଗିରଫ କରିଥିଲା । ତାଙ୍କ ଠାରୁ ପ୍ରାୟ ୧୦ କିଲୋ ୪୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ହରିୟାଣା ଫରିଦାବାଦ ଜିଲ୍ଲାର ପଲ୍ଲା ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମଧ ମାମଲା ରୁଜୁ ହୋଇଛି। ତେବେ ଗଞ୍ଜେଇର ମୁଖ୍ୟ ସ୍ରୋତ କେଉଁଠି ? କେଉଁ ଠାରୁ, ଆଉ କିଏ ଏସବୁ ଯୋଗାଉଛି ! ତାହା ଖୋଜି ଖୋଜି ଆସି ଦାରିଙ୍ଗବାଡ଼ିରେ ପହଞ୍ଚିଥିଲା ହରିୟାଣା ଫରିଦାବାଦ ପୋଲିସ । ଦାରିଙ୍ଗବାଡ଼ି ଥାନା ସୋନପୁର ପଞ୍ଚାୟତ ଅଞ୍ଚଳର ବେଲାଲସେନ ରୂପାମାଝୀ (୪୦)ଙ୍କୁ ଏବେ ହରିୟାଣା ପୋଲିସ ଗିରଫ କରି ଉଠାଇ ନେଇଛି। ଯାହାକୁ ନେଇ ସୋନପୁର ପଞ୍ଚାୟତ ଅଞ୍ଚଳର ଅନେକ ଲୋକ ଦାରିଙ୍ଗବାଡ଼ି ଥାନାରେ ପହଞ୍ଚିଥିଲେ। ପ୍ରକୃତ ଘଟଣା କଣ, କାହିଁକି ବେଲାଲସେନଙ୍କୁ ହରିୟାଣା ପୋଲିସ ଉଠାଇଆଣିଛି ତାହା ଥାନା ଅଧିକାରୀଙ୍କୁ ପଚାରି ବୁଝିଛନ୍ତି। ତେବେ ସେ ଯାହାହେଉ ମାତ୍ର ୧୦ କିଲୋ ୪୦୦ ଗ୍ରାମର ଗଞ୍ଜେଇ ପାଇଁ ୧୫୦୦ କଲୋମିଟରରୁ ଅଧିକ ଅତିକ୍ରମ କରି ହରିୟାଣା ପୋଲିସ ଦାରିଙ୍ଗବାଡ଼ିରେ ପହଞ୍ଚିବା ଆଉ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରି ଉଠାଇ ନେବା କିନ୍ତୁ ସଭିଙ୍କୁ ଚକିତ କରିଛି।



ନିତି ଭାରତୀ




ମନକୁ ଶାନ୍ତ ରଖିଲେ ପୃଥିବୀର ପ୍ରବହମାନତାର ନାଦକୁ ଶୁଣିହେବ। ଏହାର ଛନ୍ଦକୁ ବୁଝିହେବ।
- ଗୌତମ ବୁଦ୍ଧ

ନିତିଦିନ NITIDIN
ବୁଧବାର, ୨୬ ଫେବୃଆରୀ, ୨୦୨୫

# ଯେତିକି ଦିବ୍ୟ, ସେତିକି ଭବ୍ୟ: ୨୦୨୫ ମହାକୁମ୍ଭ

ଦେବତା ଓ ଅସୁରଙ୍କ ମଧ୍ୟରେ ସମୁଦ୍ର ମନ୍ଥନରୁ ଉଦ୍ଭବ ଅମୃତକୁ ପାଇବା ପାଇଁ ଦୁରାଚାରୀ ଅସୁର ଓ ସେମାନଙ୍କୁ ତାହା ନଦେବା ପାଇଁ ଦେବତାମାନଙ୍କ ମଧ୍ୟରେ ସୃଷ୍ଟ କଳହ ହେତୁରୁ ଅମୃତ କଳସରୁ ୪ ବୁନ୍ଦା ଅମୃତ ପୃଥିବୀ ପୃଷ୍ଠରେ ଖସି ପଡ଼ିଥିଲା। ସେଇ ୪ଟି ସ୍ଥାନ ହେଲା ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀ (ଲୁପ୍ତପ୍ରାୟ)ର ତ୍ରିବେଣୀ ସଙ୍ଗମ ବା ଆହ୍ଲାବାଦ (ଅଧୁନା ପ୍ରୟାଗରାଜ), ଗୋଦାବରୀ ନଦୀ ତଟୀୟ ସହର ତ୍ରୈମ୍ବକେଶ୍ୱରଙ୍କ ପୀଠ, ନାସିକ, କ୍ଷୀପ୍ରା ନଦୀ ତଟର ମହାକାଳେଶ୍ୱରଙ୍କ ପୀଠ ଉଜ୍ଜୟିନୀ ଏବଂ ଗଙ୍ଗା ତଟର ନଗରୀ ହରିଦ୍ୱାରରେ। ଏଇ ୪ଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହୁଏ। ପ୍ରାୟ ସବୁ ଦେବଦେବୀ, ମୁଖ୍ୟତଃ ବୃହସ୍ପତି, ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମା, ବିଷ୍ଣୁ ପ୍ରଭୃତି ଅମୃତକୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଯେତେବେଳେ ଏଇ ଦେବତାମାନେ, ବୃହସ୍ପତି, ସୂର୍ଯ୍ୟ, ଚନ୍ଦ୍ର ଏକା ଘରେ ଅବସ୍ଥାନ କରନ୍ତି, ଅର୍ଥାତ୍ ବୃହସ୍ପତି ବୃଷ ରାଶିରେ ଏବଂ ସୂର୍ଯ୍ୟ ଓ ଚନ୍ଦ୍ର ମକର ରାଶିରେ ଅବସ୍ଥାନ କରନ୍ତି, ସେ ସମୟରେ କୁମ୍ଭମେଳା ଅନୁଷ୍ଠିତ ହୁଏ ପ୍ରୟାଗରାଜରେ। ସୂଚନାଯୋଗ୍ୟ, ମର୍ତ୍ତ୍ୟଲୋକ ବା ପୃଥିବୀ ପୃଷ୍ଠରେ ଏକ ବର୍ଷ ଦେବ ଲୋକରେ ୧ ଦିନ ସଙ୍ଗେ ସମାନ ଆଉ ଦେବତା ଓ ଅସୁରମାନଙ୍କ ମଧ୍ୟରେ ଅମୃତ ସକାଶେ ଯେଉଁ ସଂଘର୍ଷ ବା ଯୁଦ୍ଧ ଚାଲିଥିଲା, ତାହା ୧୨ ଦିନ ପାଇଁ, ଯାହା ପୃଥିବୀରେ ୧୨ ବର୍ଷ। ତେଣୁ ୧୨ ବର୍ଷରେ ଥରେ କୁମ୍ଭମେଳା ଅନୁଷ୍ଠିତ ହୁଏ। ଚଳିତ ବର୍ଷ ଜାନୁଆରୀ ୧୩ ତାରିଖରୁ ମହାଶିବରାତ୍ରି ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି



ଜୟନ୍ତ ପଟ୍ଟନାୟକ

ମହାକୁମ୍ଭ ଦୀର୍ଘ ୪୫ ଦିନ ଧରି। ପୁଣି ଏହି ମହାକୁମ୍ଭ ଅନୁଷ୍ଠିତ ହେଉଛି ୧୨ଟି କୁମ୍ଭମେଳା ପରେ ଅର୍ଥାତ୍ ୧୪୪ (୧୨ ଗୁଣନ ୧୨) ବର୍ଷ ପରେ। ତା'ର ଅର୍ଥ, ଏହା ଏକ ଅପୂର୍ବ ଓ ବିରଳ ସଂଯୋଗ ବା ମୁହୂର୍ତ୍ତ।

ତେଣୁ ଏହି ବିରଳ ସଂଯୋଗକୁ ସର୍ବୋତ୍କୃଷ୍ଟ ବା ସର୍ବୋତ୍ତମ କରିବା ନିମନ୍ତେ ଉତ୍ତରପ୍ରଦେଶ ସରକାର ନିଜର ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ପ୍ରଚେଷ୍ଟା ଜାରି ରଖିଛନ୍ତି ଶେଷ ପର୍ଯ୍ୟନ୍ତ। ଆଶା କରାଯାଉଥିଲା, ବିଶ୍ୱର ଏହି ସର୍ବବୃହତ୍ ମେଳାରେ ସମଗ୍ର ବିଶ୍ୱରୁ, ବିଶେଷକରି ପାଶ୍ଚାତ୍ୟ ଦେଶମାନଙ୍କରୁ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମେତ ୫୦ କୋଟି ଶ୍ରଦ୍ଧାଳୁଙ୍କର ସମାଗମ ହେବ, ଯାହା ଫେବୃଆରୀ ୧୨, ମାଘ ପୂର୍ଣ୍ଣିମା ସୁଦ୍ଧା ୫୩ କୋଟି ଶ୍ରଦ୍ଧାଳୁ ଅମୃତ ସ୍ନାନ କରି ପ୍ରମାଣିତ ହୋଇ ପାରିଛି। ଏଥିପାଇଁ ଉତ୍ତରପ୍ରଦେଶର ଯୋଗୀ ସରକାର ଯେଉଁ ଅଦ୍ୱିତୀୟ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି, ସେଥି ମଧ୍ୟରେ ଅଛି ୯୨ଟି ପୁନଃ ଉନ୍ନୀତ ରାସ୍ତା, ୧୭ ଗୋଟିଏ ମୁଖ୍ୟ ରାସ୍ତାର ସୌନ୍ଦର୍ଯ୍ୟକରଣ। ୩,୩୦୮ଟି ପଣ୍ଟୁନ (ଜଳରେ ଭାସମାନ ପ୍ଲାଷ୍ଟିକ ବ୍ଲକ୍) ବ୍ୟବହାରରେ ୩୦ଟି ପଣ୍ଟୁନ ପୋଲ ତିଆରି କରାଯାଇଛି ତ୍ରିବେଣୀର ସଙ୍ଗମ ସ୍ଥଳରେ ପାଣି ଉପରେ ଭକ୍ତ/ଯାତ୍ରୀମାନଙ୍କ ସୁବିଧାରେ ଯାତାୟାତ ସକାଶେ। ସଙ୍ଗମ ସ୍ଥଳରେ ପଥଚାରୀ ରାସ୍ତାଗୁଡ଼ିକର ମଧ୍ୟ ଯଥେଷ୍ଟ ଉନ୍ନତିକରଣ କରାଯାଇଛି। ୨୦୧୯ କୁମ୍ଭଠାରୁ ଯଥେଷ୍ଟ ଅଧିକ ସ୍ଥାନର ଉନ୍ନତିକରଣ କରାଯାଇଛି ଚଳିତ ମହାକୁମ୍ଭରେ, ଯଥା: ୪,୦୦୦ ହେକ୍ଟର ଏରିଆରେ ପରିବ୍ୟାପ୍ତ ମହାକୁମ୍ଭ ଅଞ୍ଚଳକୁ ୨୫ ସେକ୍ଟରରେ ବିଭକ୍ତ କରାଯାଇଛି, ଯାହା ୨୦୧୯ରେ ଥିଲା ୨୦। ସେଥି ମଧ୍ୟରେ ସବୁ ପ୍ରକାର ଅତ୍ୟାଧୁନିକ ସୁବିଧା ଥିବା ଟେଣ୍ଟହାଉସ୍ ରହିଛି, ଯାହାକୁ ସାମର୍ଥ୍ୟ ଅନୁସାରେ ବୁକ୍ କରାଯାଇ ପାରିବ। ପ୍ରକାଶଯୋଗ୍ୟ, ନୂତନ ଭାବେ ଚଳିତ ଥର ମୋଟ ୧,୬୦,୦୦୦ ଟେଣ୍ଟହାଉସ୍ ନିର୍ମିତ ହୋଇଛି। ସାଧାରଣ ଦରିଦ୍ର ଯାତ୍ରୀମାନଙ୍କ ସକାଶେ ସମ୍ପୂର୍ଣ୍ଣ ମାଗଣାରେ ରହଣୀ, ଖାଇବା ଓ ସ୍ନାନର ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି ଉତ୍ତରପ୍ରଦେଶ ସରକାରଙ୍କ ତରଫରୁ। ପ୍ରତ୍ୟେକ ସେକ୍ଟର ଏକ ମ୍ୟୁନିସିପାଲିଟି ୱାର୍ଡ ଭାବେ କାମ କରିବ, ଯୋଉଠି ଜଳ, ବିଦ୍ୟୁତ୍ ଯୋଗାଣ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନାର ନିଜସ୍ୱ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଜଳ ଯୋଗାଣ ଓ ବିଶୁଦ୍ଧିକରଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି, ଯେପରି ସ୍ୱଚ୍ଛ ପାନୀୟ ଜଳର ଅଭାବ କୋଣସିଠାରେ ଦେଖାଯିବ ନାହିଁ। ୮୫ ୱାଟର ବୁଥ୍ ଓ ୨୦୦ଟି ନୂତନ ଜଳ ଏଟିଏମ୍ ସ୍ଥାପନ କରାଯାଇଛି। ଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥା ନିମନ୍ତେ ନୂତନ ଭାବେ ୧.୫ ଲକ୍ଷ ଗୋଷ୍ଠୀ ଟଏଲେଟ୍, ୨୫,୦୦୦ ଡଷ୍ଟବିନ୍, ୧୫,୦୦୦ ପରିମଳ କର୍ମଚାରୀ/ଗଙ୍ଗା ସେବାଦୂତ ଓ ୧୬୦ ନୂଆ ପରିମଳ ଯାନ ପ୍ରସ୍ତୁତ ରଖାଯାଇଛି ରାତି ଦିନ କାମ କରିବା ପାଇଁ। ବର୍ତ୍ତମାନ ଗଙ୍ଗା ନଦୀ ମଧ୍ୟକୁ କୌଣସି ପ୍ରକାର ବର୍ଜ୍ୟବସ୍ତୁ ଯେପରି ନଯାଏ, ସେଥିପାଇଁ ସ୍ୱତନ୍ତ୍ର ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ୬୭ ହଜାର ନୂଆ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ। ୨ଟି ନୂଆ ପାୱାର ସବ୍‌ଷ୍ଟେସନ, ୬୬ଟି ନୂଆ ଟ୍ରାନ୍ସଫରମର ପ୍ରତିଷ୍ଠା କରାଯାଇଛି। ଏହା ଛଡ଼ା ସୌରଶକ୍ତିର ଭରପୂର ଉପଯୋଗ କରାଯାଇଛି। ଭକ୍ତ, ଶ୍ରଦ୍ଧାଳୁ ଯାତ୍ରୀମାନଙ୍କୁ ସବୁ ପ୍ରକାର ସୂଚନା ପ୍ରଦାନ ସକାଶେ ୮୦୦ଟି ବହୁଭାଷୀ ଏଲଇଡି ବିଜ୍ଞାପନ ବୋର୍ଡ ଲଗାଯାଇଛି ନୂଆକରି। ନିରାପତ୍ତା ଓ ସୁରକ୍ଷା ନିଶ୍ଚିତ କରିବା ସକାଶେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ସହ ସହସ୍ରାଧିକ ସିସିଟିଭି, ସର୍ବତ୍ର ଖେଳାଇ ହୋଇଥିବା ୩୪୦ ବିଶେଷଜ୍ଞଙ୍କ ବ୍ୟତୀତ ଡ୍ରୋନ୍ ସହାୟତାରେ ଅହରହ ନିରୀକ୍ଷଣ ଜାରି ରହିଛି। ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ଥର ଅଧିକତର ସୁରକ୍ଷା ନିମନ୍ତେ ମୁଖ ଚିହ୍ନଟ (ଫେସିଆଲ ରେକଗ୍‌ନିସନ) ବ୍ୟବସ୍ଥାକୁ ଯୋଗ କରାଯାଇଛି। ଅଗ୍ନି ସୁରକ୍ଷା ଦିଗରେ ୪ଟି ବିଶାଳ ଜଳଭଣ୍ଡାର ପ୍ରସ୍ତୁତ କରାଯାଇଛି ସୁବିଧାଜନକ ସ୍ଥାନମାନଙ୍କରେ, ଯାହା ୩୫ମି. ଉଚ୍ଚତା ଓ ୩୦ମି. ଚଉଡ଼ା ସ୍ଥାନକୁ ପହଞ୍ଚି ପାରିବ। ଏଥି ନିମନ୍ତେ ୧୩୧କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସାଇବର ଅପରାଧ ରୋକିବା ସକାଶେ ୫୬ ଜଣ ସାଇବର ବିଶେଷଜ୍ଞ ଲାଗି ପଡ଼ିଛନ୍ତି କାମରେ। ଶାହୀ ବା ଅମୃତ ସ୍ନାନଜନିତ କୌଣସି ଦୁର୍ଘଟଣା ଏଡ଼ାଇବାକୁ ପ୍ରଥମ ଥର ପାଇଁ ପାଣି ଭିତରେ କାର୍ଯ୍ୟକାରୀ ଡ୍ରୋନ୍ ବ୍ୟବହାର କରାଯାଇଛି, ଯାହା ୧୦୦ ମି. ପର୍ଯ୍ୟନ୍ତ ଜଳାଭ୍ୟନ୍ତରରେ କାର୍ଯ୍ୟ କରିବ। ବହୁବିଧ ଦୁର୍ଘଟଣାର ସାମ୍ନା କରିବାକୁ ଏକ ଅତ୍ୟାଧୁନିକ ମେସିନଯୁକ୍ତ ଗାଡ଼ି ମୁତୟନ ହୋଇଛି, ଯାହା ୧.୫ ଟନ୍ ଜିନିଷକୁ ଅନ୍ୟ ସ୍ଥାନକୁ ପରିବହନ କରି ପାରିବା ସଙ୍ଗେ ଦୁର୍ଘଟଣା ସ୍ଥଳରୁ ୧୦ରୁ ୨୦ ଟନ୍‌ର ମଣିଷ ବା ପଦାର୍ଥକୁ ଉଦ୍ଧାର କରି ପାରିବ।

ଏତଦ୍ ବ୍ୟତୀତ ଉତ୍ତରପ୍ରଦେଶର ନିଜସ୍ୱ ସାଂସ୍କୃତିକ ପରମ୍ପରା ଓ ଐତିହ୍ୟର ପ୍ରଦର୍ଶନ ନିମନ୍ତେ ପ୍ରୟାଗରାଜର ନାଗବାସୁକୀ ମନ୍ଦିର ନିକଟରେ ୫ ଏକର ସ୍ଥାନରେ ସରକାରଙ୍କ ପକ୍ଷରୁ ରାମାୟଣ ସର୍କିଟ, କୃଷ୍ଣ-ବ୍ରଜ ସର୍କିଟ, ବୁଦ୍ଧ ସର୍କିଟ ଓ ବୁନ୍ଦେଲଖଣ୍ଡ ସର୍କିଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ମଣ୍ଡପରେ ଭାରତର ବିଖ୍ୟାତ ନୃତ୍ୟକଳାର ପ୍ରଦର୍ଶନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଯୋଗାଯୋଗ ଓ ପରିବହନର ସୁବିଧା ନିମନ୍ତେ ୧୪ଟି ଫ୍ଲାଇଓଭର, ୯ଟି ସ୍ଥାୟୀ ଘାଟ, ୧୨ କି.ମି.ର ଅସ୍ଥାୟୀ ଘାଟ, ତୁରନ୍ତ ପ୍ରସ୍ଥାନ ପାଇଁ ଉତ୍ସର୍ଗୀକୃତ ମାର୍ଗ ଓ ଜନ ଗହଳି ପରିଚାଳନା ସକାଶେ ୨୦୦ଟି ନିରୀକ୍ଷଣ ସ୍ତମ୍ଭ ନିର୍ମାଣ କରାଯାଇଛି। ଆଲୋକୀକରଣ ଓ ଜଳ ବିଶୋଧନ ସକାଶେ ସୌର ଶକ୍ତିର ଭରପୂର ଉପଯୋଗ କରାଯାଇଛି। ୩,୦୦୦ ନୂତନ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି, ୭ଟି ସ୍ୱତନ୍ତ୍ର ବସ୍ ରହଣୀ ସ୍ଥଳ ସହ ୫୫୦ ସଟଲ ବସ୍ ଓ ୭,୦୦୦ ବସ୍‌ର ବ୍ୟବସ୍ଥା କରାଯାଇଛି। ଆଶା କରା ଯାଉଥିବା ୧୫ ଲକ୍ଷ ବିଦେଶୀ ଯାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆୟୁର୍ବେଦ, ଯୋଗ ଓ ପଞ୍ଚକର୍ମ ଆଦି ପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ତମ୍ବୁର ବ୍ୟବସ୍ଥା ହୋଇଛି। ଏୟାରପୋର୍ଟ ସେବାର ପ୍ରଶସ୍ତିକରଣ ସହିତ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଛି, ୫,୦୦୦ ଇଲେକ୍ଟ୍ରିକ୍ ବସ୍ ଓ ୧୬,୦୦୦ ଟ୍ୟାକ୍ସିର ବନ୍ଦୋବସ୍ତ କରାଯାଇଛି ମହାକୁମ୍ଭ ଉପଲକ୍ଷେ। ନିକଟସ୍ଥ ରାଜ୍ୟଗୁଡ଼ିକ ସହିତ ପରିବହନ ବ୍ୟବସ୍ଥାର ଉନ୍ନତିକରଣ କରାଯିବା ସଙ୍ଗେ ସଙ୍ଗେ ଯାନଗୁଡ଼ିକର ପ୍ରବେଶକୁ ସାବଲୀଳ କରିବା ସକାଶେ ଡିଜିଟାଲ ଇ-ପାସ୍‌ର ବ୍ୟବସ୍ଥା କରାଯାଇଛି।

୨୦୨୫ ମହାକୁମ୍ଭରେ ଉତ୍ତରପ୍ରଦେଶ ସରକାର ୫,୪୦୦ କୋଟି ଓ କେନ୍ଦ୍ର ସର କାର ୨,୧୦୦ କୋଟି, ଏହିପରି ମୋଟ ୭,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାର ସବିଶେଷ ବିବରଣୀ ହେଉଛି- ୧) ରାସ୍ତା ଏବଂ ପୋଲ- ୨,୫୦୦ କୋଟି ଟଙ୍କା, ୨) ପରିମଳ ଏବଂ ବର୍ଜ୍ୟ ପରିଚାଳନା- ୧,୫୦୦ କୋଟି ଟଙ୍କା, ୩) ଜଳ ଯୋଗାଣ ଏବଂ ବିଦ୍ୟୁତ୍- ୧,୦୦୦ କୋଟି ଟଙ୍କା, ୪) ତମ୍ବୁ ସହର ନିର୍ମାଣ- ୨,୦୦୦ କୋଟି ଟଙ୍କା ଏବଂ ୫) ସ୍ୱାସ୍ଥ୍ୟ ଓ ଆଶୁ ସେବା ପ୍ରଦାନ ୫୦୦ କୋଟି ଟଙ୍କା। ସରକାରଙ୍କର ଏହି ଖର୍ଚ୍ଚ ଉପରେ ବିରୋଧୀ ଆପତ୍ତି ଉଠାଇଲେ ଜନସାଧାରଣଙ୍କ ପଇସାର ସରକାର ଦୁରୁପଯୋଗ କରୁଛନ୍ତି। ଉତ୍ତର ସ୍ୱରୂପ ଯୋଗୀ ସରକାର କହିଛନ୍ତି, ଏହି ୭,୫୦୦ କୋଟି ଟଙ୍କାର ଖର୍ଚ୍ଚ ବିନିମୟରେ ରାଜ୍ୟର ରାଜସ୍ୱ ଆଦାୟ ହେବ ପ୍ରାୟ ୨ ଲକ୍ଷ କୋଟି ଟଙ୍କା। ତା'ର ମଧ୍ୟ ହିସାବ ରାଜ୍ୟ ସରକାର ନିମ୍ନମତେ ରଖିଛନ୍ତି। ଆଶା କରାଯାଉଥିବା ୫୦ କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରୁ ୪୦ କୋଟି ଯଦି ମହାକୁମ୍ଭରେ ମୁଣ୍ଡପିଛା ୫,୦୦୦ ଟଙ୍କା ଖର୍ଚ୍ଚ କରନ୍ତି, ତା'ହେଲେ ତାହା ହେବ ୨ ଲକ୍ଷ କୋଟି ଟଙ୍କା; ଅଧିକ ହେଲେ ତ କହିବାର ନାହିଁ। ପରିବହନ- ବିମାନ ସେବା, ରେଳ ସେବା, ବସ୍ ସେବା, ବିଭିନ୍ନ ପ୍ରକାର ସେବାରୁ ଆୟ, ବିଜ୍ଞାପନରୁ ଆୟ, ସ୍ଥାନ ଲିଜ୍ ନେଇ ଅସ୍ଥାୟୀ ଟେଣ୍ଟ ଓ ହୋଟେଲ ନିର୍ମାଣରୁ ଆୟ, ହୋଟେଲ ଶିଳ୍ପ, ରାସ୍ତାକଡ଼ ଖାଦ୍ୟ ସେକ୍ଟର, ଟ୍ୟାକ୍ସିବାଲା, ଅଟୋବାଲା, ପୂଜା ସାମଗ୍ରୀ ଦୋକାନ, ନିକଟସ୍ଥ ପ୍ରଖ୍ୟାତ ସ୍ଥାନ ବୁଲାବୁଲି- ଏମିତି ଅନେକ ପ୍ରକାରରେ ଆଦାୟ କରିବେ ସମ୍ପୃକ୍ତ ସଂସ୍ଥାସବୁ, ମାତ୍ର ଏ ସବୁ ଉପରେ ରାଜ୍ୟ ସରକାର ପାଇବେ ଜିଏସଟି ଓ ଆହୁରି ଅନେକ ପ୍ରକାରର ଟ୍ୟାକ୍ସ। ତା' ମଧ୍ୟ ଅଳ୍ପ କିଛି ଭିତ୍ତିଭୂମି ଖର୍ଚ୍ଚ ବିନିମୟରେ। ଖାଲି ଗଙ୍ଗା ପାଣି ନେବାକୁ ପ୍ଲାଷ୍ଟିକ ବୋତଲ ବିକ୍ରି ହେବ ୩ ହଜାର କୋଟି ଟଙ୍କାର। ତେଣୁ ଏଥିରେ ଉତ୍ତରପ୍ରଦେଶ ସରକାର ମାଲେମାଲ ହେବେନହିଁ ? ୨୦୧୯ ପ୍ରୟାଗରାଜର ଅର୍ଦ୍ଧକୁମ୍ଭରେ ରାଜ୍ୟ ସରକାରଙ୍କର ଆୟ ହୋଇଥିଲା ୧.୨ ଲକ୍ଷ କୋଟି ଯେତେବେଳେ କି ଖର୍ଚ୍ଚ ହୋଇଥିଲା, ୩,୧୨୧ କୋଟି ଟଙ୍କା। ଏଥର ୭.୫ ହଜାର କୋଟି ଟଙ୍କା ଖର୍ଚ୍ଚ କରି ସରକାର ଆଦାୟ କରିବେ ୨.୫ ଲକ୍ଷ କୋଟି ଟଙ୍କା। ତେଣୁ ଏହି ମହାକୁମ୍ଭ ଉତ୍ତରପ୍ରଦେଶ ସରକାରଙ୍କ ଲାଗି କେବଳ ଆସ୍ଥାର କୁମ୍ଭ, ଭରସାର କୁମ୍ଭ, ବିଶ୍ୱାସରକୁମ୍ଭ, ପରମ୍ପରାର କୁମ୍ଭ ନୁହେଁ ଏହା ଅର୍ଥନୈତିକ ବିକାଶର କୁମ୍ଭ,ସବକା ସାଥ,ସବକା ବିଶ୍ୱାସ,ସବକା ବିକାଶର କୁମ୍ଭ।ହିସାବ କରାଯାଇଛି ଏହି ୪୫ଦିନରେ ସରକାର ଦୈନିକ ୫୫୫ କୋଟି ୫୫ ଲକ୍ଷ,୫୫ ହଜାର ୫୫୫ଟଙ୍କା ରୋଜଗାର କରିବେ !ଏଥିରେ ପ୍ରାୟ ୭ଲକ୍ଷ ବ୍ୟକ୍ତି ଅସ୍ଥାୟୀଭାବେ ରୋଜଗାର ପାଇବେ,ଆଇପିଏଲ ପରେ ଏହା ହେଉଛି ୨ୟ ସର୍ବାଧିକ ଆୟକାରୀ ମେଳା ବା ମହୋତ୍ସବ !ଏସବୁକୁ କାର୍ଯ୍ୟକାରୀ କରୁଥିବା ପୋଲିସ ଓ ପ୍ରଶାସନର ଅଧିକାରୀମାନେ ପୁଣ୍ୟ ଅର୍ଜନ ସକାଶେ ସେବା କରୁଛନ୍ତି ବୋଲି କହନ୍ତି।

ଚଳିତ ମହାକୁମ୍ଭରେ ୬ଟି ଶାହୀ ସ୍ନାନର ଦିନ ଥିଲା ଜାନୁଆରୀ ୧୩, ପୌଷ ପୂର୍ଣ୍ଣିମା; ଜାନୁଆରୀ ୧୪, ମକର ସଂକ୍ରାନ୍ତି; ଜାନୁଆରୀ ୨୯, ମୌନୀ ଅମାବାସ୍ୟା; ଫେବୃଆରୀ ୨, ସରସ୍ୱତୀ ପୂଜା (ଶ୍ରୀପଞ୍ଚମୀ); ଫେବୃଆରୀ ୧୨, ମାଘ ପୂର୍ଣ୍ଣିମା ଓ ଫେବୃଆରୀ ୨୬, ମହାଶିବରାତ୍ରି। ଗତ ୨୦୧୯ ଅର୍ଦ୍ଧକୁମ୍ଭ ଭଳି ଏଥର ମଧ୍ୟ ୧୪ଟି ଆଖଡ଼ାର ସାଧୁଗଣ ଓ ଅନେକ ବିଦେଶୀ ସାଧୁ ଓ ଭକ୍ତଙ୍କ ମିଳନ ହୋଇଥିଲା ଏହି ମହାକୁମ୍ଭରେ। କଥିତ ଅଛି ଏହି ସମୟରେ ପବିତ୍ର ଯୋଗରେ ସଙ୍ଗମର ଜଳ, ବାୟୁ, ଆକାଶ ସବୁରେ ଆଧ୍ୟାତ୍ମିକ ପବିତ୍ର ଭାବ ଖେଳିଯାଏ, ସେହି ସମୟରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ପ୍ରାପ୍ତି ହୁଏ। ସେହି ସମୟରେ ଜପ, ତପ, ସ୍ନାନ, ଧ୍ୟାନ, ଦାନ କର୍ମାଦି ସମାପନପୂର୍ବକ ପୁଣ୍ୟଭୂମି କାଶୀର ଅଧିଷ୍ଠାତା ଦେବ ଦେବ ମହାଦେବଙ୍କ ଦର୍ଶନ ଏକ ଅପୂର୍ବ, ବିରଳ ସୁଯୋଗ ତଥା ସଂଯୋଗ, ଯାହା ସମସ୍ତଙ୍କ ଭାଗ୍ୟରେ ଜୁଟି ନଥାଏ। ଯାହାକୁ ଏ ସୁଯୋଗ ମିଳେ, ସେ ମୋକ୍ଷ ପାଇଯାଏ ବୋଲି ମାନ୍ୟତା ଅଛି। ପୂର୍ବ ନିର୍ଦ୍ଧାରିତ ନିୟମାନୁଯାୟୀ ବିଭିନ୍ନ ଆଖଡ଼ାର ମହାମଣ୍ଡଳେଶ୍ୱର ଓ ସାଧୁମାନେ ବିରାଟ ପଟୁଆରରେ ମହାସମାରୋହରେ ସଙ୍ଗମକୁ ବିଜେ ହୋଇ ଶାହୀ ସ୍ନାନ ସମ୍ପୂର୍ଣ୍ଣ କରିଥିଲେ। ସବୁ ଆଖଡ଼ାକୁ ୪୫ ମିନିଟ ସମୟ ଦିଆଯାଇଥିଲା ଓ ମଝିରେ ୧୦ ମିନିଟ ସଫେଇ ପାଇଁ ରଖା ଯାଇଥିଲା। ଏହି ମହାକୁମ୍ଭର ବିଶେଷତ୍ୱଗୁଡ଼ିକ ହେଲା, ଏଥିରେ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ଭାବେ ବିଗତ ଦିନର ବଲିଉଡ୍ ଅଭିନେତ୍ରୀ ମମତା କୁଲକର୍ଣ୍ଣି ଅଧିଷ୍ଠିତ ହେବା ଓ ବହୁ ବିବାଦ ପରେ ପଦ ପଦତ୍ୟାଗ କରିବା। ଏହି କୁମ୍ଭକୁ ଆସିଥିଲେ ବିଶ୍ୱ ପ୍ରସିଦ୍ଧ 'ଆପଲ' କମ୍ପାନୀର ପ୍ରତିଷ୍ଠାତା ଷ୍ଟିଭ ଜବ୍‌ସଙ୍କ ପତ୍ନୀ, ନାନ୍‌ସୀ ପାୱେଲ (ମହାକୁମ୍ଭରେ ଭାରତୀୟ ନାମ-କମଳା) ସଙ୍ଗମରେ ଶାହୀ ସ୍ନାନ ଓ ସମ୍ପୂର୍ଣ୍ଣ କୁମ୍ଭ ସମୟ ରହିବା ନିମନ୍ତେ ମାତ୍ର ଆଲର୍ଜି ପୀଡ଼ିତ ହୋଇ ସେ ଫେରି ଯାଇଥିଲେ। ଏହି ମହାକୁମ୍ଭକୁ ଆସିଥିଲେ ଉତ୍ତରାଖଣ୍ଡର ୩୦ ବର୍ଷୀୟା ସୁନ୍ଦରୀ ସାଧ୍ୱୀ ହର୍ଷ ରିଚାରିୟା, ଯିଏ ସାଧ୍ୱୀ ହେଲେ ମଧ୍ୟ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ବିଭିନ୍ନ ଆଖଡ଼ାର ସାଧୁମାନଙ୍କ ସହିତ ରଥରେ ଶାହୀ ସ୍ନାନ ସମୟରେ ରିଚାରିୟାଙ୍କ ଯୋଗଦାନ ଅନେକ ପ୍ରତିକ୍ରିୟା ସୃଷ୍ଟି କରିଥିଲା ସାମାଜିକ ଗଣମାଧ୍ୟମର ସମ୍ପୃକ୍ତି ନେଇ। ମହାକୁମ୍ଭରେ ସର୍ବାଧିକ ଦୃଷ୍ଟି ଆକର୍ଷଣକାରୀ ହେଲେ ମଧ୍ୟପ୍ରଦେଶ, ଖାରଗୋନ୍ ଜିଲ୍ଲା ମହେଶ୍ୱର ବାସିନ୍ଦା ରୁଦ୍ରାକ୍ଷ ଓ ଅନ୍ୟ ମାଳା ବିକ୍ରେତା ଯୁବତୀ ମୋନାଲିସା ଭୋସଲେ (୧୬) ଜାତୀୟ, ସାମାଜିକ ଓ ଏମିତିକି ଆନ୍ତର୍ଜାତିକ ଗଣମାଧ୍ୟମରେ ଯିଏ ବିଖ୍ୟାତ ହୋଇ ପାରିଛନ୍ତି ତାଙ୍କ ସୁନ୍ଦର ନୀଳନୟନଦ୍ୱୟ ହେତୁରୁ। ସେତିକି ନୁହେଁ ଇତି ମଧ୍ୟରେ ସିଏ ଏକ ହିନ୍ଦୀ ଚଳଚ୍ଚିତ୍ର, 'ଡାଏରୀ ଅଫ୍ ମଣିପୁର' ପାଇଁ ମଧ୍ୟ ଅନୁବନ୍ଧିତ ହୋଇ ସମ୍ବାଦପତ୍ରର ଶିରୋମଣ୍ଡନ କରି ପାରିଛନ୍ତି। ଜଣେ ଚଳଚ୍ଚିତ୍ର ନିର୍ମାତା ତାଙ୍କୁ ଏକ ଦାମୀ କାର୍ ମଧ୍ୟ ଉପହାର ଦେଇଛନ୍ତି। 'ଗିନିସ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ'ରେ ବିଶ୍ୱର ସର୍ବବୃହତ୍ ମେଳା ଭାବେ ସ୍ଥାନିତ ଏହି ମହାକୁମ୍ଭରେ ମଧ୍ୟ ଏକ ଦୁର୍ଘଟଣା ଘଟି ଯାଇଛି ଗତ ଜାନୁଆରୀ ୨୯, ମୌନୀ ଅମାବାସ୍ୟା ଅବସରରେ କୋଟି କୋଟି ଲୋକ ଏକ ସଙ୍ଗେ ଅମୃତ ସ୍ନାନ ସକାଶେ ବ୍ୟାରିକେଡ୍ ଭାଙ୍ଗିଦେଲେ କୌଣସି ପ୍ରକାର ସତର୍କତା ନ ମାନି। ଫଳରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି ଓ ୬୦ ଜଣ ଆହତ ହୋଇଛନ୍ତି। ପରେ ଅବଶ୍ୟ ପୁଲିସ/ ପ୍ରଶାସନ ଅଧିକ ସକ୍ରିୟ ହୋଇଛି, କିନ୍ତୁ ତା 'ନିର୍ବାଣ ଦୀପେ କିମୁ ତୈଳ ଦାନମ୍' ସଦୃଶ, ଯାହା ଅତ୍ୟନ୍ତ ଦୁଃଖଦାୟକ।

ଏତେ ସୁନ୍ଦର, ବିଶାଳ ପଦକ୍ଷେପ ସତ୍ତ୍ୱେ ଏକ କଳା ଦାଗ ରହିଗଲା ମହାକୁମ୍ଭର ମହା-ଆୟୋଜନ ବକ୍ଷରେ। ଏମିତି ଆହୁରି ଅନେକ କିଛି ବୈଚିତ୍ର୍ୟ ରହିଛି ଚଳିତ ୨୦୨୫ ମହାକୁମ୍ଭରେ, ଯାହା ସବୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ଏହି ସୀମିତ କଳେବରରେ। ଏହି ଦିବ୍ୟ, ଭବ୍ୟ, ବିଶାଳ ଆୟୋଜନ ଜନମାନସରେ ଅନେକ ଦିନ ବିରାଜିବ, କାରଣ ଏହା ହିଁ 'ସନାତନ ଗର୍ବ, ମହାକୁମ୍ଭ ପର୍ବ।'■

ମୋ: ୯୦୯୦୧୯୦୦୬୯

# ଶିବଲିଙ୍ଗ ତତ୍ତ୍ୱ ଓ ମହାଶିବରାତ୍ରି ମହତ୍ତ୍ୱ

ଭଗବାନ ଶଙ୍କର ହେଉଛନ୍ତି ଆଦିପୁରୁଷ ଏବଂ ଅଯୋନି ସମ୍ଭୂତ। ଲିଙ୍ଗ ହେଉଛନ୍ତି ଶିବଙ୍କର ଚିନ୍ମୟ ଶକ୍ତିର ପ୍ରତୀକ ତଥା ପ୍ରକାଶମାନ ଜ୍ୟୋତିସ୍ତମ୍ଭ। ଅନନ୍ତ ଆକାଶ ଲିଙ୍ଗ ନାମରେ ହୁଅନ୍ତି ନାମିତ। ଯେଉଁଠାରେ ସର୍ବ ଜୀବଙ୍କର ହୋଇଥାଏ ବିଲୟ, ତାହାକୁ ଅନନ୍ତ ଆକାଶ ବା ଶିବ ତତ୍ତ୍ୱରେ ଲିଙ୍ଗ ନାମରେ କରାଯାଏ ଅଭିହିତ। ବ୍ୟୋମରୁ ସର୍ବ ଭୂତର ହୋଇଥାଏ ଉଦୟ ଏବଂ ଆକାଶରେ ମଧ୍ୟ ସର୍ବ ଭୂତର ଘଟେ ବିଲୟ। ଏହି ଲିଙ୍ଗ ବା ଅନନ୍ତ ଆକାଶ କଳ୍ପ



ଅନନ୍ତ ଗୋପାଳ ପଣ୍ଡା

ପୂର୍ବରୁ ଥିଲା, ବର୍ତ୍ତମାନ ଅଛି ଏବଂ ପୁନଃ କଳ୍ପାନ୍ତ ପରେ ମଧ୍ୟ ରହିଥିବ। ବେଦାନ୍ତ ସୂତ୍ରରେ ସେଥିପାଇଁ କୁହାଯାଇଛି- 'ଆକାଶସ୍ତୁ ଲିଙ୍ଗାତ୍', ଅର୍ଥାତ୍ ଅକାଶ ହିଁ ଲିଙ୍ଗ। ଛାନ୍ଦୋଗ୍ୟ ଉପନିଷଦରେ ଉଲ୍ଲେଖ ରହିଛି, 'ଓଁ ଖ ବ୍ରହ୍ମ।' 'ଖ' ଅର୍ଥ ଆକାଶ। ଅର୍ଥାତ୍ ଲିଙ୍ଗ ବା ଆକାଶ ହିଁ ବ୍ରହ୍ମ। ଏହି ଆକାଶରୁ ଅନିଳ, ଅନିଳରୁ ଅନଳ, ଅନଳରୁ ସଲିଳ ଏବଂ ସଲିଳରୁ ଭୂତଳ (ପୃଥିବୀ) ହୋଇଛି ସୃଷ୍ଟ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି, 'ନିରଞ୍ଜନୋ ନିରାକାର ଏକଦେବୋ ମହେଶ୍ୱରଃ, ତସ୍ମାଦାକାଶମୁତ୍ପନ୍ନ ଆକାଶାତ୍ ବାୟୁସମ୍ଭବଃ, ବାୟୋ ସ୍ତେଜ ତସ୍ମାଦାପଃ ତତଃ ପୃଥ୍ୱୀ ସମୁଦ୍ଭୂତା।'

ଶିବ ଲିଙ୍ଗଙ୍କ ସହ ଗୌରୀପଟ ରହିଛି ସଂଯୁକ୍ତ। ସ୍କନ୍ଦ ପୁରାଣ ଅନୁସାରେ, ଲିଙ୍ଗ ରୂପକ ଆକାଶର ଯୋନିପୀଠ ହେଉଛି ପୃଥିବୀ। ଲିଙ୍ଗବେଦୀ, ଯୋନିପୀଠ ବା ଶକ୍ତି ବୋଲି ଯାହା ଅଭିହିତ, ସେ ସ୍ୱୟଂ ହେଉଛନ୍ତି ଆଦ୍ୟାଶକ୍ତି। ଶିବ ଲିଙ୍ଗରେ ତିନି ଦେବତା ଯଥା- ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଏବଂ ସଂହାରକର୍ତ୍ତା ମହେଶ୍ୱର ଏକତ୍ର କରିଥାନ୍ତି ଅବସ୍ଥାନ। ତେଣୁ ଲିଙ୍ଗ ପୂଜା କଲେ ତ୍ରିଦେବଙ୍କ ସହିତ ସମସ୍ତ ଦେବଦେବୀ ମଧ୍ୟ ହୋଇଥାନ୍ତି ଆରାଧିତ। ଶିବ ପୁରାଣରେ ଏ ସମ୍ପର୍କରେ ରହିଛି ବର୍ଣ୍ଣନା। ଯଥା- 'ମୂଳେ ବ୍ରହ୍ମା ତଥା ମଧ୍ୟେ ବିଷ୍ଣୁ ଶ୍ରୀ ଭୁବନେଶ୍ୱରଃ, ରୁଦ୍ରୋପରି ମହାଦେବଃ ପ୍ରଣବାଖ୍ୟଃ ସଦାଶିବଃ, ଲିଙ୍ଗବେଦୀ ମହାବେଦୀ ଲିଙ୍ଗ ସାକ୍ଷାତ୍ ମହେଶ୍ୱରଃ, ତୟୋଃ ସମ୍ଭବୋ ନିତ୍ୟ ଦେବୀ ଦେବଶ୍ଚ ପୂଜିତୌ।' କେବଳ ଶିବଲିଙ୍ଗ କିମ୍ବା ଲିଙ୍ଗ ବିହୀନ ଶକ୍ତି ଶିବଲିଙ୍ଗ ପଦବାଚ୍ୟ ନୁହନ୍ତି। ଉଭୟଙ୍କର ସମ୍ମିଳିତ ସ୍ୱରୂପ ହିଁ ଶିବଲିଙ୍ଗ ଭାବେ ହୁଅନ୍ତି ଅଭିହିତ। ଶିବଲିଙ୍ଗଙ୍କୁ ଓଁକାର ବା ପ୍ରଣବର ସମାହାର ଭାବେ ବର୍ଣ୍ଣନା କରାଯାଇଛି। ଚାରି ଯୁଗରେ ଚାରି ପ୍ରକାର ଲିଙ୍ଗ ପୂଜନର ରହିଛି ବର୍ଣ୍ଣନା, ଯଥା- ସତ୍ୟ ଯୁଗରେ ରତ୍ନ ଲିଙ୍ଗ, ତ୍ରେତୟାରେ ସୁବର୍ଣ୍ଣ ଲିଙ୍ଗ, ଦ୍ୱାପରରେ ପାରଦ ଲିଙ୍ଗ ଏବଂ କଳି ଯୁଗରେ ପାର୍ଥିବ ଲିଙ୍ଗ।

ଜ୍ୟୋତିର୍ଲିଙ୍ଗଙ୍କର ଆବିର୍ଭାବ ଦିବସ ତଥା ଶିବରାତ୍ରିର ମହତ୍ତ୍ୱ ସମ୍ପର୍କରେ ରହିଛି ଏକାଧିକ ଆଖ୍ୟାୟିକା ତଥା ପୌରାଣିକ କିମ୍ବଦନ୍ତୀ। ପଦ୍ମ ପୁରାଣ ଅନୁସାରେ, ମହର୍ଷି ଭୃଗୁ ସୃଷ୍ଟି ତତ୍ତ୍ୱ ଏବଂ ଶିବଙ୍କର ମହିବା ଜ୍ଞାତ ହେବା ପାଇଁ କୈଳାସରେ ପହଞ୍ଚିଲେ। ସେହି ସମୟରେ ଶଙ୍କର ମା' ପାର୍ବତୀଙ୍କ ସହିତ ଦାମ୍ପତ୍ୟ ସୁଖ ଆହରଣରେ ଥିଲେ ନିମଗ୍ନ। ବହୁ କାଳ ଧରି ଅପେକ୍ଷା କରି ଶିବଙ୍କ ଦର୍ଶନରୁ ବଞ୍ଚିତ ହୋଇ ଋଷି ଶିବଙ୍କୁ ଲିଙ୍ଗରୂପ ହେବା ପାଇଁ ଦେଇଥିଲେ ଅଭିଶାପ। ଶିବ ପୁରାଣ ଅନୁସାରେ, ଦକ୍ଷ ଯଜ୍ଞରେ ସତୀଙ୍କ ବିଚ୍ଛେଦ ପରେ ପ୍ରସୂତୀ ଆଦି ମାତାମାନଙ୍କ ସମ୍ମୁଖରେ ସତୀଙ୍କ ପାର୍ଥିବ ଶରୀରକୁ ସ୍କନ୍ଧରେ ଧାରଣପୂର୍ବକ ଶିବ ଉନ୍ମତ୍ତ ଅବସ୍ଥାରେ ନଗ୍ନତା ପ୍ରଦର୍ଶନ କରିବାରେ ମାତା ପ୍ରସୂତୀ ଲିଙ୍ଗ ରୂପ ଧାରଣ କରିବା ପାଇଁ ଦେଇଥିଲେ ଅଭିଶାପ। କୋଟିରୁଦ୍ର ସଂହିତା ଅନୁଯାୟୀ, ଦେବଦାରୁ ବନରେ ଶଙ୍କରଙ୍କର ଆରାଧନାରେ ଲିପ୍ତ ଥିବା ଋଷି ପତ୍ନୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ଶିବ ସେଠାରେ ନଟରାଜ ରୂପରେ ନୃତ୍ୟରେ ହେଲେ ନିମଗ୍ନ। ଋଷିମାନେ ସମିଧ ସଂଗ୍ରହ କରି ବନରୁ ପ୍ରତ୍ୟାବର୍ତ୍ତନ କାଳରେ ସେମାନଙ୍କ ପତ୍ନୀମାନଙ୍କ ସମ୍ମୁଖରେ ଶିବଙ୍କର ଏପରି ବସନବିହୀନ ନୃତ୍ୟ ସନ୍ଦର୍ଶନରେ କ୍ରୋଧାନ୍ୱିତ ହୋଇ ଦେଲେ ଅଭିଶାପ। ଫଳତଃ, ଶିବଙ୍କ ଶରୀରରୁ ଲିଙ୍ଗ ହେଲା ବିଚ୍ଛିନ୍ନ। ଦେବତାମାନଙ୍କ ଅନୁରୋଧରେ ମାତା ପାର୍ବତୀ ଅସ୍ଥିର ଛିନ୍ନ




ଲିଙ୍ଗଙ୍କୁ ଶାନ୍ତ କରାଇବା ପାଇଁ ନିଜ ଜନନେନ୍ଦ୍ରିୟ ସହିତ କଲେ ସଂଯୁକ୍ତ। ସେହି ଦିନଠାରୁ ଶିବଲିଙ୍ଗ ଶକ୍ତିଯୁକ୍ତ ହୋଇ ହେଉଛନ୍ତି ଉପାସିତ।

ଏକଦା ସୃଷ୍ଟିର ସର୍ଜନାକୁ କେନ୍ଦ୍ର କରି ବ୍ରହ୍ମା ଓ ବିଷ୍ଣୁଙ୍କ ମଧ୍ୟରେ ସୃଷ୍ଟି ହେଲା ଦ୍ୱନ୍ଦ୍ୱ। ଏହାର ସମାଧାନ ନିମନ୍ତେ ଉଭୟଙ୍କ ମଧ୍ୟରେ ଜ୍ୟୋତିର୍ଲିଙ୍ଗ ରୂପରେ ଆବିର୍ଭୂତ ହୋଇଥିଲେ ଶଙ୍କର ଏବଂ ଦ୍ୱନ୍ଦ୍ୱ ଦୂରୀଭୂତ କରିବାପୂର୍ବକ ତ୍ରିଶକ୍ତି ଏକ ତଥା ଅଭିନ୍ନ ବୋଲି କରିଥିଲେ ମତବ୍ୟକ୍ତ। ଏହି ଦିନଟି ଥିଲା ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥି। ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ, ସମୁଦ୍ର ମନ୍ଥନ କାଳରେ ବାସୁକୀ ନାଗ ମୁଖରୁ ନିସୃତ ହଳାହଳ ବିଷ ପ୍ରଭାବରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଗରଳକୁ ପାନ କରିଥିଲେ। ଫଳତଃ, କଣ୍ଠ ନୀଳବର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଶିବ ହେଲେ ସଂଜ୍ଞାହୀନ। ସମ୍ବିତ୍ ଫେରିବା ପର୍ଯ୍ୟନ୍ତ ଉଜାଗର ରହି ଦେବତାମାନେ ପ୍ରଦୀପ ପ୍ରଜ୍ୱଳନ ସହିତ କରିଥିଲେ ପ୍ରାର୍ଥନା। ଏହି ତିଥି ଥିଲା ଫାଲ୍‌ଗୁନର ସେହି କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି।

ଏହି ଶିବରାତ୍ରିର ମହିମା ମଧ୍ୟ ଅଲୌକିକ। ସୁସ୍ୱର ନାମକ ଏକ ଶିକାରୀ ସନ୍ଧ୍ୟା ଆଗତ ହେବାରୁ ବନ ମଧ୍ୟରୁ ପ୍ରତ୍ୟାବର୍ତ୍ତନ କରି ନପାରି ଭୟସଂକୁଳ ଅବସ୍ଥାରେ ବିଷାଦ ମନରେ ଏକ ବିଲ୍ୱବୃକ୍ଷରେ ନେଲା ଆଶ୍ରୟ। ଅଶ୍ରୁପୂର୍ଣ୍ଣ ନୟନରେ ବ୍ୟଥିତ ଅବସ୍ଥାରେ ଅଜାଣତରେ ବିଲ୍ୱପତ୍ର ଛିଣ୍ଡାଇ ତଳକୁ ପକାଇବାରୁ ସେହି ବିଲ୍ୱପତ୍ର ବୃକ୍ଷ ମୂଳରେ ଥିବା ଶିବଲିଙ୍ଗଙ୍କ ଉପରେ ପଡୁଥିଲା। ଫଳ ସ୍ୱରୂପ, ସେହି ଶିକାରୀ ପର ଜନ୍ମରେ ଜମ୍ବୁଦ୍ୱୀପରେ ରାଜପଦରେ ହୋଇଥିଲେ ଅଭିଷିକ୍ତ। ସେହି ରାତ୍ରି ଥିଲା ଫାଲ୍‌ଗୁନ ମାସର କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ରାତ୍ରି ବା ଶିବରାତ୍ରି। ଆଗମ ଶାସ୍ତ୍ରରେ ଆଦ୍ୟାଶକ୍ତିଙ୍କ ଉପାସନା ନିମିତ୍ତ ବିଭିନ୍ନ ରାତ୍ରିର ବର୍ଣ୍ଣନା ପରି ଶିବ ସଂହିତାରେ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ରାତ୍ରିର ରହିଛି ସବିଶେଷ ବର୍ଣ୍ଣନା। ଏହି ରାତ୍ରିକୁ ମହାରାତ୍ରି ଭାବେ ଅଭିହିତ କରାଯାଏ।

ଲିଙ୍ଗଙ୍କର ଆବିର୍ଭାବ ଦିବସ ରୂପେ ଶିବରାତ୍ରି ଭାରତର କୋଣ ଅନୁକୋଣରେ ଶୈବ ପୀଠମାନଙ୍କରେ ମହାସମାରୋହରେ ହୋଇଥାଏ ପାଳିତ। ଏହି ତିଥିରେ ଶିବଙ୍କ ଅଭିଷେକ ରାତ୍ରିର ବିଭିନ୍ନ ପ୍ରହରରେ କ୍ଷୀର, ଦଧି, ଘୃତ ଏବଂ ମହୁରେ ସମ୍ପନ୍ନ କରାଯାଇ ଶେଷରେ ଶ୍ରୀଫଳ ଜଳରେ ସ୍ନାନ କରାଯାଏ। ତତ୍ପରେ ବିଭିନ୍ନ ପୁଷ୍ପମାଲ୍ୟ ସହିତ ବିଲ୍ୱପତ୍ର ଏବଂ କେତକୀ ଫୁଲରେ ଚନ୍ଦ୍ରଚୂଡ଼ ବିଭୂଷିତ ହେବା ପରେ ମହାଦୀପ ହୁଏ ସମର୍ପିତ। ପୂଜକ ଘଣ୍ଟ, ଘଣ୍ଟା, କାହାଳୀ ତଥା ନାମ ସଂକୀର୍ତ୍ତନ ମଧ୍ୟରେ ଏହି ମହାଦୀପକୁ ମନ୍ଦିର ପ୍ରଦକ୍ଷିଣ କରାଇ ଜଗତର ମଙ୍ଗଳ ନିମନ୍ତେ ମନ୍ଦିର ଶିଖରରେ କରାନ୍ତି ସ୍ଥାନିତ। ଜଗତରୁ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରିବା ସହିତ ସମସ୍ତଙ୍କର ମଙ୍ଗଳ ବିଧାନ ହେଉଛି ଏହି ମହାଦୀପ ପ୍ରଜ୍ୱଳନ ତଥା ସମର୍ପଣର ଅନ୍ତର୍ନିହିତ ଉଦ୍ଦେଶ୍ୟ।■

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ଜର୍ମାନୀରେ ପରିବର୍ତ୍ତନ

ଜର୍ମାନୀ ଏକତ୍ରିକରଣର ଇତିହାସ ପରେ ଏକ ସର୍ବାଧିକ ନିର୍ଣ୍ଣାୟକ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି ଗତ ରବିବାର (ଫେବ୍ରୁଆରୀ ୨୩,୨୦୨୫) ଦିନ। ଏହି ନିର୍ବାଚନ ପରେ ଜର୍ମାନୀର ଦକ୍ଷିଣପନ୍ଥୀ-କୈନ୍ଦ୍ରିକ ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ୍ ୟୁନିଅନ୍ (ସିଡିୟୁ) ଏବଂ ଏହାର ଭଗିନୀ ଦଳ ଖ୍ରୀଷ୍ଟିଆନ୍ ସୋସିଆଲ ୟୁନିଅନ୍ ଏହି ରାଷ୍ଟ୍ରରେ ସରକାର ଗଠନ କରିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି, ଯେଉଁ ନିର୍ବାଚନର ପରିଣତି ମଧ୍ୟ କଠୋର ଦକ୍ଷିଣପନ୍ଥୀ, ଲୋକପ୍ରିୟ ଅଲ୍‌ଟରନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ପାଇଁ ମତଦାନ ହାରରେ ଅଭୂତପୂର୍ବ ବୃଦ୍ଧି ଘଟାଇ ଥିବା ଦେଖିବାକୁ ମିଳିଛି, ଯେହେତୁ ପ୍ରତି ପାଞ୍ଚ ଜଣ ଜର୍ମାନଙ୍କ ମଧ୍ୟରୁ ଜଣେ ଏହି ଦଳ ସପକ୍ଷରେ ମତଦାନ କରିଛନ୍ତି। ନିର୍ବାଚନରେ ଏଭଳି ଏକ ପରିଣାମ ଆସିବା ଉପରେ କ୍ୱଚିତ୍ କୌଣସି ସନ୍ଦେହ ରହିଥିଲା, କାରଣ ଓଲାଫ୍ ସ୍କୋଲ୍‌ଜଙ୍କ ନେତୃତ୍ୱାଧୀନ ତ୍ରିଦଳୀୟ ମେଣ୍ଟ ସରକାର ଗତ ବର୍ଷ ଶେଷ ବେଳକୁ ତା'ର ଲୋକପ୍ରିୟତା ହରାଇ ଭଗ୍ନ ହୋଇ ସାରିଥିଲା ଏବଂ ତାଙ୍କ ନିଜ ଦଳ ମଧ୍ୟମମାର୍ଗୀ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି (ଏସ୍‌ପିଡି) ଜର୍ମାନୀବାସୀଙ୍କ ଆସ୍ଥା ସମ୍ପୂର୍ଣ୍ଣ ଭାବରେ ହରାଇ ସାରିଥିଲା। ଯେଉଁ ଜର୍ମାନୀ ଏକଦା ବିଶ୍ୱ ସମ୍ମୁଖରେ ଏକ ଆଦର୍ଶ ଦେଶ ଭାବରେ ଉଭା ହୋଇଥିଲା, ତାହା ଲଗାତର ତୃତୀୟ ବର୍ଷ ପାଇଁ ଅର୍ଥନୀତିକ ସଂକୁଚନର ଶିକାର ହୋଇ ସାରିଥିଲା। ଅପର ପକ୍ଷରେ, ଅତ୍ୟଧିକ ମାତ୍ରାରେ ଦକ୍ଷିଣପନ୍ଥୀ ଚିନ୍ତାଧାରାରେ ପରିଚାଳିତ ଏବଂ ନାଜିମାନଙ୍କ ଆଦର୍ଶବାଦରେ ଅନୁପ୍ରାଣିତ ଅଲ୍‌ଟରନେଟିଭ୍ ଫର୍ ଜର୍ମାନୀ (ଏଏଫ୍‌ଡି) ତା'ର ସରକାର-ବିରୋଧୀ ତଥା ଅପ୍ରବାସନ-ବିରୋଧୀ ପ୍ରଚାର ଜରିଆରେ ଲୋକମାନଙ୍କ ଭିତରେ ଅଧିକରୁ ଅଧିକ ଲୋକପ୍ରିୟ ହୋଇ ଚାଲିଥିଲା। ଫଳରେ ସିଡିୟୁ/ସିଏସ୍‌ୟୁ ଏସ୍‌ପିଡି ସହିତ ଏକ ମେଣ୍ଟ କରିବାର ସମ୍ଭାବନା ସୃଷ୍ଟି ହୋଇଥିଲା, ଯାହାକି ନିର୍ବାଚନରେ ତୃତୀୟ ସ୍ଥାନରେ ରହିଛି। ଏଏଫ୍‌ଡି ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଛି ତା'ର ଅପ୍ରବାସନ ଏବଂ ଜର୍ମାନୀର ଆଶ୍ରୟ ପ୍ରଦାନ ନୀତି ଯୋଗୁଁ, ବିଶେଷକରି ଯେତେବେଳେ କି ଯୁକ୍ତରାଷ୍ଟ୍ର ଆମେରିକା-ୟୁରୋପ୍ ସମ୍ପର୍କ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନୀତିଗୁଡ଼ିକ ପାଇଁ ଏକ ଶକ୍ତ ଆଘାତ ଲାଭ କରିଛି। ସବୁଠୁ ବଡ଼କଥା ହେଉଛି, ଏଏଫ୍‌ଡିର ଭୋଟ୍ ହାର ୨୦.୮ ପ୍ରତିଶତ ସହିତ ଦୁଇଗୁଣ ବୃଦ୍ଧି ପାଇଛି। ସମ୍ପ୍ରତି ଫ୍ରେଡେରିକ୍ ମର୍ଜଙ୍କ ନେତୃତ୍ୱାଧୀନ ସିଡିୟୁ ଏବଂ ସିଏସ୍‌ୟୁ ସର୍ବବୃହତ୍ ମେଣ୍ଟ ଭାବରେ ଉଭା ହୋଇଛି। ଜର୍ମାନୀର ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ବହୁ ସଂଖ୍ୟାରେ ମତଦାନ କରିବାକୁ ଶ୍ରୀଯୁକ୍ତ ମର୍ଜ ଭୋଟରମାନଙ୍କୁ ନିବେଦନ କରିଥିଲେ। ତେବେ ସିଡିୟୁର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନଥିଲା। ପରନ୍ତୁ, ଏହାର ବଳିଷ୍ଠ ନେତୃତ୍ୱ ଏହାକୁ କ୍ଷମତାସୀନ କରାଇବାର ଆଶା ସଂଚାର କରିଛି।

ଏବେ ଫ୍ରେଡେରିକ୍ ମର୍ଜ ଜର୍ମାନୀର ପରବର୍ତ୍ତୀ ଚାନ୍‌ସେଲର ହେବା ଆଶା କରାଯାଉଛି, ଯାହାଙ୍କୁ ବର୍ତ୍ତମାନ କଠୋରତାବାଦୀ ଦକ୍ଷିଣପନ୍ଥୀଙ୍କୁ ସାଙ୍ଗରେ ରଖି ପରବର୍ତ୍ତୀ ସରକାର ଗଠନ କରିବା ନିମନ୍ତେ ବୁଝାମଣା କରିବାକୁ ହେବ। ଶ୍ରୀଯୁକ୍ତ ମର୍ଜ ଏଏଫ୍‌ଡି ସହିତ କୌଣସି ପ୍ରକାରର ମେଣ୍ଟ କରିବାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରି ସାରିଛନ୍ତି, ଯାହାକୁ ୧୫୨ଟି ଆସନ ମିଳିବ। ଜର୍ମାନୀର ବୁନ୍ଦେସ୍ତାଗ୍‌ର ମୋଟ ସଦସ୍ୟ ସଂଖ୍ୟା ୬୩୦ ହୋଇଥିବା ବେଳେ ସରକାର ଗଠନ କରିବା ନିମନ୍ତେ ଏକ ମେଣ୍ଟକୁ ୩୧୬ ଆସନର ଆବଶ୍ୟକତା ରହିଛି। ଶ୍ରୀଯୁକ୍ତ ମର୍ଜଙ୍କ ନିକଟରେ ୨୦୮ ଆସନ ରହିଛି ଏବଂ ସୋସିଆଲ ଡେମୋକ୍ରାଟ୍‌ମାନଙ୍କ ନିକଟରେ ରହିଛି ୧୨୦ଟି ଆସନ। ତେଣୁ ଏହି ଦୁଇ ଦଳ ମିଶି ଦ୍ୱିଦଳୀୟ ମେଣ୍ଟ ସରକାର ଗଠନ କରିବାର ସମ୍ଭାବନା ଅଧିକ। ୟୁରୋପ୍ ମହାଦେଶର ସର୍ବବୃହତ୍ ଅର୍ଥନୀତି ତଥା ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶର ପରବର୍ତ୍ତୀ ସରକାରଙ୍କ ସମ୍ମୁଖରେ ରହିଛି ଅନେକ ଆହ୍ୱାନ। ତେବେ ଏସବୁ ସମସ୍ୟା ମଧ୍ୟରୁ ଏହାକୁ ପ୍ରଥମେ ମୁକାବିଲା କରିବାକୁ ପଡ଼ିବ ଶ୍ରୀଯୁକ୍ତ ଡୋନାଲ୍‌ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଯୁକ୍ତରାଷ୍ଟ୍ର ଆମେରିକାର ବ୍ୟାଘାତ ସୃଷ୍ଟିକାରୀ ନୀତିଗୁଡ଼ିକର, ଯାହା ଏବେ ଦଶନ୍ଧି ଦଶନ୍ଧିର ଆମେରିକୀୟ ସୁରକ୍ଷା ଗ୍ୟାରେଣ୍ଟିକୁ ସମାପ୍ତ କରିବାକୁ ଘୋଷଣା କରିଛି। ସେହିଭଳି ରୁଷୀୟ ଷ୍ଟ୍ରଙ୍ଗମ୍ୟାନ୍ ଭ୍ଲାଦିମିର ପୁତିନ୍‌ଙ୍କ ସହିତ ଟ୍ରମ୍ପଙ୍କ ସମ୍ପର୍କ ବୃଦ୍ଧି କରିବାର ଅଭିଳାଷ ଏବଂ ସାମ୍ପ୍ରତିକ କାର୍ଯ୍ୟକ୍ରମ ମଧ୍ୟ ୟୁରୋପୀୟ ସୁରକ୍ଷା ସମସ୍ୟାଗୁଡ଼ିକୁ ବୃଦ୍ଧି କରିବାକୁ ଯାଉଛି, ଯେଉଁଥିପାଇଁ ଶ୍ରୀଯୁକ୍ତ ମର୍ଜ ଯାହା କହୁଛନ୍ତି ଯେ ୟୁରୋପ୍ ମହାଦେଶ ଯୁକ୍ତରାଷ୍ଟ୍ର ଆମେରିକାଠାରୁ 'ସ୍ୱାଧୀନତା' ହାସଲ କରିବାକୁ ଯାଉଛି, ତାହା କିଛି ଭୁଲ୍ କହୁଛନ୍ତି ବୋଲି କହିହେବ ନାହିଁ।

ଏସବୁ ତ ଗୋଟିଏ ପଟର କଥା, କିନ୍ତୁ ମଜାର କଥା ହେଉଛି, ମୁଦ୍ରାର ଅପର ପାର୍ଶ୍ୱକୁ ଅବଲୋକନ କଲେ ଜଣାପଡ଼େ ଯେ ଜର୍ମାନୀ ନିର୍ବାଚନରେ ସୋସିଆଲ ମିଡିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ବିଶେଷକରି ଟିକ୍‌ଟକ୍। ଏହି ନିର୍ବାଚନରେ ଏଏଫ୍‌ଡି ଯୁବ ପିଢ଼ିଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରଭାବଶାଳୀ ଢଙ୍ଗରେ ଟିକ୍‌ଟକ୍‌କୁ ବ୍ୟବହାର କରିଛି; ଏହା ଜରିଆରେ ଲୋକପ୍ରିୟତା ଅର୍ଜନକାରୀ ବାର୍ତ୍ତାଗୁଡ଼ିକୁ ଛୋଟ ଛୋଟ ଅଥଚ ଜଡ଼ିତ କରି ରଖିବା ଭଳି ଭିଡିଓଗୁଡ଼ିକ ଜରିଆରେ ପ୍ରସାର କରିବା ସହିତ ଏହି ବାର୍ତ୍ତାଗୁଡ଼ିକୁ ନକାରାତ୍ମକତାଠାରୁ ଦୂରେଇ ରଖିଥିଲା। ମୋଟାମୋଟି ଏହି ନିର୍ବାଚନ ଆଧୁନିକ ରାଜନୀତିରେ ଡିଜିଟାଲ ମଞ୍ଚର ବର୍ଦ୍ଧିତ ପ୍ରଭାବର ଗୁରୁତ୍ୱକୁ ଦର୍ଶାଇ ଥିବା ବେଳେ ଗଣତାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକ ଉପରେ ଆଲ୍‌ଗୋରିଦମ୍ ପରିଚାଳିତ ବିଷୟବସ୍ତୁଗୁଡ଼ିକର ନିୟନ୍ତ୍ରଣ ଏବଂ ପ୍ରଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ଯାହାହେଉ, ଏସବୁର ମିଶ୍ରିତ ଫଳାଫଳ ଯାହା ବି ହେଉ ନା କାହିଁକି, ଜର୍ମାନୀରେ ଏହି ପରିବର୍ତ୍ତନର ପ୍ରଭାବ ୟୁରୋପୀୟ ରାଷ୍ଟ୍ରସଂଘ ଏବଂ ଏହା ବାହାରେ ମଧ୍ୟ ବିଶାଳ ବିଶ୍ୱ ଉପରେ ପଡ଼ିବାକୁ ଯାଉଛି।■

# ପ୍ରଭୁ ପ୍ରୀତ ହେଲେ କରନ୍ତି କୃପା

ଆମେ ଅନେକ ସମୟରେ ପ୍ରଭୁଙ୍କର କୃପାକୁ ସ୍ୱୀକାର କରିଥାଉ। କୃପାର ଅର୍ଥ ହେଲା, ସେମିତି କିଛି ଆଖିଦୃଶିଆ କାମ ନକରି ମଧ୍ୟ ମାଲିକଙ୍କଠାରୁ ଆଶାତୀତ ଫଳ ପାଇବା। ତାକୁ ପୁରସ୍କାର, ଭେଟି, ଉପହାର- ଯାହା କିଛି ବୁଝାଯାଇପାରେ। ଯେବେ ପ୍ରଭୁ ଆମର ବ୍ୟବହାର, କର୍ତ୍ତବ୍ୟ ଇତ୍ୟାଦିରେ ଖୁସି ହୋଇ ଯାଆନ୍ତି, ସେତେବେଳେ ସେ କୃପା ବୃଷ୍ଟି କରି ଥାଆନ୍ତି। ତାଙ୍କର କୃପା ପାଇବାକୁ ଉପଯୁକ୍ତ ପାତ୍ର ହେବା ଆବଶ୍ୟକ। କୃପାର ଅର୍ଥକୁ ବୁଝାଇବାକୁ ଯାଇ ଯୀଶୁ କହିଥିବା କହାଣୀଟିଏ।

ଜଣେ ଅଙ୍ଗୁର କ୍ଷେତର ମାଲିକ ଦେଖିଲେ ଅଙ୍ଗୁର ସବୁ ପାଚି ଯାଇଛି। ଅଧିକ ଗୋଟିଏ ଦିନ ରହିଲେ ପଚିଯିବ। ନଷ୍ଟ ହୋଇଯିବ। କ୍ଷତି ସହିବାକୁ ପଡ଼ିବ। ତେଣୁ ଅଙ୍ଗୁର ତୋଳାଇବା ପାଇଁ ସେ କିଛି ଲୋକଙ୍କୁ ଲାଗାଇଲେ। ବହୁତ ମୂଲିଆ ଆସିଲେ। ସେମାନେ କାମରେ ଲାଗିଲେ। ଦୁଇ ପ୍ରହର ପର୍ଯ୍ୟନ୍ତ କାମ କଲା ପରେ ମାଲିକ ଦେଖିଲେ ସନ୍ଧ୍ୟା ଭିତରେ ସେମାନେ ସବୁ ଅଙ୍ଗୁର ତୋଳି ପାରିବେ ନାହିଁ। ମାଲିକ ଆହୁରି କିଛି ମୂଲିଆ ଲଗାଇଲେ। ସେମାନେ ମଧ୍ୟ ତୋଳିବାକୁ ଲାଗିଲେ। ତଥାପି ମାଲିକ ଦେଖିଲେ ସନ୍ଧ୍ୟା ଭିତରେ ସବୁ ଅଙ୍ଗୁର ତୋଳା ସରିବ ନାହିଁ। ସନ୍ଧ୍ୟା ହେବାକୁ ଅଳ୍ପ ସମୟ ବାକି ଥାଏ। ଆହୁରି କିଛି ମୂଲିଆଙ୍କୁ ଡକାଇଲେ। ସମସ୍ତ ମୂଲିଆ ତୋଳିବାରେ ଲାଗିଲେ। ସବୁ ଅଙ୍ଗୁର ତୋଳା ସରିଗଲା।

ମାଲିକ ଏବେ ସମସ୍ତଙ୍କୁ ସମାନ ମଜୁରି ଦେଲେ। କିନ୍ତୁ ସକାଳୁ ଆସିଥିବା ମୂଲିଆମାନେ ଅଭିଯୋଗ କଲେ- 'ଆମେ ସକାଳୁ ଆସି ଖଟି ଖଟି ଯେତିକି ଟଙ୍କା ନେବୁ, ଶେଷ ସମୟରେ ଅଧଘଣ୍ଟା ପାଇଁ ଆସିଥିବା ଲୋକମାନେ ସେତିକି ପାଇବେ ? ଏହା ଅନ୍ୟାୟ ହେଉଛି।'

ମାଲିକ ହସିଲେ। କହିଲେ- 'ଏହା ହେଉଛି କୃପା ତତ୍ତ୍ୱ। ତୁମେ ଯେତିକି ପାଇବା କଥା, ପାଇଛ କି ନାହିଁ ?'

ମୂଲିଆ କହିଲେ- 'ହଁ ପାଇଛୁ।'

ମାଲିକ କହିଲେ- 'ତେବେ ଅନ୍ୟ ଲୋକ କେତେ ପାଇଲେ, ତୁମେ ସେଥିରେ କାହିଁକି ମୁଣ୍ଡ ଖେଳାଉଛ ? ତାହା ସେମାନଙ୍କ ପାଇଁ ମଜୁରି ନୁହେଁ। ମୋର ଶ୍ରଦ୍ଧା। ମୋ ପାଖରେ ଧନ ଅଛି, ସେମାନଙ୍କୁ ଦେଉଛି।'

କୃପାର ଅର୍ଥ ହେଉଛି, କେବେ କେବେ ତୁମେ ବେଶି କିଛି କରି ନଥିବ। ପ୍ରଭୁ ସ୍ୱଇଚ୍ଛାରେ ଅଧିକ ଦେଇ ଥାଆନ୍ତି। ବାଟରେ ଯାଉଥିବ। ଅନେକ ଲୋକ ସେହି ବାଟ ଦେଇ ଯାଇଥିବେ। କିନ୍ତୁ ପଡ଼ିଥିବା ସୁନା ମୋହରଟି ଅନ୍ୟ କେହି ଦେଖି ପାରି ନଥିବେ। ତୁମେ ଦେଖିବ। ତାହା ହେଲା କୃପା।■

# ବର୍ଷକୁ ୨ ଥର ହେବ ସିବିଏସଇ ଦଶମ ବୋର୍ଡ ପରୀକ୍ଷା

**ଭୁବନେଶ୍ୱର,୨୫।୨/ଏନ୍ଏନ୍ଏସ୍:** ଏବେ ବର୍ଷକୁ ୨ ଥର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆୟୋଜନ କରିବ ସିବିଏସଇ। ଏନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୁପାରିସ କରାଯାଇଛି। ମଙ୍ଗଳବାର ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ପଦକ୍ଷେପ ନିଆଯାଇଛି। ଏପରିକି ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠା ନୀତି ପ୍ରସ୍ତୁତ କରାଯିବ। ସିବିଏସ୍ଇର ସୂଚନା ଅନୁଯାୟୀ, ଛାତ୍ରଛାତ୍ରୀଙ୍କ ଉପରେ ପରୀକ୍ଷା ଚାପ କମାଇବାକୁ ସିବିଏସଇର ପଦକ୍ଷେ। ଆସନ୍ତାବର୍ଷରୁ ବର୍ଷକୁ ୨ ଥର ପରୀକ୍ଷା ପାଇଁ ଅନୁମତି ମିଳିଛି। ଏହି ନିୟମ ୨୦୨୬ରୁ ଲାଗୁ ହେବ।ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ-ମାର୍ଚ୍ଚରେ ହେବ ପରୀକ୍ଷା। ଦ୍ୱିତୀୟ ପର୍ଯ୍ୟାୟରେ ମେ ମାସରେ ହେବ ପରୀକ୍ଷା। ଛାତ୍ରଛାତ୍ରୀଙ୍କ ପାଖରେ ଦୁଇ ଥର ପରୀକ୍ଷା ଦେବାକୁ ବିକଳ୍ପ ରହିବ। ତେବେ ପ୍ରଥମ ପରୀକ୍ଷାରେ ଭଲ କରିନଥିଲେ ଦ୍ୱିତୀୟ ପରୀକ୍ଷା ଦେଇପାରିବେ ଛାତ୍ରଛାତ୍ରୀ। ବର୍ଷକୁ ଦୁଇଥର ହେବାକୁ ଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସମ୍ପୂର୍ଣ୍ଣ ସିଲାବସ ଉପରେ ଆଧାରିତ ହେବ। ତେବେ ସମ୍ପୃକ୍ତ ବିଷୟର ପ୍ରାକ୍ଟିକାଲ ପରୀକ୍ଷା ବା ଆଭ୍ୟନ୍ତରୀଣ ମୂଲ୍ୟାୟନ କେବଳ ଥରେ ହେବ। ଚିଠା ନୀତି ବାବଦରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକଙ୍କ ମତ ନିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି। ମାର୍ଚ୍ଚ ୯ ତାରିଖ ସୁଦ୍ଧା ମତାମତ ସଂଗ୍ରହ କରାଯିବ। ମତାମତ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

## ଗର୍ଭବତୀ ସ୍ତ୍ରୀକୁ ଯୌତୁକ ପାଇଁ ନିର୍ଯାତନା

# ୬ମାସର ଛୁଆ ନଷ୍ଟ, ଥାନାରେ ନବବଧୂ

**ଓଡ଼ଗାଁ,୨୫।୨/ଏନ୍ଏନ୍ଏସ୍:** ଅର୍ଥ ଲୋଭରେ ଅନେକ ଲୋକ ଆଜି ବି ଅନ୍ଧହୋଇ ନିଜ ଘର ସଂସାରକୁ ଉଜାଡ଼ି ଦେବାକୁ ବସିଛନ୍ତି। ସ୍ୱାମୀ–ସ୍ତ୍ରୀର ପବିତ୍ର ସଂପର୍କକୁ ଭୁଲି ରାକ୍ଷସ ପାଲଟିଯାଉଛନ୍ତି। ସ୍ୱାମୀ ଯୌତୁକ ଦାବି କରି ଗର୍ଭବତୀ ସ୍ତ୍ରୀକୁ ମାଡ଼ ମାରିଛନ୍ତି। ପେଟରେ ଥିବା ୬ମାସର ଛୁଆ ନଷ୍ଟ ହେବାପରେ ନବବଧୂ ଥାନାର ଦ୍ୱାରସ୍ଥ ହୋଇଛନ୍ତି।ଏଭଳି ଲୋମହର୍ଷଣକାରୀ ଘଟଣା ଓଡ଼ଗାଁ ଥାନା ଆରଡ଼ା ଗ୍ରାମରେ ଘଟିଛି। ଅଭିଯୋଗ ଅନୁଯାୟୀ ଆରଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ସ୍ତ୍ରୀ କବିତା ସାହୁ ଗତବର୍ଷ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ, ଶାଶୁ ଅହଲ୍ୟା ସାହୁ, ଶ୍ୱଶୁର ବଂଶୀଧର ସାହୁ ମିଶି ଯୌତୁକ ଦାବି କରି ଆସୁଥିଲେ। ଚଳିତ ମାସ ୯ତାରିଖ ଦିନ କବିତା ଘରେ ଖାଇ ବସିଥିବା ସମୟରେ ଶାଶୁ ଓ ସ୍ୱାମୀ ପହଞ୍ଚି ତାଙ୍କ ଚୁଟି ଭିଡ଼ି ମାଡ଼ ମାରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଶାଶୁ ବୋହୁଙ୍କ ଦୁଇ ହାତ ଧରିଥିଲେ ଓ ସ୍ୱାମୀ ତାଙ୍କ ପାଇଁ ସୁନା ବ୍ରେସ୍ଲେଟ୍, ଘରକୁ ଟିଭି, ଫ୍ରିଜ ଆଦି ଆଣିବାକୁ କହି ପେଟକୁ ଗୋଇଠା ପରେ ଗୋଇଠା ମାରି ଚାଲିଥିଲେ। ସେତିକି ନୁହଁ ଥାନାରେ ଜଣାଇଲେ ଜୀବନରେ



ମାରିଦେବାକୁ ଧମକ ଦେଇଥିଲେ ବୋଲି କବିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଠିକ୍ ଏହାର ଦୁଇଦିନ ପରେ କବିତା ଅସୁସ୍ଥତା ଅନୁଭବ କରିବାରୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଲେ। କିନ୍ତୁ ଯନ୍ତ୍ରଣା ଅଧିକ ହେବାରୁ ସେ ଗତ ୨୨ତାରିଖ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅଲଟ୍ରାସାଉଣ୍ଡ କରିବା ପରେ ଛୁଆ ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ଏହା ପରେ କବିତାଙ୍କ ପାଦ ତଳୁ ମାଟି ଖସି ପଡ଼ିଥିଲା। ନିଷ୍ପାପ ଶିଶୁ ଦୁନିଆ ଦେଖିବା ପୂର୍ବରୁ ତାକୁ ମାରିଦିଆଗଲା। ଏଥିପାଇଁ ସେ ନିଜ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଦାୟୀ କରି ଓଡ଼ଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏବେବି ସେ ଯନ୍ତ୍ରଣା ଭୋଗୁଥିବା ବେଳେ ନରରାକ୍ଷସ ସ୍ୱାମୀଙ୍କ ପାଇଁ ମୋ ପିଲାର ଜୀବନ ଗଲା ବୋଲି କହିଛନ୍ତି। ଆଜି ସେ ଓଡ଼ଗାଁ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ ଓଡ଼ଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଅଭିଯୋଗ ପାଇବା ପରେ ତଦନ୍ତ କରି ସତ୍ୟାସତ୍ୟ ଥିଲେ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

## ପାତାଳେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର ଚତୁଃପାର୍ଶ୍ୱ ସଫେଇ



**ବ୍ରହ୍ମପୁର,୨୫।୨/ଏନ୍ଏନ୍ଏସ୍:** ମହାଶିବରାତ୍ରି ଉପଲକ୍ଷେ ସହରର ୧୪ ନମ୍ବର ୱାର୍ଡରେ ଥିବା ଦୁଇଟି ମହାଦେବ ମନ୍ଦିର ପରିସରରୁ ହଟିଛି ଅଳିଆ ଆବର୍ଜନା। ଆଜି ପାତାଳେଶ୍ୱର ଏବଂ ନୀଳକଣ୍ଠେଶ୍ୱର ମନ୍ଦିରର ଚତୁଃର୍ପାଶ୍ୱ ସଫେଇ କରାଯାଇଥିଲା। କର୍ପୋରେଟର, ମେୟର ଏବଂ ମହାନଗର ନିଗମର ସହଯୋଗରେ ମନ୍ଦିର ଚତୁଃପାର୍ଶ୍ୱରେ ଦୀର୍ଘମାସ ଧରି ପଡି ରହିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ଆସନ୍ତାକାଲି ମହାଶିବରାତ୍ରୀ ଉପଲକ୍ଷେ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଅଞ୍ଚଳକୁ ସଫା କରାଯାଇଥିଲା।

## କଣମଣା ପଞ୍ଚାୟତରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

**ଛତ୍ରପୁର,୨୫।୨/ଏନ୍ଏନ୍ଏସ୍:** ଗୋପାଳପୁର ବନ୍ଦର ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଜରିଆରେ ସ୍ଥାନୀୟ କଣମଣା ପଞ୍ଚାୟତରେ ଆଜି ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମ ଆୟୋଜନ କରିଛି। ସେଥିମଧ୍ୟରୁ କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ୮୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେସିନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। କଣମଣା ବାତ୍ୟା ଆଶ୍ରୟ ସ୍ଥଳୀରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଓ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ ଆଦି କରାଯାଇଥିଲା। ଉଦ୍ଘାଟନ ଉତ୍ସବରେ ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜେଶ୍ୱାଲ, କଣମଣା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବି ସୀମାଦ୍ରି, ୱାର୍ଡ ମେମ୍ବର ଚନ୍ଦନ ବେହେରା, ସମିତିସଭ୍ୟ ପ୍ରତିନିଧି ଜନାର୍ଦ୍ଦନ ସ୍ୱାଇଁ, କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ, ସ୍ଥାନୀୟ ବୁଦ୍ଧିଜୀବୀ, ପଞ୍ଚାୟତ ସଦସ୍ୟ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଯୋଗାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଠାଇନେଲା ହରିୟାଣା ପୁଲିସ

**ଦାରିଙ୍ଗବାଡି, ୨୫।୨/ଏନ୍ଏନ୍ଏସ୍:** ୧୦ କିଲୋର ଗଞ୍ଜେଇ ପାଇଁ ଦାରିଙ୍ଗବାଡ଼ିରେ ହରିୟାଣା ପୋଲିସ । ଗଞ୍ଜେଇର ମୂଳ ସ୍ରୋତ ଖୋଜି ଖୋଜି ହରିୟାଣା ପୋଲିସ ପହଞ୍ଚିଛି ଦାରିଙ୍ଗବାଡ଼ିରେ। ଦୁଇ ଦିନ ଧରି ଦାରିଙ୍ଗବାଡ଼ିରେ ଡେରା ପକାଇବା ସହ ଗଞ୍ଜେଇ ଯୋଗାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଏବେ ଉଠାଇ ନେଲା ହରିୟାଣା ଫରିଦାବାଦ ପୋଲିସ। ମିଳିଥିବା ସୂଚନା ମୁତାବକ ହରିୟାଣାରେ ଗଞ୍ଜେଇ ବ୍ୟବସାୟ କରୁଥିବା ବେଳେ ପ୍ରଦୀପ ବିଶୋଇ ନାମକ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ବ୍ୟକ୍ତିଙ୍କୁ ହରିୟାଣା ପୋଲିସ ଗିରଫ କରିଥିଲା । ତାଙ୍କ ଠାରୁ ପ୍ରାୟ ୧୦ କିଲୋ ୪୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ହରିୟାଣା ଫରିଦାବାଦ ଜିଲ୍ଲାର ପଲ୍ଲା ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମଧ୍ୟ ମାମଲା



ରୁଜୁ ହୋଇଛି। ତେବେ ଗଞ୍ଜେଇର ମୁଖ୍ୟ ସ୍ରୋତ କେଉଁଠି ? କେଉଁ ଠାରୁ, ଆଉ କିଏ ଏସବୁ ଯୋଗାଉଛି ! ତାହା ଖୋଜି ଖୋଜି ଆସି ଦାରିଙ୍ଗବାଡ଼ିରେ ପହଞ୍ଚିଥିଲା ହରିୟାଣା ଫରିଦାବାଦ ପୋଲିସ । ଦାରିଙ୍ଗବାଡ଼ି ଥାନା ସୋନପୁର ପଞ୍ଚାୟତ ଅଞ୍ଚଳର ବେଲାଲସେନ ରୂପାମାଝୀ (୪୦)ଙ୍କୁ ଏବେ ହରିୟାଣା ପୋଲିସ ଗିରଫ କରି ଉଠାଇ ନେଇଛି। ଯାହାକୁ ନେଇ ସୋନପୁର ପଞ୍ଚାୟତ ଅଞ୍ଚଳର ଅନେକ ଲୋକ ଦାରିଙ୍ଗବାଡ଼ି ଥାନାରେ ପହଞ୍ଚିଥିଲେ। ପ୍ରକୃତ ଘଟଣା କଣ, କାହିଁକି ବେଲାଲସେନଙ୍କୁ ହରିୟାଣା ପୋଲିସ ଉଠାଇଆଣିଛି ତାହା ଥାନା ଅଧିକାରୀଙ୍କୁ ପଚାରି ବୁଝିଛନ୍ତି। ତେବେ ସେ ଯାହାହେଉ ମାତ୍ର ୧୦ କିଲୋ ୪୦୦ ଗ୍ରାମର ଗଞ୍ଜେଇ ପାଇଁ ୧୫୦୦ କଲୋମିଟରରୁ ଅଧିକ ଅତିକ୍ରମ କରି ହରିୟାଣା ପୋଲିସ ଦାରିଙ୍ଗବାଡ଼ିରେ ପହଞ୍ଚିବା ଆଉ ଏଥିରେ ସମ୍ପୃକ୍ତଙ୍କୁ ଗିରଫ କରି ଉଠାଇ ନେବା କିନ୍ତୁ ସଭିଙ୍କୁ ଚକିତ କରିଛି।

# କାର୍ଯ୍ୟକାରୀ ହେଉନି ବଦଳି ନୀତି, ଶିକ୍ଷକ ମହଲରେ ଅସନ୍ତୋଷ

**ଖଣ୍ଡପଡ଼ା,୨୫।୨/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ଅଧିନ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏକାଧିକ ଶିକ୍ଷକ,ଶିକ୍ଷୟିତ୍ରୀ ବର୍ଷବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ବଦଳି ନୀତି କାର୍ଯ୍ୟକାରୀ ହେଉ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଖଣ୍ଡପଡା ବ୍ଲକ ଅଞ୍ଚଳର ଅନେକ ବିଦ୍ୟାଳୟରେ ଜଣେ ଜଣେ ଶିକ୍ଷକ, ଶିକ୍ଷୟିତ୍ରୀ ୧୦ରୁ ୧୫ ବର୍ଷ ଧରି ଗୋଟିଏ ବିଦ୍ୟାଳୟରେ ରହି ଶିକ୍ଷାଦାନ କରି ଆସୁଥିଲେ ହେଁ ସେମାନଙ୍କର ଅନ୍ୟତ୍ର ବଦଳି ନହେବାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ମହଲରେ ଅସନ୍ତୋଷର କାରଣ ପାଲଟିଛି। ଏପରିକି ବର୍ଷର ବିଭିନ୍ନ ସମୟରେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭାବ ପରିଲକ୍ଷିତ ହେଉଥିବା ବେଳେ ନିର୍ଦ୍ଦିଷ୍ଟ କେତେକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀ ରହିଥିବା ନେଇ ସାଧାରଣରେ ଅଭିଯୋଗ ଉଠିଛି। ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକତା ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବଦଳି ତାଲିକା ପ୍ରକାଶ ପାଉଥିଲେ ହେଁ କେତେକ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ରାଜନୈତିକ ଚାପ ପ୍ରୟୋଗ କରି ବଦଳି ଆଦେଶକୁ ବାତିଲ କରିବାରେ ସଫଳ ହେବା ଘଟଣାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖଣ୍ଡପଡା ବ୍ଲକର ଉପାନ୍ତ ଅଂଚଳରେ ଦିର୍ଘ ବର୍ଷ ଧରି ଶିକ୍ଷାଦାନ କରିଆସୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିକଟସ୍ଥ ବିଦ୍ୟାଳୟକୁ ବଦଳି ହୋଇ ଆସିବା ପାଇଁ ଇଚ୍ଛା ପ୍ରକଟ କରୁଥିଲେ ହେଁ ସେମାନଙ୍କ ଆବେଦନପତ୍ରଗୁଡିକ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ନଦେବା ପରିତାପର ବିଷୟ। ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି, ଶିଖରପୁର, ମର୍ଦ୍ଦରାଜପୁର, ବନମାଳୀପୁର, କଣ୍ଟିଲୋ, ସିଂଘାପଡ଼ା, କିଆଝର, ଯୋଗିଆପଲ୍ଲୀ, ଶାଳଝରିଆ, ଗୁଣ୍ଠୁଣି ପ୍ରଭୃତି ପଞ୍ଚାୟତ ଅଧୀନ ବିଦ୍ୟାଳୟଗୁଡିକରେ ବର୍ଷ ବର୍ଷ ଧରି ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ ଓ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟିଦେଇ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ସାଧାରଣରେ ଦାବି ହେଉଛି। ଅଭିଯୋଗ ସଂପର୍କରେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟିଦେବେ ବୋଲି କହିଛନ୍ତି।

# ଜିଲ୍ଲା ପୌର ଉନ୍ନୟନ ପରିଷଦ ସଂସ୍ଥା ଉଦ୍ଘାଟିତ



**ନୟାଗଡ଼,୨୫।୨/ଏନ୍ଏନ୍ଏସ୍:** ନୟାଗଡ଼ ଗୁଣ୍ଡିଚା ମନ୍ଦିରଠାରେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ନୂତନ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ ବେହେରା, ଜିଲ୍ଲାର ସମସ୍ତ ଏନ.ଏ.ସି ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ଗଣ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସହରାଞ୍ଚଳର ବିକାଶ ନିମନ୍ତେ ଏହି କାର୍ଯ୍ୟାଳୟ ଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବ ବୋଲି ଜିଲ୍ଲାପାଳ ମହୋଦୟ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଏହି କୋଠାଟି ପୂର୍ବରୁ ଉପ-ଜିଲ୍ଲାପାଳଙ୍କ ବାସଭବନ ଭାବେ ରହିଥିଲା। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଉଦ୍ଘାଟନ ଯୋଗୁଁ ନୟାଗଡ଼, ଖଣ୍ଡପଡା, ରଣପୁର, ଦଶପଲ୍ଲା ଏବଂ ଓଡଗାଁ ସହରର ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଏଣିକି ଉକ୍ତ କାର୍ଯ୍ୟାଳୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରଶାନ୍ତ କୁମାର ପରିଡା, ଅଦିତ୍ୟ ନାରାୟଣ ପ୍ରଧାନ, ନିଗମ ମହାପାତ୍ର, ସୁଭାଶିଷ ସେଠୀ, ପ୍ରଦୀପ କୁମାର ଦାସ ଓ ଚିରଞ୍ଜିବ ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟାଳୟ ଉଦଘାଟନ ଯୋଗୁଁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିଛନ୍ତି।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍, ପାଣିରେ ପଡ଼ିଲା କୋଟିଏ ଟଙ୍କା

**କୁଆଁପାଳ,୨୫।୨/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତ ମଧ୍ୟରୁ ୨୯ଟି ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ବିଧାୟକ ପାଣ୍ଠିରୁ ୭୨ ୱାଟ୍ ବିଶିଷ୍ଟ ୧୦୦୦ଟି ଏଲ୍.ଇ.ଡି. ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା । ଗୋଟିଏ ଷ୍ଟ୍ରିଟ୍ ଲାଇଟ୍ ପାଇଁ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିପାଇଁ ମୋଟ ୧ କୋଟି ୮୮ ହଜାର ୭୬୦ ଟଙ୍କା ଖର୍ଚ୍ଚ କରାଯାଇଥିବା ପଂଚାୟତ ସମିତି କାର୍ଯ୍ୟାଳୟ ମାହାଙ୍ଗାର ସୂଚନା ତଥ୍ୟ ଚିଠି ନଂ ୪୧୧, ତା. ୦୮.୦୧.୨୦୨୫ ରିଖ ତଥ୍ୟରୁ ଜଣାପଡିଛି। ଏବେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡିଛି। କେତେକ ସ୍ଥାନରେ ଲାଇଟ୍ ପୋଲ୍ ଉପରେ ଲଟା ମାଡିଗଲାଣି । ଷ୍ଟ୍ରିଟ୍ ଲାଇଟ୍ ଗୁଡିକର ମରାମତି କରାଯାଉନାହିଁ। ଅପରପକ୍ଷରେ ୭୨ ୱାଟ୍ ଏଲ୍.ଇ.ଡି. ବଦଳରେ କମ୍ ୱାଟ୍ ବିଶିଷ୍ଟ ନିମ୍ନମାନର ଏଲ୍.ଇ.ଡି. ଲାଇଟ୍ ରାସ୍ତାରେ ଲଗାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଯାହାଫଳରେ ଲାଇଟ୍ ଲଗାଇବାର କମ୍ ଦିନ ମଧ୍ୟରେ ଏଗୁଡିକ ଅଚଳ ହୋଇଯାଇଥିବା ଦେଖିବାକୁ ମିଳିଛିଫ ଏଠାରେ ଆଲୋଚନା ହେଉଛି ଯେ ୨୯ ଟି ପଂଚାୟତରେ ଯେତିକି ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା କଥା ତାହା ଲଗାଯାଇଛି ତ ? ନା ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ଲକ୍ଷ ଲକ୍ଷ ଟଙ୍କା ଅନୀୟମିତତା ହୋଇଛି। ଏପରିକି ଅନ୍ୟ ପଞ୍ଚାୟତ ଗୁଡିକରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲେ ମଧ୍ୟ ତାହାର ସୂଚନା ବ୍ଲକ ପ୍ରଶାସନ ପ୍ରଦାନ କରିନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଯେଉଁ ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଏବଂ ସେ ତା'ର ରକ୍ଷଣାବେକ୍ଷଣ ପାଇଁ କେତେ ଦିନ ଅନୁବନ୍ଧିତ ହୋଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ଷ୍ଟ୍ରିଟ୍ ଲାଇଟ୍ର ୱାରେଣ୍ଟି ପରିୟଡ କେତେ ଦିନ ଥିଲା ତାହା ଜଣାପଡୁନାହିଁ। ଷ୍ଟ୍ରିଟ୍ ଲାଇଟ୍ ଲଗାଯିବରେ ହୋଇଥିବା ଅନୀୟମିତତାର ତଦନ୍ତ କରାଯିବା ସହ ଷ୍ଟ୍ରିଟ୍ ଲାଇଟ୍କୁ ପୁନଃ ସକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



# ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଡେଲାଙ୍ଗ,୨୫।୨/ଏନ୍ଏନ୍ଏସ୍:** ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ମଣ୍ଡଳ ଶିକ୍ଷା ଅଧିକାରୀ ଭାବେ ଶତ୍ରୁଘ୍ନ ବେହେରା ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଯୋଗଦେଇଛନ୍ତି। ଏ ପରିପ୍ରେକ୍ଷୀରେ ତାଙ୍କୁ ଡେଲାଙ୍ଗ-ବ୍ଲକ୍ ମିଳିତ ଶିକ୍ଷକ ମଞ୍ଚ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଛି। ଏଥିରେ ଡେଲାଙ୍ଗ-ବ୍ଲକ୍ ର ସମସ୍ତ ଶିକ୍ଷକ ନେତୃବୃନ୍ଦ, ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମଧ୍ୟ ନୂତନ ବିଇଓଙ୍କୁ ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ସଞ୍ଜୁକ୍ତା ମିଶ୍ର ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତରେ ସ୍ୱାଗତ କରାଯାଇଛି। ଡେଲାଙ୍ଗ ବ୍ଲକ୍ ଶିକ୍ଷା ବ୍ୟବସ୍ଥା ଓ ସମସ୍ୟାକୁ ସୁଚାରୁରୂପେ ନୂତନ ବିଇଓ ଆଗେଇନେବେ ବୋଲି ସମସ୍ତେ ଆଶା ରଖିଛନ୍ତି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**କଣାସ,୨୫।୨/ଏନ୍ଏନ୍ଏସ୍:** କଣାସଠାରେ ପ୍ରତିଷ୍ଠିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଊନତ୍ରିଂଶତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ, ସୁକାନ୍ତ କିଶୋର ସାମନ୍ତରାୟ, ଡାକ୍ତର ବିଶ୍ୱରଞ୍ଜନ ଜେନା, ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ମହାପାତ୍ର, ସଂପାଦିକା ବିନୋଦିନୀ ମାଣ୍ଟୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବା ସହିତ ଜଣେ ଜଣେ ଭଲ ମଣିଷ ହୋଇ ଅନୁଷ୍ଠାନ ଓ ଅଞ୍ଚଳର ନାମ ରଖିବା ପାଇଁ ଅତିଥିମାନେ ସୂଚନା ଦେଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତମାଣ୍ଡୋ କପ୍ କ୍ରିକେଟ୍: ଏମ୍ଏମ୍ସିସି ବିଜୟୀ

**ମୁଣ୍ଡମୁହାଣ,୨୫।୨/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିର ମ୍ୟାଚ ରୁବି ରକଷ୍ଟାର ପାତ୍ରପଡ଼ା ସହିତ ଏମ୍ଏମ୍ସିସି ସମ୍ବଲପୁର ମଧ୍ୟରେ ଚାଲିଥିଲା। ପ୍ରଥମେ ରୁବି ରକଷ୍ଟାର ଟସ୍ ଜିତି ବ୍ୟାଟିଙ୍ଗ ଆରମ୍ଭ କରିଥିଲା ଓ ୧୯.୪ ଓଭର୍ରେ ୯୧ରନ୍ ସଂଗ୍ରହ କରି ଅଲ୍ଆଉଟ ହୋଇଯାଇଥିଲା। ସେହିପରି ଦ୍ୱିତୀୟ ଇନିଙ୍ଗସ୍ରେ ଏମ୍ଏସ୍ସିସି ସମ୍ବଲପୁର ୯.୫ ଓଭର୍ରେ ୯ ଉଇକେଟ୍ ଥାଇ ମ୍ୟାଚ ଜିତି ଯାଇଥିଲେ। ଏହି ମ୍ୟାଚରେ ଅଶ୍ୱିନି ଖଟେଇ ୩୧ବଲ୍ରେ ୫୮ରନ୍ ସଂଗ୍ରହକରି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ବିପିନ୍ ବିହାରି ପରିଡ଼ା ମ୍ୟାଚର ଉପସ୍ଥାପକ ଥିଲେ।



## ପ୍ରଥମ ପୃଷ୍ଠାରୁ

### ଆୟକର ଫାଇଲ୍...

ପ୍ରକୃତରେ ଯିଏ ଗରିବ ଥିବ କାର୍ଡ ରହିବ। ଧନୀ ଲୋକ ହାତେଇ ଥିଲେ କଟିବ। ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଯଦି କଟିଛି ବିଭାଗକୁ ଜଣାନ୍ତୁ ବୋଲି ମନ୍ତ୍ରୀ ଅପିଲ କରିଛନ୍ତି। ତଦନ୍ତ କରି ସେମାନଙ୍କୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ମାସିକ ୧୦ ହଜାର ଏବଂ ସହରାଞ୍ଚଳରେ ୧୫ ହଜାର ଆୟ ଥିଲେ କାର୍ଡ କଟିବାକୁ ନିର୍ଦ୍ଦେଶ ଆସିଛି। ଯେଉଁମାନେ ପ୍ରକୃତରେ ଗରିବ ସେମାନଙ୍କର କାର୍ଡ ରହୁ। ସେଥିପାଇଁ ଫିଜିକାଲ ଭେରିଫିକେସନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ୮ରୁ ପୁଲିସ୍...

ଦିଆଯାଇଛି ବୋଲି ଓଡ଼ିଶା ପୁଲିସ ରିକ୍ରୁଟ୍ମେଣ୍ଟ ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ନୋଟିସ୍ରେ କୁହାଯାଇଛି। ସୂଚନାଯୋଗ୍ୟ ୯୩୩ଟି ପଦବୀରୁ ୬୦୯ଟି ପୁଲିସ୍ ଏସ୍ଆଇ ପାଇଁ ଉଦ୍ଦିଷ୍ଟ ଥିବାବେଳେ ୨୫୩ଟି ପୁଲିସ୍ ଏସ୍ଆଇ ଆର୍ମଡ୍, ୪୭ ଷ୍ଟେସନ ଅଫିସର (ଫାୟାର ସର୍ଭିସ) ଓ ୨୪ ଆସିଷ୍ଟାଣ୍ଟ ଜେଲର ପଦ ପାଇଁ ଉଦ୍ଦିଷ୍ଟ ରହିଛି।

# ମାଡିଲେ ମାଫିଆ, ରାତିରେ ଖୋଳିନେଲେ ମାଟି

**ଫୁଲନଖରା,୨୫।୨/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମାଟି ମାଫିଆମାନେ ଖୁବ ସକ୍ରିୟ ହୋଇ ଉଠିଛନ୍ତି। କେବଳ ସରକାରୀ ଜମି ନୁହେଁ ବେସରକାରୀ ଜାଗାକୁ ମଧ୍ୟ ସେମାନେ ଛାଡୁନାହାନ୍ତି। ରାତି ଅଧିଆ ଜେସିବି ଓ ହାଇୱା ଯୋଗେ ମାଟି ଉଠାଇ ଅନ୍ୟତ୍ର ଚାଲାଣ କରୁଥିବା ଦେଖାଯାଉଛି। ତେବେ ଏ ସମ୍ପର୍କରେ ଜମି ମାଲିକଙ୍କୁ ଖବର ମିଳିବା ପୂର୍ବରୁ ସେମାନେ ଚତୁରତାର ସହିତ ସେ ସ୍ଥାନ ଛାଡ଼ି ଫେରାର ହେଇଯାଉଛନ୍ତି। ଏମିତି ଏକ ଘଟଣା ଗତ କାଲି ରାତିରେ କୁରାଙ୍ଗଶାସନ ମୌଜାରେ ଦେଖିବାକୁ ମିଳିଛି। ମାଫିଆମାନେ ସୁନ୍ଦରପ୍ରଭାତ ଦାସଙ୍କ ପ୍ଲଟ୍ ନମ୍ବର ୪ ଓ ଖାତା ନମ୍ବର ୯୧୫/୧୭୮୭ ବିଲରୁ ଗୋଟିଏ ଜେସିବି, ଦୁଇଟି ହାଇୱା ଓ ୫ଟି ଟ୍ରାକ୍ଟର ସହାୟତାରେ ଅନ୍ୟୁନ ୬୦ ଟ୍ରିପ ମାଟି ଉଠାଇ ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ମେସିନ ଜବତ କିମ୍ବା ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ କୁରାଙ୍ଗଶାସନ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜାଗାରୁ ଶହ



ଶହ ଟ୍ରିପ ମାଟି ରାତାରାତି ଚୋରି ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏହାଦ୍ୱାରା ସମ୍ପୃକ୍ତ କ୍ଷତିଗ୍ରସ୍ତ ବିଲ ଆଉ ଚାଷ ଉପଯୋଗୀ ହୋଇପାରୁନାହିଁ। ଖଣି ବିଭାଗ, ବାରଙ୍ଗ ତହସିଲ ଅଥବା ପୁଲିସ ପ୍ରଶାସନର ଉଦାସୀନତା କାରଣରୁ ମାଫିଆମାନେ ନିର୍ବିଘ୍ନରେ ଏପରି ବେଆଇନ କାର୍ଯ୍ୟ କରିଚାଲିଛନ୍ତିବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ବିଭାଗର ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ମାଟି ମାଫିଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟକାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ କାର୍ଯ୍ୟରେ ବ୍ୟବହୃତ ମେସିନ ଓ ଭାରୀଯାନକୁ ଜବତ କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଦୁଇ ସପ୍ତାହ ପୂର୍ବେ ହରିଅନ୍ତା ପଞ୍ଚାୟତ ରାହୁରା ଅଞ୍ଚଳରୁ ବେଆଇନଭାବେ ମାଟି ଖୋଳୁଥିବା ଏକ ଜେସିବି ମେସିନକୁ ସଦର ଥାନା ପୁଲିସ ଜବତ କରିଥିଲା। ଏ ସମ୍ପର୍କରେ ଥାନାଧିକାରୀ ଓମପ୍ରକାଶ ମହାନ୍ତିଙ୍କୁ ପଚାରିବାରୁ ଗତ କାଲି ରାତିରେ ମାଟି ଚୋରି ସମ୍ବନ୍ଧରେ ଅଭିଯୋଗ ମିଳିବା ପରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି କହିଥିଲେ।

# ଗୋଦାବରୀଶ ମହାବିଦ୍ୟାଳୟକୁ ୪ କୋଟିର ଅନୁଦାନ



**ବାଣପୁର,୨୫।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୋଦାବରୀଶ ମହାବିଦ୍ୟାଳୟକୁ ବିଭିନ୍ନ ବିକାଶମୂଳକ କାମ ପାଇଁ ୪କୋଟି ଟଙ୍କା ସରକାରୀ ଅନୁଦାନ ମିଳିଛି। ନୂତନ ସରକାର ଦାୟିତ୍ୱ ନେବାପରେ ଜୁଲାଇ ମାସ ୨୬ ତାରିଖରେ ମହାବିଦ୍ୟାଳୟର ୬୧ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ତଥା ବାଣପୁରର ବରପୁତ୍ର ପୃଥ୍ୱୀରାଜ ହରିଚନ୍ଦନ ଓ ଉଚ୍ଚଶିକ୍ଷା ତଥା ଯୁବ ଓ କ୍ରୀଡ଼ାବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମହାବିଦ୍ୟାଳୟର କ୍ରୀଡା ଭିତ୍ତିଭୂମୀ, ଛାତ୍ରୀନିବାସ, ପାଠାଗାର ଇତ୍ୟାଦିର ନିର୍ମାଣ ପାଇଁ ଯେଉଁ ଅନୁଦାନ ଘୋଷଣା କରିଥିଲେ ଆଜି ତଦନୁଯାୟୀ ମହାବିଦ୍ୟାଳୟକୁ ଏହି ଅର୍ଥରାଶି ପ୍ରଦାନ କରାଯାଇଛି। ଏଥି ନିମନ୍ତେ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ସଭାପତି ଜିତେନ୍ଦ୍ର କୁମାର ଭୋଳ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ ବୋଲି କୁହାଯାଇଛି। ମନ୍ତ୍ରୀ ମହାବିଦ୍ୟାଳୟର ଅଭାବ ଅସୁବିଧାଗୁଡ଼ିକୁ ହୃଦୟଙ୍ଗମକରି ଏହାର ଆଶୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିବାରୁ ବାଣପୁରର ଜନସାଧାରଣ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅଧ୍ୟକ୍ଷଙ୍କ ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି।

# ମହାବୀର ମନ୍ଦିରରେ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାରାୟଣ



**କୁଆଁପାଳ,୨୫।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତ ସ୍ଥିତ ବାଲିପଡା ଗ୍ରାମର ଅଶୋକ କୁମାର ସାହୁଙ୍କର ମାନସିକ ପୂରଣାର୍ଥେ ମହାବୀରଙ୍କ ମେଳା ସହିତ ଶ୍ରୀ ଶ୍ରୀ ହୃଦାନନ୍ଦ ମହାପୁରୁଷ ଶ୍ରୀରାମଚରିତ ପାରାୟଣ, ହନୁମାନ ଚାଳିଶା ଓ ପାରାୟଣ ସୁନ୍ଦରାକାଣ୍ଡ ମଣ୍ଡଳୀ ତିଲଙ୍ଗ କୋଠିଛକ କେନ୍ଦ୍ରାପଡାଙ୍କ ଦ୍ୱାରା ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଆଜିର ସମାଜରେ ରାମାୟଣର ଚରିତ୍ର ଓ ବିଷୟବସ୍ତୁ ଶ୍ରବଣ ପୂର୍ବକ ସଂସାରରେ ତା'ର ସୁବିନିଯୋଗ ଏହା ଦ୍ୱାରା ସମ୍ଭବ ହୋଇ ପାରିଛି। ଏହି ଭକ୍ତି ଭାବମୟ ପରିବେଶ ମଧ୍ୟରେ ରାମଲୀଳା ଓ ହନୁମାନଜୀଉଙ୍କର ଦର୍ଶନ ଲାଭ କରି ବାଲିପଡା ଗ୍ରାମବାସୀ ବିଭୁକୃପା ଲାଭ ପୂର୍ବକ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଇଥିଲେ। ରାମାୟଣର ବିଷୟବସ୍ତୁ ଅତ୍ୟନ୍ତ ମାର୍ମିକ, ସୁନ୍ଦର ଓ ଯୁଗୋପଯୋଗୀ। କଳିଯୁଗର କଳିକଳୁଷିତ ମଣିଷକୁ ମୋକ୍ଷପ୍ରାପ୍ତି ନିମିତ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଆର୍ଶିବାଦ ଅନିବାର୍ଯ୍ୟ। ସେହିନାମକୁ ଧରି କ୍ଷଣଭଙ୍ଗୁର ଜୀବନରେ ସାଂସାରିକ ସୁଖକୁ ତ୍ୟାଗକରି ପ୍ରଭୁ ଶ୍ରୀରାମଙ୍କ ନିକଟରେ ଆର୍ଶିତ ହୋଇ ଯେପରି ବିଭୁକୃପା ଲାଭ କରିଥିଲେ ସେହିପରି ସାଂସାରିକ ମନୁଷ୍ୟ ଜୀବନ ମୋକ୍ଷ ପାଇବା ପାଇଁ ସଦା ସର୍ବଦା ଚେଷ୍ଟିତ । ଆଜିର ଏହି ଭାବମୟ ପରିବେଶରେ ପୂଜକ କୈଳାସ ଚନ୍ଦ୍ର ଷଢଙ୍ଗୀ, ସଞ୍ଜୟ ଶତପଥିଙ୍କ ଦ୍ୱାରା ସଂପାଦିତ ହେଉଥିବା ପୂଜାରେ ଯୋଗଦେଇଥିବା ସମସ୍ତ ଗ୍ରାମବାସୀ ଓ ଭକ୍ତମାନେ ହନୁମାନଙ୍କ ଆର୍ଶିବାଦ ଲାଭ କରି ସଂସାର ସାଗରରୁ ମୁକ୍ତି ପାଇବା ନିମନ୍ତେ ପ୍ରୟାସ ଜାରୀ ରଖିଛନ୍ତି। ଏହି ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ଅଶୋକ କୁମାର ସାହୁ, କର୍ତ୍ତୀ ଭାବେ ସ୍ୱପ୍ନା ମଞ୍ଜରୀ ସାହୁ ଯୋଗଦେଇ କାର୍ଯ୍ୟ ସଂପାଦନ କରିଥିଲେ। ଏଥିରେ ଅବିନାଶ ସାହୁ, ବିଶ୍ୱଜିତ୍ ସାହୁ, ଜଗନ୍ନାଥ ସାହୁ, ସତ୍ୟଜିତ୍ ସାହୁ, ସୁକଦେବ ସାହୁ, କାର୍ତ୍ତିକ ସାହୁ, ନିଗମାନନ୍ଦ ବାରିକ, ସାଇରଂଜନ ସାହୁ, ସୌମ୍ୟରଂଜନ ସାହୁ, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ଗାଁରେ ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

## ମନରେଗା ଯୋଜନାରେ ପଛୁଆ, ଆର୍ଥିକ ଅନିୟମିତତା ଅଭିଯୋଗ



**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ସମ୍ପର୍କିତ ଜନଶୁଣାଣୀ ଶିବିର ବ୍ଲକ ସଭା ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ୟୟ ହୋଇଥିବା ଅର୍ଥ ନିମନ୍ତେ ଆବଶ୍ୟକ ୯୭ ହଜାର ୩୨୨ଟଙ୍କାର ଭାଉଚର ନଥିବା ଅଡିଟରୁ ଜଣାପଡ଼ିବାପରେ ୭ ଦିନ ମଧ୍ୟରେ ଏହାର ସମାଧାନକର ନଚେତ ଟଙ୍କା ଭରଣା କରିବାକୁ ପ୍ରସ୍ତୁତ ରୁହବୋଲି ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର କହିଥିଲେ। ଲାଇନ୍ ବିଭାଗ ଗୁଡିକ ମଧ୍ୟରେ ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ, ପଞ୍ଚରିଡା ବନାଞ୍ଚଳ ଅନ୍ତର୍ଗତ ଅନିୟମିତତା ରହିଥିବା କାର୍ଯ୍ୟ ଗୁଡ଼ିକୁ ଖୁବଶୀଘ୍ର ସମାଧାନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ କରିନଥିବା ବେଳେ ତାଙ୍କୁ ମନରେଗା ଯୋଜନାରେ ୧୩,୩୨୬ଟଙ୍କା ଦେବାକୁ ନେଇ ବ୍ଲକ ପ୍ରଶାସନ ତରଫରୁ ତଦନ୍ତ ପରେ ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଡିଓ କହିଥିଲେ।ମନେରେଗା ଯୋଜନା ଅନ୍ତର୍ଗତ ୨୦୨୪/୨୫ ଆର୍ଥିକ ବର୍ଷ ଅପ୍ରେଲ ପହିଲାରୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ୨ୟ ଚକ୍ରରେ ୧୩କୋଟି ୨୬ଲକ୍ଷ ୬୫ହଜାର ଟଙ୍କା ପ୍ରସ୍ତାବିତ ଅର୍ଥରୁ ୧୧ଲକ୍ଷ ୯୯ ହଜାର ବ୍ୟୟ ହୋଇଥିବାବେଳେ ବ୍ୟବହୃତ ସାମଗ୍ରୀର ମୂଲ୍ୟ ବାବଦରେ ୯୯ଲକ୍ଷ ୮୬ ହଜାର ଟଙ୍କା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବାବଦରେ ଦିଆଯାଇଛି। ବ୍ଲକର ୨୨ଜଣ ୧ଶହ ଦିନର କାର୍ଯ୍ୟ ଶେଷ କରିଛନ୍ତି।ବର୍ତ୍ତମାନ ସୁଦ୍ଧା ୨୫ହଜାର ୨୫୧ ଜବକାର୍ଡ ମଧ୍ୟରୁ ୧୬ହଜାର ୬୭୫ ଜବକାର୍ଡ ଅଧିନରେ ୨୫ହଜାର ୪୭୬ ଜବକାର୍ଡ ଧାରି କାର୍ଯ୍ୟ କରୁଛନ୍ତି। ତେବେ ୭ହଜାର ୬୧୦ ପ୍ରକଳ୍ପ ମଧ୍ୟରୁ ୧୫୫୮ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବାବେଳେ ୨୪୫୧ ପ୍ରକଳ୍ପର କାର୍ଯ୍ୟ ଚାଲିଛି। ୩୬୦୧ ପ୍ରକଳ୍ପର କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଲୋକପାଳ ଗିରିଶଚନ୍ଦ୍ର ଦାଶ,ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାରସିଂ ଏବଂ ବ୍ଲକ ସାମାଜିକ ସମୀକ୍ଷକ ରାଜେଶ କୁମାର ଜେନା, ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ ବିଭୁପ୍ରସାଦ ସାଥୁଆ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଭିଲେଜ ରିଶୋର୍ସ ପର୍ସନ ଯୋଗଦେଇଥିବାବେଳେ ଅଳ୍ପ ସଂଖ୍ୟକ ଜନପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍‌ମାନେ ଯୋଗଦେଇଥିଲେ।

# ଅସ୍ତରଙ୍ଗରେ 'ବିକଶିତ ଗାଁ ବିକଶିତ ଓଡ଼ିଶା'

**ଅସ୍ତରଙ୍ଗ,୨୫।୨/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ପରିସରରେ ଆଜି ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ତଥା ଗ୍ରାମାଞ୍ଚଳରେ କ୍ରୀଡ଼ା, ପିଇବାପାଣି, ଉତ୍ତମ ସ୍ୱାସ୍ଥ୍ୟ ଓ ସମସ୍ତ ପଞ୍ଚାୟତକୁ ସୁଦୃଢ଼ କରିବା ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯିବା ସହ ପଞ୍ଚାୟତର ଜନସଂଖ୍ୟାକୁ ନେଇ ଅନୁଦାନ ରାଶି ସ୍ଥିରକରାଯିବ। ଆୟୋଜିତ ବୈଠକ ରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଯୋଧନ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା ଓ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠି ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୋଳ, ସରପଞ୍ଚ ବୃନ୍ଦାବନ ନାୟକ, ମଞ୍ଜୁଲତା ଖୁଣ୍ଟିଆ ଓ ସମାଜସେବୀ ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ପିପିଲି,୨୫।୨/ଏନ୍‌ଏନ୍‌ଏସ୍:** ପିପିଲି ବ୍ଲକ ଅନ୍ତର୍ଗତ ଜୟପୁର ଶାସନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିପିଲି ମଣ୍ଡଳ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏବିଇଓ ସାହେବ ପାତ୍ର, କାଉନସିଲର କବିରାଜ ବରାଳ, ଜୟପୁର ଶାସନ ଗ୍ରାମ ସଭାପତି ଦନେଇ ମହାନ୍ତି, ବାଗୁନ ମହାନ୍ତି, ଆଲୁମିନି ଅଧ୍ୟକ୍ଷ ଦିଲିପ ସାହୁ , ପିପିଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ନାୟକ ଆଦି ଯୋଗଦେଇ ବିଦ୍ୟାଳୟର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ୫ମ ବୃତ୍ତିରେ ବିଦ୍ୟାଳୟର ଶ୍ରେୟାନ ସମ୍ପଦ ସାହୁ, ଶୁଭସ୍ମିତା ସାହୁ ୫ମ ଓ ୬ଷ୍ଠ ସ୍ଥାନ ତଥା ୩ୟ ବୃତ୍ତିରେ ରିତିକା ସାହୁ ସଫଳତା ହାସଲ କରୁଥିବାରୁ ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀ ଏବଂ ୨୦୨୪ ସୁରଭି ଶିଳ୍ପ କଳାରେ ରାଜ୍ୟରେ ପ୍ରଥମ ହୋଇଥିବା ସୌମ୍ୟେଶ୍ରୀ ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ, କଳ୍ପନା ପ୍ରଧାନ, ବିନୋଦିନୀ ସାହୁ, ସବିତା ଦାସ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପରିଚାଳନା କରିଥିଲେ।

# ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ବଲଙ୍ଗା,୨୫।୨/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ସାଦେରିଆ ଗ୍ରାମରେ ଶ୍ରୀଶ୍ରୀ ବାବା ବାଲୁଙ୍କେଶ୍ୱର ପରିସରରେ ସପ୍ତମ ବାର୍ଷିକ ଶ୍ରୀମଦ୍ ଭାଗବତ ପରାୟଣ ସପ୍ତାହ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଉଦ୍‌ଯାପିତ ହୋଇଯାଇଛି। ସାଦେରିଆ ଗ୍ରାମର କର୍ତ୍ତା ପର୍ଶୁରାମ ପୁଜାପଣ୍ଡା ଓ କର୍ତ୍ତୀ ଦିପାଞ୍ଜଳି ପୁଜାପଣ୍ଡାଙ୍କ ତତ୍ତ୍ୱାବଧାନରେ ରୁକ୍ମିଣୀ ବିବାହ ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବ୍ୟାସ ନାରାୟଣ ପୁଜାପଣ୍ଡା, ବ୍ରହ୍ମାନାରାୟଣ ପାଢ଼ୀ, ଆଚାର୍ଯ୍ୟ ସୁବ୍ରତ ପୁଜାପଣ୍ଡାଙ୍କ ଦ୍ୱାରା ଭାଗବତ ପଠନ କରାଯିବା ସହ ୯ଦିନ ଧରି ପ୍ରବଚନ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସାଦେରିଆ, ବଡନିନିଗାଁ, କମଦରି ଆଦି ଗ୍ରାମବାସୀ ସହଯୋଗ କରିଥିଲେ।

**AFFIDAVIT**

I Anwar, Khan Age 39, S/o-Ahemad Khan, At/Po-Praharajpur, Ps-Kishannagr, Dist-Cuttack, Odisha do her by declare that my daughter's correct name in the Birth certificate is Tasmin Firdas and her Aadhar card bearing No 7779 6911 8778, my daughters name is mentioned as Nahera Begum instead of Tasmin Firdas. That Tasmin Firdas and Nahera Begum is one and same person. That I want to correct name of my daughter in her Aadhar card according to my daughter's birth certificate.

**AFFIDAVIT**

I, Tansil Banu D/O Khimani Asif Mohmed Hussein Of Sutahat P.S:-Lalbag Ward No.19, Cuttack. declare by this Affidavit that now onwards My father shall be known as **KHIMANI ASIF MOHMEDHUSSEIN** for all purposes

**AFFIDAVIT**

I, TANSIL BANU W/O Mohammed Faizan AT-Sutahat, PS-Lalbag; Dist-Cuttack declare by this Affidavit No-697 that after my marriage I have changed my name From KHIMANI TANSIL ASIF BHAI TO TANSIL BANU.Khimani Tansil Asif Bhai and Tansil Banu are the same person.Henceforth I will be known as **TANSIL BANU** for all future purposes

**AFFIDAVIT**

By virtue of an affidavit sworn before me dated 25.02.2025 I, ANUSUYA MOHANTY, Address Sidhal, Nimapur, Jagatsinghpur, Odisha, Pin-754106 declare that I have changed my name from ANUSAYA MOHANTY to ANUSUYA MOHANTY. Henceforth, I shall be known as ANUSUYA MOHANTY for all purpose.

ANUSUYA MOHANTY

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)

ମଣ୍ଡଳ କାର୍ଯ୍ୟାଳୟ : ବାଲେଶ୍ୱର, ୨ୟ ମହଲା, ଭାରତ ଟିମ୍ବର କମ୍ପ୍ଲେକ୍ସ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧, ଇ-ମେଲ୍: coblsgad@pnb.co.in
ମୋ: ୯୩୭୪୨୩୪୦୨୭

**ଗୃହ ଆବଶ୍ୟକ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଏଟିଏମ ସହିତ ଭଦ୍ରକ, ନନ୍ଦିଶୀ ଶାଖା ନିମନ୍ତେ ଉତ୍ତମ ଭାବେ ନିର୍ମିତ (**୧୨୦୦ ବର୍ଗଫୁଟ ରୁ ୧୬୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ**) ବିଶେଷତଃ ହଲ୍ ଟାଇପର ତଳ ମହଲା ବିଲ୍ଡିଂ, ପ୍ରଥମ ମହଲାରେ ଥିଲେ ଲିଫ୍ଟ ସୁବିଧା ଥାଇ ଭଡ଼ାଭିତ୍ତିରେ ଆବଶ୍ୟକ କରୁଅଛି। ପ୍ରସ୍ତାବିତ ଗୃହଟିର ବୈଧାନିକ ଅଧିକାରୀଙ୍କ ଠାରୁ ସମସ୍ତ କ୍ଲିୟରାନ୍ସ ସାର୍ଟିଫିକେଟ ଥିବା ଉଚିତ୍। ଆବଶ୍ୟକ ସ୍ଥାନରେ ଏପରି ଗୃହ ଥିବା ଆଗ୍ରହୀ ମାଲିକମାନେ / ପଞ୍ଜିକୃତ କ୍ଷମତାପତ୍ରଧାରୀ ଯେଉଁମାନେ ଦୀର୍ଘ ମିଆଦୀ ଭିତ୍ତିରେ **୧୫ ବର୍ଷ କିମ୍ବା ତଦୁର୍ଦ୍ଧ ବର୍ଷ** ପାଇଁ ଲିଜ୍ ଦେବାକୁ ଇଚ୍ଛୁକ, ସେମାନେ ଉପରୋକ୍ତ ଠିକଣାରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ଧାର୍ଯ୍ୟ ଫର୍ମାଟ୍ ପ୍ରାପ୍ତ କରି କିମ୍ବା ବ୍ୟାଙ୍କର ୱେବସାଇଟ୍ **www.pnbindia.in**ରେ ଉପଲବ୍ଧ ଧାର୍ଯ୍ୟ ଫର୍ମାଟରେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ପଠାଇପାରିବେ। ଦସ୍ତଖତ ଥାଇ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଏବଂ ମୁଦ ହୋଇଥିବା ପ୍ରସ୍ତାବ ଉପରୋକ୍ତ ଠିକଣାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ତା.୦୬.୦୩.୨୦୨୫ରିଖ, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ବ୍ୟାଙ୍କ ଦ୍ୱାରା କୌଣସି ଦଲାଲି କମିଶନ ଦିଆଯିବ ନାହିଁ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଛି।

ବାଲେଶ୍ୱର
ତାରିଖ: ୨୫.୦୨.୨୦୨୫

ସ୍ୱା/-
ମଣ୍ଡଳ ମୁଖ୍ୟ

**ZILLA PARISHAD, MAYURBHANJ**
**DEPARTMENT OF MISSION SHAKTI**
**GOVERNMENT OF ODISHA**

Shakti

**Tender Call Notice**

Sealed Quotations are invited from intending authorized suppliers/ firms/ agencies for supply of **computational items, furniture items and and RO water purifiers to Block Mission Shakti Bhawans of Mayurbhanj District under department of Mission Shakti, Govt of Odisha** .The Quotation papers along with detailed specification of work shall be download from web site of Mayurbhanj District i.ewww.mayurbhanj.odisha.gov.in.

The Tender Call Notice are as follows:-

I) Tender Call Notice No.1478, Dt.21/02/2025 for supply of RO water purifiers
**Last date of submission of bid document on 18/03/2025 at 5.00PM**

II) Tender Call Notice No.1472, Dt.21/02/2025 for supply of computational items.
**Last date of submission of bid document on 24/03/2025 at 5.00PM**

III) Tender Call Notice No.1475, Dt.21/02/2025 for supply of furniture items
**Last date of submission of bid document on 24/03/2025 at 5.00PM**


Sd/- CDO-cum-EO
ZP, Mayurbhanj

OIPR-19232/11/0006/2425 i-514

# ପ୍ରାଥମିକ ବିଦ୍ୟାଳୟରେ କିଶୋରୀ ମେଳା

**ସାକ୍ଷୀଗୋପାଳ,୨୫।୨/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ମହିଳା ଶିଶୁ ବିକାଶ ବିଭାଗ ଦ୍ୱାରା ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଦିନ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦଘାଟିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସନ୍ଧ୍ୟାରାଣୀ ଘଟୁଆରୀ ପ୍ରଦିପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ।ମୁଖ୍ୟ ଅତିଥି ଶିକ୍ଷକ ବିଷ୍ଣୁପ୍ରସାଦ ପାଣି, ମୁଖ୍ୟବକ୍ତା ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ, ଶିଶୁ ବିକାଶ ବିଭାଗ ପରିଦର୍ଶିକା ପିୟୁଷମୟୀ ପଣ୍ଡା ସଭାମଞ୍ଚରେ ମଞ୍ଚାସିନ ଥିଲେ। କିଶୋରୀ ମାନଙ୍କ ସଚେତନା ଉଦେଶ୍ୟ ନିଜ ଅଭିଭାଷଣ ଅତିଥିମାନେ ରକ୍ତ ଜନିତ ସମସ୍ୟା ଦୂରୀକରଣ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ସର୍ବପରି ବାଲ୍ୟ ବିବାହ ଉପରେ ଜାଗ୍ରତ କରିଥିଲେ। ସରକାର କିଶୋରୀ ମାନଙ୍କ ମାନସିକ ସ୍ତରରେ ସୁଦୃଢ଼ କରିବା ,ନିଜ ପ୍ରତିଭା କୁ ପରିବେଷ୍ଟିତ କରିବା ଓ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପାରିଦର୍ଶିକ ପ୍ରଦର୍ଶନ କରିବା ଉଦେଶ୍ୟ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର, ନୂଆ ସୋମେଶ୍ୱରପୁର ଗ୍ରାମ ପଞ୍ଚାୟତର ଅଙ୍ଗନବାଡ଼ି, ଆଶା, ସ୍ୱାସ୍ଥ୍ୟକର୍ମୀ, ଉପସ୍ଥିତ ଥିଲେ। ଏହାପରେ କିଶୋରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେଇ ନାଚ, ଯୋଗ, ଗୀତ ସହ ବକ୍ତୃତା ପ୍ରତିଯୋଗିତା ରେ ଭାଗ ନେଇ ଥିଲେ। ପୁଚିଖେଳରେ ପ୍ରଥମ ନିବେଦିତା ମହାପାତ୍ର, ଦଉଡିଡିଆଁ ରେ ପ୍ରଥମ ସନ୍ତୋଷି ଜେନା, ରଚନାରେ ମୀରା ପ୍ରୀୟଦର୍ଶିନୀ ଜେନା ପ୍ରମୁଖ ଉତ୍ତୀର୍ଣ୍ଣ କିଶୋରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲାପୋଖରୀ ସଂଯୋଗ ରାସ୍ତାର ଉନ୍ନତିକରଣ ଦାବି



**ଖଣ୍ଡପଡ଼ା,୨୫।୨/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ସହରର ୧୨ନଂ ୱାର୍ଡ ଅଧିନ ଆଦିବାସୀପଡା ଗୋଲାପୋଖରୀ ଗ୍ରାମରୁ ସଂରକ୍ଷିତ ଜଙ୍ଗଲ ମଧ ଦେଇ ଯୋଗିଆପଲ୍ଲୀ ପଞ୍ଚାୟତର ସାନହାମରା, ବଡହାମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି। ଖଣ୍ଡପଡା ସହରାଞ୍ଚଳ ଅଧିନ ଗୋଲାପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ରାସ୍ତାର ବଳକା ଅଂଶ ମାଟି ରହିଛି। ତେଣୁ ବର୍ଷା ଦିନେ ଉକ୍ତ ରାସ୍ତା ଦେଇ ଯାତାୟାତ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଉଛି। ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ଥିବା ସାପୁଆ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଉକ୍ତ ମାଟି ରାସ୍ତାଟି ଯୋଗିଆପଲ୍ଲୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ସାନହାମରା, ବଡହାମରା ଓ ବୁଢିଝରୀ ଗ୍ରାମଦେଇ ନୟାଗଡ ବ୍ଲକ ଅଧିନ ପାଣିପୋଇଲା ଛକକୁ ସଂଯୋଗ କରୁଛି। ପାଣିପୋଇଲା ଛକରୁ ଉକ୍ତ ରାସ୍ତାର କିଛି ଅଂଶ ଦୀର୍ଘ ବର୍ଷତଳୁ ପିଚୁ ହୋଇଛି । ମାତ୍ର ଆବଶ୍ୟକୀୟ ମରାମତି ଅଭାବରୁ ରାସ୍ତା ସାରା ଖାଲଖମାରେ ଭର୍ତ୍ତୀ ହୋଇଛି। ଉକ୍ତ ରାସ୍ତାର ନବୀକରଣ ନିମନ୍ତେ ଅଞ୍ଚଳବାସୀ ଦୀର୍ଘବର୍ଷ ଧରି ଦାବି କରିଆସୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ଆନୁସଙ୍ଗିକ ମରାମତି ଦିଗରେ ଆଦୌ ଧ୍ୟାନ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି ବଡହାମରା ଗ୍ରାମ ନିକଟରେ ଅବସ୍ଥିତ ଶାଳବଣି ଇକୋ ଟୁରିଜିମ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ପରିଦର୍ଶନରେ ଆସୁଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ଉକ୍ତ ରାସ୍ତାର ଉନ୍ନିକରଣ ସହ ରାସ୍ତା ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ଓ ଖଣ୍ଡପଡା ବିଧାୟକ ସେଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

**MANOJ MANJARI SISHU BHAWAN: KEONJHAR**
**AT/PO-KEONJHARGARH, DIST- KEONJHAR-758001, ODISHA**
Email: kjrmmsb@gmail.com

Adv No. 01/2025 Dt. 25.02.2025

**ADVERTISEMENT**

Online Applications are hereby invited from the qualified candidates to fill the following vacancies on contractual basis for Children's Home, A Unit of Manoj Manjari Sishu Bhawan, Keonjhar (O)under Mission Vatsalya Scheme as per the Mission Vatsalya guideline and resolution Vide No.10102-WCD-CW-MISC-0023-2020, Dated 15.09.2020 of W& CD Deptt, Govt of Odisha. After submission of online application in E-mail: kjrmmsb@gmail.com the candidates are required to submit the prescribed application form along with all required documents and testimonials through Speed post/Registerd post only to the Secretary, Manoj Manjari Sishu Bhawan, Keonjhar At/PO-Keonjhargarh PS-Keonjhar Town Dist-Keonjhar-758001, Odisha Latest by 5 p.m. on dt. 15-03-2025.Separate applications in sealed cover is to be submitted against each post "super scribing" the post applied for on the top of the envelope. Any applications received after due date shall be rejected. The authority reserves the right to cancel the advertisement in response to a single post or shall posts without assigning any reason thereof.

| Sl. No | Position | No of Post | Remuneration Per month as per Mission Vatsalya | Age | Required Qualification |
|---|---|---|---|---|---|
| 1 | Counselor | 1 | 23,170 | Age limit is 21 to 45 years as on 01.01.2025 | Graduate in Social Work/Sociology/Psychology/Public health/counselling from a recognized university. Or PG Diploma in Counselling and Communication. At least 1 year of working experience with the Govt/NGO preferably in the field of Women & Child Development Proficiency in Computer |
| 2 | Probation Officer/ Child Welfare officer/Case worker | 1 | 23,170 | | Graduate Preferably in B.A. in Social Work/Sociology/Social Sciences or LLB from a recognized university. Experience of at least 2 years of working with Govt./NGO/Legal Matters preferably in the field of Women & Child Rights. Good understanding of Women & Child right & protection issues. Weightage for work experience candidates. Proficiency in Computers. |
| 3 | House Father (Male) | 1 | 14,564 | | Graduate in any discipline (Arts/Science). Preference will be for Home Science, Psychology & Sociology graduates. |
| 4 | House Mother (Female) | 2 | 14,564 | | Graduate in any discipline (Arts/Science). Preference will be for Home Science, Psychology & Sociology graduates. |
| 5 | Paramedical Staff | 1 | 11,916 | | Compounder/Pharmacist having diploma in Ayurvedic/ Homeopathic/ Unani from institutions recognized by Govt of India. |
| 6 | Store Keeper-cum-Accountant | 1 | 18,536 | | P.G preferably in commerce/MBA(Finance) |
| 7 | Cook (female) | 1 | 9,930 | | Under Matric(8th-10th) |
| 8 | House Keeper (Female) | 1 | 7,944 | | Under Matric(8th-10th) |

Certificates/documents to be attached with the application form:
a. Self attested photocopy of certificates( Under matric 8th/9th pass) Secondary, Higher secondary, Graduation, Post-graduation or any other professional certificate and marksheets.
b. One recent self attested colour photograph(3.5x4.5 size) should be affixed to the application form
c. Self attested certificate of experience issued from the previous employer as applicable for the post.
d. Self-declaration regarding non-involvement in any criminal activities especially chill-related offences.

Secretary
Manoj Manjari Sishu Bhawan, Keonjhar
Email: kjrmmsb@gmail.com

**GOVERNMENT OF ODISHA** O-1542
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in

**'E' PROCUREMENT NOTICE NO. RWD-II/KPD-15/24-25**
**DTD. 20.02.2025**

1. Name of work : Road works in the District of Kendrapara for the year 2024-25
2. Total No of work : 01 No. Road
3. Estimated cost : Rs.25.21 (Approx.)
4. Period of completion : 30 Days
5. Class of contractors : C & D Class
6. Cost of tender paper : Cost of Tender paper is to be remitted ONLINE as specified in column-3 of the Annexure
7. Detail projects : As specified in the Annexure
   Other details as follows :
   a) Procurement Officer : Superintending Engineer Rural Works Division-II, Kendrapara
   b) Availability of tender online & submission of bid : 27.02.2025 at 11:00 AM to 06.03.2025 up to 5:00 PM
   c) Last date & time of seeking of tender clarification : 04.03.2025 up to 5.00 PM
   d) Opening of tender : 07.03.2025 at 11:00 AM

Further details can be seen from the Govt. website www.tendersorissa.gov.in

Sd/- Superintending Engineer
Rural Works Division-II
Kendrapara

OIPR-25098/11/0016/2425

**GOVERNMENT OF ODISHA** O-1528
**OFFICE OF THE SUPERINTENDING ENGINEER**
**RURAL WORKS DIVISION GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH**
**e-Procurement**
e-mail : rwd_gajapati@yahoo.co.in
**Identification No. Online Tender-13/GJP/2024-25**

1. Name of the work : Road Works
2. Total No. work : 01 (One) No. of Road work
3. Estimated cost : 16.81 lakhs
4. Class of Contractor : 'D' & 'C' Class Contractor
5. Period of completion : Furnished in Annexure
6. Availability of Tender Online for bidding : 28.02.2025 at 10.00 AM to 05.03.2025 up to 5.30 PM
7. Date and time of opening of tender : 06.03.2025 at 11.30 AM
8. Place of Opening : As per Annexure

Further details can be seen from the website www.tenderorissa.gov.in

Sd/-
Superintending Engineer
R.W. Division, Gajapati

OIPR-25158/11/0014/2425

ନିତିଦିନ NITIDIN



# ଅଲିଭ ରିଡ୍‌ଲେ କଇଁଛ ରକ୍ଷା ଓ କ୍ଲିନ୍ ବିଚ୍ ଗ୍ରୀନ୍ ବିଚ୍‌ର ବାର୍ତ୍ତା



**ପୁରୀ,୨୫।୨/ଏନ୍ଏନ୍ଏସ୍:** ଟ୍ରେକିଂ କ୍ଲବ୍ ପୁରୀର ୧୫ଜଣ ସ୍ୱେଚ୍ଛାସେବୀ ସମୁଦ୍ର ପଥରେ ଚାଲି ଚାଲି ପୁରୀ ପେଣ୍ଟକଟାରୁ ସୈକତ ନିବାସ ବେଳାଭୂମି ପରେ ବାଲୁଖଣ୍ଡ ଅଭୟାରଣ୍ୟ ଦେଇ ପୁରୀ କୋଣାର୍କ ରାଜପଥରେ ପହଞ୍ଚିବା ପରେ ସେଠାରୁ ଖାଲକଟା ପାଟଣା ପର୍ଯ୍ୟନ୍ତ ଯାଇ ଅଲିଭ୍ ରିଡ୍‌ଲେ କଇଁଛ ରକ୍ଷା ଓ କ୍ଲିନ ବିଚ୍ ଗ୍ରିନ୍ ବିଚ୍‌ର ବାର୍ତ୍ତା ଦେଇଛନ୍ତି। ଟ୍ରେକିଂ କ୍ଲବ୍‌ର ସମ୍ପାଦକ ଆଇନଜୀବୀ ଶଙ୍କର ପ୍ରଧାନ ଓ ସଭାପତି ଜୟନାରାୟଣ ମହାନ୍ତି, ମଧୁସୂଦନ ମିଶ୍ରଙ୍କ ପ୍ରତ୍ୟକ୍ଷରେ ଏହା କରାଯାଇଥିଲା। ପୁରୀ ବେଳାଭୂମିରୁ ଚାଲି ଚାଲି କୋଷ୍ଟାଲ ଟ୍ରେକିଂରେ ଖାଲକଟାପାଟଣା ପର୍ଯ୍ୟନ୍ତ ଯିବା ପ୍ରାୟ ୨୨କିଲୋମିଟର ର ଏହି ଏକ୍ସପେଡିସନ ପ୍ରତିକୂଳ ପରିସ୍ଥିତି କଠିନ ହୋଇଥିଲେ ମଧ ଏହି ବାର୍ତ୍ତା ସାରା ସମାଜରେ ସଚେତନତା ସୃଷ୍ଟି କରିବ। ବିଶେଷକରି ସମୁଦ୍ର ନିକଟବର୍ତ୍ତୀ ସହରର ଆବର୍ଜନା ଜଳ ସମୁଦ୍ରରେ ମିଶୁଛି। ଫଳରେ ସମୁଦ୍ର ଜଳ ପ୍ରଦୂଷିତ ହେଉଛି ଏବଂ ଜଳ ଜୀବ ବିପଦରେ ଅଛନ୍ତି। ସମୁଦ୍ର ଜଳ ରାଶିରେ ପ୍ଲାଷ୍ଟିକ ଆଦି ଖାଦ୍ୟ ସାମଗ୍ରୀ ଭାସୁଛି। କ୍ରମେ ତାହା ସମୁଦ୍ରରେ ପୋତି ହୋଇଯାଉଛି ଏବଂ ସେହି ଅଖାଦ୍ୟ ସାମୁଦ୍ରିକ ଜଳ ଜୀବ ଖାଇବା ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଅଲିଭ୍ ରିଡ୍‌ଲେ କଇଁଛ ଟ୍ରଲର ମାଡରେ ମୃତ୍ୟୁବରଣ କରୁଛନ୍ତି। ଜାଲରେ ପଡ଼ି ପ୍ରାଣ ହରାଉଛନ୍ତି। ସରକାର କଡ଼ାକଡ଼ି ନିୟମ କରିଛନ୍ତି। କିନ୍ତୁ କେହି ନିୟମ ପାଳନ କରୁନାହାନ୍ତି ବୋଲି ଏଥିରେ କୁହାଯାଇଥିଲା। ଏହି ଯାତ୍ରାରେ ଜିତେନ୍ଦ୍ର ପାତ୍ର, ନରେନ୍ଦ୍ର ନାଥ ନନ୍ଦ, ଜୀବେଶ ରଥ, ନୃସିଂହ ରଥ, ପ୍ରଶାନ୍ତ ପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତି, ଦେବେନ୍ଦ୍ର ବ୍ରହ୍ମଚାରୀ, ଦିଲ୍ଲୀପ ଜସୱାଲ, ବଟକୃଷ୍ଣ ମହାପାତ୍ର, ସଞ୍ଜୀତ ସାହୁ ଓ ଭାସ୍କର ପୁଜାରୀଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ସମ୍ପନ୍ନ କରାଯାଇଥିଲା।

## ଆଧ୍ୟାତ୍ମିକ ଚେତନା ପରିବାର ଓ ସମାଜକୁ ରୁଦ୍ଧିମନ୍ତ କରୁ



**ପୁରୀ,୨୫।୨/ଏନ୍ଏନ୍ଏସ୍:** ଆଧ୍ୟାତ୍ମିକ ଚେତନା ରେ ପ୍ରତିଟି ପରିବାର ଓ ସମାଜକୁ ରୁଦ୍ଧିମନ୍ତ କରୁ ବୋଲି କହିଛନ୍ତି ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମର ମୁଖ୍ୟ ବାବାଜୀ ସତ୍ୟାନନ୍ଦ ଦାସ। ପୁରୀ ସେନାପତି ବଗିଚାରେ ଆଶ୍ରମର ସପ୍ତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ବାବାଜୀ ଶ୍ରୀ ଦାସ କହିଥିଲେ ଯେ ଭାବ ଓ ଭକ୍ତିରେ ଈଶ୍ୱରଙ୍କୁ ହୃଦୟରେ ବାନ୍ଧି ରଖିବାର ମୂର୍ତ୍ତିମନ୍ତ ପ୍ରତୀକ, ସ୍ୱାଧୀନତା ସଂଗ୍ରାମୀ, ଗୀତିକାର ତଥା ଆଧ୍ୟାତ୍ମିକ ଗୁରୁ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଆଦର୍ଶ ଏହି ଜାତି କୁ ଦିଗଦର୍ଶନ ଦେବ। ଏହି ଉତ୍ସବରେ ମଠାଧୀଶ ରାମକୃଷ୍ଣ ଦାସ, ମହନ୍ତ ଶ୍ରୀନିବାସ ଦାସ,ବାବା ବ୍ରଜବନ୍ଧୁ ଦାସ, ରାମଚରଣ ଦାସ, ଗାରେଇ ମଠ ପରିଚାଳକ ଦିଲ୍ଲୀପ ମହାପାତ୍ର , ଶାରଳା ପୀଠର ବରିଷ୍ଠ ସେବାୟତ ହରେକୃଷ୍ଣ ରାଉଳ, ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର, ରାମଚନ୍ଦ୍ର ଦାସମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ବିଶ୍ୱନାଥ ସାମନ୍ତରା, ବଳଭଦ୍ର ମହାପାତ୍ର, ସୁଦର୍ଶନ ପୂଜାପଣ୍ଡା ସାମନ୍ତ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀକୃଷ୍ଣ ଚେତନା ଓ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଆଦର୍ଶ ଉପରେ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବାବୁରାମ ସ୍ୱାଇଁ, ମହେଶ୍ୱର ପାଢ଼ୀ ଓ ସଦାଶିବ ପଣ୍ଡାଙ୍କ ସମେତ ଶ୍ରୀକ୍ଷେତ୍ର ସତ୍ୟସେବା ମଣ୍ଡଳର ସଦସ୍ୟସଦସ୍ୟାମାନେ ପରିଚାଳନା କରିଥିଲେ। ପରେପରେ ଭଜନ ଓ କୀର୍ତ୍ତନ ପରିବେଷଣ ହୋଇଥିଲା।

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ମାମଲା

### କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟଙ୍କ ରୋକ୍

**କଟକ,୨୫।୨/ଏନ୍ଏନ୍ଏସ୍:** ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି। ହାଇକୋର୍ଟର ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଅନ୍ତରୀଣ ଆଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ଜବାବ ଦାଖଲ ପାଇଁ ସିବିଆଇ ପକ୍ଷରୁ ସମୟ ନିଆଯାଇଛି। ପରବର୍ତ୍ତୀ ଶୁଣାଣି ନିମନ୍ତେ ମାର୍ଚ୍ଚ ୪ ତାରିଖକୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ୍ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ବିଷ୍ଣୁପଦଙ୍କ ନାମ ନଥିଲେ ମଧ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ପୁଲିସ ଆଥଲେଟିକ୍ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

**କଟକ,୨୫।୨/ଏନ୍ଏନ୍ଏସ୍:** ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଚାଲିଥିବା ୭୩ତମ ରାଜ୍ୟସ୍ତରୀୟ ପୁଲିସ ଆଥଲେଟିକ ଚାମ୍ପିଅନସିପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ୪୨ଟି ପୁଲିସ ଟିମ୍‌ରେ ସମୁଦାୟ ୭୯୭ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରେ ୧୩୨ ଜଣ ମହିଳା ଖେଳାଳି ସାମିଲ ଥିଲେ। ପୁରୁଷ ବିଭାଗର ଶ୍ରେଷ୍ଠ ଆଥଲେଟ୍ ଭାବେ କନ୍‌ଷ୍ଟେବଲ ଅଭିଷେକ ଦଲବେହେରା, ମହିଳା ବିଭାଗର କନ୍‌ଷ୍ଟେବଲ ସୁସ୍ମିତା ଟିଗା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଉଦୀୟମାନ ଆଥଲେଟ୍ ଭାବେ କନ୍‌ଷ୍ଟେବଲ ସବିତା ଟପ୍ପୋ, ଶ୍ରେଷ୍ଠ ଜିଲ୍ଲା ଟିମ୍ ଭାବେ କେନ୍ଦୁଝର, ଶ୍ରେଷ୍ଠ ଡେକାଥଲନ ଆଥଲେଟ୍ ଭାବେ କେନ୍ଦୁଝର ଜିଲ୍ଲାର କନଷ୍ଟେବଲ ଦେବପ୍ରସାଦ ଖିଲାର, ୧୦ ହଜାର ମିଟର ଦୌଡ଼ରେ ସିପାହୀ ସୂର୍ଯ୍ୟକାନ୍ତ ରାୟ, ୫ ହଜାର ମିଟର ଦୌଡ଼ରେ କୁନା ମାରାଣ୍ଡି, ୩ ହଜାର ମିଟର ଷ୍ଟେପଲ ଚେଜରେ କନେଷ୍ଟବଲ ବୁନିପ ପ୍ରଧାନ ଶ୍ରେଷ୍ଠ ଭାବେ ପୁରସ୍କୃତ ହୋଇଛନ୍ତି। ସମସ୍ତ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ମାଲକାନଗିରି ଜିଲ୍ଲାକୁ ସ୍ୱତନ୍ତ୍ର ପୁରସ୍କୃତ ପ୍ରଦାନ କରାଯାଇଛି। ମହିଳା ବିଭାଗରେ ଦଳଗତ ଚାମ୍ପିଅନ ଟ୍ରଫି କେନ୍ଦୁଝର ଜିଲ୍ଲା ଓ ରନର୍ସଅପ ଭାବେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ହାସଲ କରିଛି। ପୁରୁଷ ବିଭାଗରେ କଟକ ଷଷ୍ଠ ବାଟାଲିୟନକୁ ଟିମ୍ ଚାମ୍ପିଅନ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଅଫିସର୍‌ଙ୍କ ମଧ୍ୟରେ ଅନୁଷ୍ଠିତ ୧୦୦ ମିଟର ଦୌଡ଼ରେ କଟକ ଡିସିପି ଜଗମୋହନ ମୀନା ପ୍ରଥମ, ଏଆଇଜି ବି. ଗଙ୍ଗାଧର ଦ୍ୱିତୀୟ ଏବଂ ଏଡିଜି ଦୟାଲ ଗଙ୍ଗୱାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ବର୍ଗରେ ସୁନ୍ଦରଗଡ଼ ଜିଲ୍ଲାର ସୁସ୍ମିତା ଟିଗା, କୋରାପୁଟ ଜିଲ୍ଲାର ବାସନ୍ତୀ ମଣ୍ଡିଆ, ଅନୁଗୁଳ ଜିଲ୍ଲାର ତେଜସ୍ୱିନୀ କିସ୍ପଟ୍ଟା, କୋରାପୁଟ ଜିଲ୍ଲାର ସଞ୍ଜୁକ୍ତା ମିଞ୍ଜ ଜାଭେଲିନ ଥ୍ରୋରେ , ସୁନ୍ଦରଗଡ଼ ଜିଲ୍ଲାର ସବିତା ଟପୋ ୧୦୦ ମିଟର ହର୍ଡଲ୍ସରେର ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଅଷ୍ଟମ ଏସଆଇଆର ବାଟାଲିୟନର ଅଶୋକ ଦଣ୍ଡସେନ ୧୫୦୦ ମିଟରରେ, ପୁରୀ ଜିଲ୍ଲାର କୁନା ମାରାଣ୍ଡି ୧୫୦୦ ମିଟରରେ, ତୃତୀୟ ଏସଆଇଆର ବାଟାଲିୟନ କୋରାପୁଟର ଯୁଗେଶ କୁମାର ଦାସ ହାମରଥ୍ରୋରେ ନୂତନ ରେକର୍ଡ ସ୍ଥାପନ କରଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ଆୟୋଜିତ ପରେଡ୍‌ର ଅଭିବାଦନ ଗ୍ରହଣ କରି ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କଟକ ଡିସିପି ମୀନା ପ୍ରାରମ୍ଭିକ ସୂଚନା ଏବଂ ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ୍ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



**କଟକ,୨୫।୨/ଏନ୍ଏନ୍ଏସ୍:** ସ୍ଥାନୀୟ ସିଡିଏ ସେକ୍ଟର ୮ ସ୍ଥିତ ଜନଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟରେ ରୋଟାରୀ କ୍ଲବ ଅଫ୍ କଟକ ମିଡ଼ ଟାଉନ, ଜନଶିକ୍ଷଣ ସଂସ୍ଥାନ, ଇନରହ୍ୱିଲ କ୍ଲବ ଜେଏସଏସ୍ ରୋଟୋରାକ୍ଟ କ୍ଲବ ଏବଂ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରୋଟାରୀଆନ ଯଜ୍ଞାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ ଅଫ କଟକ ମିଡ଼ ଟାଉନର ସଭାପତି ଡ.ଆଶୁତୋଷ ଦେବତା, ଡ.ମିତା ଦେବତା, ଶୈଳେନ୍ଦ୍ର ନାରାୟଣ ଠାକୁର, ବିଭୂତି ଭୂଷଣ ରାଉତ, କାହ୍ନୁଚରଣ ଦାସ, ଡ.ସତ୍ୟ ରାୟ, ମେଜର ଏନ.କେ.ଶତପଥି, ଡ.କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉ ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ରାମ ପ୍ରସାଦ ରାୟ, ସନ୍ଦୀପ ସ୍ୱାଇଁ, ମୃତ୍ୟୁଞ୍ଜୟ ବ୍ୟଜ, ସଞ୍ଜୟ ପାତ୍ର, ଅନିମା ଦାସ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ। ଶିବିରରୁ ୫୦ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ସମ୍ବିଦ ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ଗଞ୍ଜେଇ ଜବତ, ୩ ଗିରଫ



**କଟକ,୨୫।୨/ଏନ୍ଏନ୍ଏସ୍:** ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ର କର୍ମଚାରୀମାନେ ଆଜି ସକାଳେ ମଙ୍ଗୁଳି ଛକରେ ଜଗି ରହି ଫୁଲବାଣୀରୁ ବାଲେଶ୍ୱରକୁ ଚାଲାଣ କରାଯାଉଥିବା ପ୍ରାୟ ୪୦କେଜି ଗଞ୍ଜେଇ ଜବତ କରିବା ସହିତ ଏହି ଚୋରା କାରବାରରେ ସମ୍ପୃକ୍ତ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ହେଟାଖୋଲର ସିଦ୍ଧାନ୍ତ ବେହେରା (୨୩), ଖୋର୍ଦ୍ଧାର ବିଭନ କୁମାର ତ୍ରିପାଠୀ (୩୯) ଓ ଅନିଲ କୁମାର ସାହୁ (୨୮)। ସେମାନେ ବ୍ୟବହାର କରୁଥିବା ଓଆର-୦୨-ଏଇ୨୦୦୩ ନମ୍ବରର ହୁଣ୍ଡାଇ ସାଣ୍ଟ୍ରୋ କାରକୁ ଜବତ କରାଯାଇଛି। ପ୍ରକାଶ ଯେ ଏକ କାର ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଥିବାର ଗୁପ୍ତ ସୂଚନାକୁ ଆଧାର କରି ସ୍କ୍ୱାର୍ଡ଼ର ଅଧୀକ୍ଷକ ତେଜରାଜ ଜାନିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବଲବୀର ଗଡ଼ନାୟକ, ଏଏସଆଇ ଆଲୋକ ଖଟୁଆ, ଦିଲ୍ଲୀପ ନନ୍ଦ, ସେଖ ସାକିରଉଲା, ବ୍ରଜକିଶୋର ବିଦ୍ଧାଣି ପ୍ରମୁଖ ମଙ୍ଗୁଳି ଛକରେ ଜଗି ରହି କାରକୁ ଅଟକାଇ ତଲାସି କରିବା ପରେ ଦୁଇଟି ବସ୍ତାରେ ଥିବା ୪୦କିଲୋ ଗଞ୍ଜେଇ ଜବତ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା ଉଦ୍‌ଯାପିତ

**ଖୋର୍ଦ୍ଧା,୨୫।୨/ଏନ୍ଏନ୍ଏସ୍:** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଓରମାସ) ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡିଆରେ ୫ ଦିନ ବ୍ୟାପୀ ଚାଲିଥିବା ଜିଲ୍ଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ ବେପାର ହୋଇଥିବା ଜଣାପଡ଼ିଛି। ଗତ ଚାରି ଦିନ ମେଳା ଫାଙ୍କା ରହିଥିବାବେଳେ ଶେଷ ଦିବସରେ ଭିଡ଼ ଜମିଥିଲା। ସନ୍ଧ୍ୟା ବଢ଼ିବା ସହିତ ଲୋକଙ୍କ ଭିଡ଼ ବଢ଼ିଥିଲା। ମେଳା ବୁଲା ବୁଲି ସହ ଖାଦ୍ୟ ଷ୍ଟଲରେ ବିଭିନ୍ନ ଭେରାଇଟି ଖାଦ୍ୟ ପାଇଁ ଭିଡ଼ ରହିଥିଲା। ଶେଷ ରଜନୀରେ ପ୍ରଥମେ ମୋନାଲିସା ଇଂରାଜୀ ମାଧ୍ୟମ ସ୍କୁଲ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଜଟଣୀ ନୃତ୍ୟ ଅନୁଷ୍ଠାନ ନୀଳଶୈଳ ଓଡ଼ିଶୀ, ସମ୍ବଲପୁରୀ ଖୋର୍ଦ୍ଧା ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କଳାକାରମାନେ ଓଡ଼ିଶୀ ଦେଶାତ୍ମକବୋଧ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାରମାନେ କଣ୍ଢେଇନାଚ ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ବଲାଙ୍ଗୀର ସଙ୍ଗୀତ ସାଧନା ନୃତ୍ୟ ଡାଲଖାଇ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଜିଲ୍ଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ନିବେଦିତା ପରିଡ଼ା, ଓରମାସ ସିଇଓ ରାଜଗୋପାଳ ଦାସ, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଶ୍ରୀତପା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମେଳାରେ ଅଧିକ ବେପାର କରିଥିବା ୩ ଜଣ ବେପାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧଦିବସ ପାଳିତ



**କଟକ,୨୫।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ଓଡ଼ିଶା ରାଜନୀତିରେ ତାଙ୍କର ବେଶ ପ୍ରଭାବ ରହିଥିଲା ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ରାମଚନ୍ଦ୍ର ଗୋଚ୍ଛାୟତ, ପ୍ରିୟଜିତ ରାୟ,ମାନସ ପରିଡ଼ା, ସଚ୍ଚିଦାନନ୍ଦ ରାଉତ, ନିର୍ମଳ ସ୍ୱାଇଁ, ପ୍ରତ୍ୟୁଷ ସାହୁ, ରଜନୀ ବସ୍ତିଆ, କାଳନ୍ଦୀ ଖଣ୍ଟିଆ, ରୁଷି କାଣ୍ଡି, ଭିକି ଜେଠୀ, ଲିପୁଲ ରାଉତ, ସୀତାକାନ୍ତ ପଣ୍ଡା, ନିହାର ରଂଜନ ନନ୍ଦ, ଉଗ୍ରସେନ ଭୂୟାଁ, ଆଶୁତୋଷ ବରାଳ, ଜୟ ନାରାୟଣ ତ୍ରିପାଠୀ, ପ୍ରଶାନ୍ତ ଭୋଇ, ଦୀପକ ସାହୁ ଓ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ସୁଭଦ୍ରା ଶକ୍ତିମେଳା ପ୍ରସ୍ତୁତି ବୈଠକ



**ପୁରୀ,୨୫।୨/ଏନ୍ଏନ୍ଏସ୍:** ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ସୁଭଦ୍ରା ଶକ୍ତିମେଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପ୍ରିୟରଞ୍ଜନ ପୃଷ୍ଟି ବିବରଣୀ ପାଠ କରିଥିଲେ। ଏହି ସୁଭଦ୍ରା ଶକ୍ତିମେଳା ୨୮ ତାରିଖଠାରୁ ଆରମ୍ଭ ହୋଇ ମାର୍ଚ୍ଚ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଷ୍ଟାଡିୟମ୍ ତାଳବଣିଆଠାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ମହିଳା ଓ ଶିଶୁବିକାଶ, ମିଶନ୍ ଶକ୍ତି ବିଭାଗ ତରଫରୁ ଉକ୍ତମେଳା ଆୟୋଜନ କରାଯାଉଛି। ଉକ୍ତ ମେଳାରେ ପ୍ରାୟ ୧୫୦ଟି ଷ୍ଟଲ୍ ଖୋଲାଯିବ ତଥା ପୁରୀ ଓ ଓଡ଼ିଶାର ଅନ୍ୟ ଜିଲ୍ଲାରୁ ମିଶନ ଶକ୍ତି ମା’ମାନେ ଆସି ଯୋଗଦେବେ। ଆସନ୍ତା ୨୮ ତାରିଖରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରିବେ। ଏଥିରେ ହାତ ପାହାନ୍ତା ହସ୍ତଶିଳ୍ପ, କଳାକୃତି, ମିଲେଟ୍ ଓ ଅର୍ଗାନିକ୍ ଉତ୍ପାଦନମାନ ପ୍ରଦର୍ଶିତ ହେବ। ଏଥିରେ ଓଡ଼ିଆ ଐତିହ୍ୟ ସଂସ୍କୃତି, କଳା କାରିଗରୀ, କୌଶଳ ପଟ୍ଟଚିତ୍ର କଳାକାରୁ କାର୍ଯ୍ୟ ଚାନ୍ଦୁଆ ପ୍ରସ୍ତୁତି ଇତ୍ୟାଦିର ଲାଇଭ୍ ଡେମୋ ଷ୍ଟଲ ରହିବ। ଅତିଥି ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସାତଦିନ ଧରି ଚାଲିବ। ଏଥିରେ ଭଜନ, ଘୋଡାନାଚ, ଘୁଡୁକି, ଗୋଟିପୁଅ ନାଚ ଓ ଓଡିଶୀ ଇତ୍ୟାଦି ମଧ ସାମିଲ୍ ହେବ। ଏହି ମେଳାରେ ସମସ୍ତ ବିଭାଗ ଯଥା- କୃଷିଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମହିଳା ଶିଶୁବିଭାଗ, ସମାଜ ମଙ୍ଗଳବିଭାଗ, ସାମଜିକ ସୁରକ୍ଷା ଓ ସଶକ୍ତୀ କରଣ ବିଭାଗ ଓ ୱାଟ୍‌କୋ, ମେଡିକାଲ, ଫାୟାର, ଶିକ୍ଷାବିଭାଗ ଇତ୍ୟାଦି ସାମିଲ ହେବେ। ଉକ୍ତ ବୈଠକରେ ଶ୍ରମ ଓ ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡଃ ସରୋଜ କୁମାର ବେହେରା, ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶନୀ, ଅତିରିକ୍ତ କୃଷି ଅଧିକାରୀ ସ୍ୱାଗତିକା ପଟ୍ଟନାୟକ, ଡିପିଏମ୍ ଅଜୟ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମହାପାତ୍ର ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗ ଦେଇଥିଲେ।

## ୧ରେ ଦହିବରା ଆଳୁଦମ୍ ଦିବସ

### ବୋଟ୍ କ୍ଲବରେ ଖୋଲିବ ଷ୍ଟଲ୍

**କଟକ,୨୫।୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଚ୍ଚ ୧ ତାରିଖରେ ଦହିବରା ଆଳୁଦମ ଦିବସ ପାଳନ କରାଯିବ। ଏଥି ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାର୍ଚ୍ଚ ୧ ତାରିଖରେ ସିଲିଭର ସିଟି ବୋର୍ଟ କ୍ଲବରେ ଦହିବରା ଆଳୁଦମ ଦିବସ ପାଳନ କରାଯିବ। ଏଠାରେ ସେଲ୍‌ଫି ଜୋନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଦହିବରା ଦିବସ ପାଳନ ପାଇଁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ.ଇସ୍ମିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀ କୁମାର ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସକାଳ ୯ଟାରୁ ଏହି ଦିବସ ପାଳନ ଅବସରରେ ଖାଦ୍ୟପେୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ରୋଟାରୀ କ୍ଲବ୍ କଟକ ଗ୍ରୀନ୍‌ଫିଲ୍ଡ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ



**କଟକ,୨୫।୨/ଏନ୍ଏନ୍ଏସ୍:** ରୋଟାରୀ କ୍ଲବ୍ କଟକ ଗ୍ରୀନଫିଲ୍ଡ ତରଫରୁ ରୋଟାରୀ ଇଣ୍ଟରନ୍ୟାସନାଲ ଅନୁଷ୍ଠାନର ୧୨୦ ତମ ବାର୍ଷିକ ପ୍ରତିଷ୍ଠା ଦିବସ କ୍ଲବର ସଭାକକ୍ଷରେ ପାଳନ ଅବସରରେ କ୍ଲବ୍ ତରଫରୁ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଧରପୁରସ୍ଥିତ ସରକାରୀ ଅପର ପ୍ରାଇମେରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ସମ୍ବନ୍ଧିତ ଉପକରଣ ବଣ୍ଟନ କରାଯାଇଥିଲା। ଏହା ପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର-ଜ୍ଞାନକୁଞ୍ଜ, ନୂଆପଡ଼ା ଉଚ୍ଚ ବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ‘ଫାଷ୍ଟ-ଏଡ୍’ ବକ୍ସ ସ୍ଥାପନ କରାଯାଇଥିଲା। ଏତଦ୍‌ବ୍ୟତୀତ ବୟାଳିଶ ମୌଜା ବେଣ୍ଟକାରସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱଚ୍ଛ ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୱାଟର ପ୍ୟୁରିଫାୟର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ଏଥି ସହିତ ବୟାଳିଶ ମୌଜା ଏରଞ୍ଚସ୍ଥିତ ଉତ୍କଳମଣି ଗୋପବନ୍ଧୁ ପୌଢ଼ାଶ୍ରମର ଅନ୍ତେବାସୀମାନଙ୍କ ମଧ୍ୟରେ ଶ୍ରୀମଦ୍ ଭଗବଦ୍ ଗୀତା (ରୋଟାରୀଆନ୍ ମେଜର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନବାକ୍ଷରୀ ପଦ୍ୟାନୁବାଦ) ପୁସ୍ତକ ବଣ୍ଟନ କରାଯାଇଥିଲା। ସର୍ବଶେଷରେ ନୂଆପଡା-ବାଲିସାହି ବସ୍ତି ବାସିନ୍ଦାର ବୃଦ୍ଧବୃଦ୍ଧାମାନଙ୍କ ମଧ୍ୟରେ ଦେୟମୁକ୍ତ ଛତା ବଣ୍ଟନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ରୋଟାରିଆନ୍ ରୁଦ୍ର ନାରାୟଣ ପଶାୟତ, ରୋଟାରିଆନ୍ ତୁଷାର ରଞ୍ଜନ ଦାସ, ଜୀବନାନନ୍ଦ ଦାଶ, ମନମୋହନ ପତି, ସୁରେଶ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ।

## ଅଠରନଳା ମୂଷାନଈକୁ ଖସି ଯୁବକଙ୍କ ମୃତ୍ୟୁ


**ପୁରୀ,୨୫।୨/ଏନ୍ଏନ୍ଏସ୍:** ପୁରୀର ପ୍ରବେଶ ପଥ ଅଠରନଳା ମୂଷା ନଈକୁ ଖସି ପଡି ଯୁବକଙ୍କ ମୃତ୍ୟୁ ହୋଇଛି। ଖବର ପାଇ ତୁରନ୍ତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଅକ୍ଳାନ୍ତ ପରିଶ୍ରମ କରି ଯୁବକଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ପ୍ରାୟ ପ୍ରତ୍ୟେକ ଦିନ ସମ୍ପୃକ୍ତ ଯୁବକ ଅଠରନଳା ମୂଷା ନଈ ବ୍ରିଜ ଉପରେ ବସିଥାନ୍ତି। ସେ ଜଣେ ମାନସିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। ଆଜି ମଧ ସେ ବ୍ରିଜ ଉପରେ ବସିଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଥିଲେ। ତେବେ ହଠାତ ସେ ବ୍ରିଜ ତଳକୁ ଖସି ପଡ଼ିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଯେ ଲୋକମାନେ କେହି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିନଥିଲେ। ହୁଏତ ସାମନ୍ୟ ମାନବିକତା ଦେଖାଇଥିଲେ ଜୀବନଟି ବଞ୍ଚି ଯାଇଥାନ୍ତା। କିନ୍ତୁ ସେ ବ୍ରିଜ ତଳକୁ ଖସିପଡ଼ିବା ପରେ ଅଗ୍ନିଶମ ବିଭାଗର ଉଦ୍ଧାର ଦେଖିବା ପାଇଁ ଅଠରନଳା ବ୍ରିଜ ଉପରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ତେବେ ଯେଉଁଠି ସେ ବସିଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତରେ ଖସିପଡ଼ିଥିଲେ, ତାହା ପ୍ରାୟ ୨୦ ଫୁଟ ହେବ।

ନମସ୍କାର ୧୦ ନିତିଦିନ NITIDIN
ବୁଧବାର, ୨୬ ଫେବୃଆରୀ, ୨୦୨୫

# ଆଜିର ଇତିହାସ

- ୧୮୫୭-ପଶ୍ଚିମ ବଙ୍ଗର ବହରାମପୁର ଠାରେ ପ୍ରଥମ ସୈନ୍ୟ ବିଦ୍ରୋହ ଦେଖିବାକୁ ମିଳିଥିଲା।
- ୧୮୫୮-ଆସାମ ରାଜପରିବାରକୁ ପୁଣି ଥରେ ସିଂହାସନ ଦେବା ପ୍ରୟାସରେ ପିୟାଲୀ ବରୁଆ ଓ ଦିୱାନ ମଣିରାମ ଦତ୍ତଙ୍କୁ ଫାଶୀ ଦିଆଯାଇଥିଲା।
- ୧୯୭୫-ଅହମଦାବାଦ ଠାରେ ଦେଶର ପ୍ରଥମ ଗୁଡ଼ି ସଂଗ୍ରହାଳୟ 'ଶଙ୍କର କେନ୍ଦ୍ର'ର ସ୍ଥାପନା କରାଯାଇଥିଲା।
- ୧୭୧୨-ଦିଲ୍ଲୀର ସପ୍ତମ ମୋଗଲ ବାଦଶାହ, ଶାହା ପ୍ରଥମଙ୍କ ନିଧନ।
- ୧୯୭୨- ବର୍ଦ୍ଧା ନିକଟସ୍ଥ ଅରବୀରେ ସ୍ଥିତ ବିକ୍ରମ ଆର୍ଥ ସାଟେଲାଇଟ୍ ଷ୍ଟେସନକୁ ରାଷ୍ଟ୍ରପତି ଭିଭି ଗିରି ଦେଶକୁ ସମର୍ପିତ କରିଥିଲେ।
- ୨୦୦୪-ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଶଙ୍କର ରାଓ ଚହ୍ୱାନଙ୍କ ନିଧନ ହୋଇଥିଲା।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଅନ୍ତକାଳେ ଚ ମାମେବ ସ୍ମରନ୍‌ମୁକ୍ତ୍ୱା କଳେବରମ୍।
ଯଃ ପ୍ରୟାତି ସ ମଦ୍‌ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ। (୮/୫)**

ଯେଉଁମାନେ ମୋତେ ଅନ୍ତକାଳରେ ବା ମୃତ୍ୟୁ ସମୟରେ ସ୍ମରଣ କରି ଦେହ ତ୍ୟାଗ କରି ଏ ସଂସାରରୁ ପ୍ରସ୍ଥାନ କରନ୍ତି ସେମାନେ ମୋର ଭାବ ପ୍ରାପ୍ତ କରନ୍ତି, ଏଥିରେ ସନ୍ଦେହ ନାହିଁ। ଚିତ୍ତ ବଡ ଚଞ୍ଚଳ, ତାକୁ ବିଷୟ ଜାଲରୁ ମୁକ୍ତ କରି ଏକାଗ୍ର କରିବା କଷ୍ଟଦାୟକ ହେଲେ ମଧ୍ୟ ଅଭ୍ୟାସ ବଳରେ ମନକୁ ସଂଯତ କରିହୁଏ। ସେଥିପାଇଁ ନିରନ୍ତର ଈଶ୍ୱରାଭିମୁଖୀ ହେଇ ତାଙ୍କୁ ସ୍ମରଣ କରିବାକୁ ହୁଏ। ଶ୍ରୀ ରାମକୃଷ୍ଣ କହୁଥିଲେ- 'ଈଶ୍ୱରଙ୍କ ରଙ୍ଗରେ ମନକୁ ରଙ୍ଗିନ କଲେ ଅନ୍ୟ ରଙ୍ଗର ଆବଶ୍ୟକ ପଡ଼େନି। ବିଷୟ ଚିନ୍ତା ଯେତେ କରିବୁ ବିଷୟ ହେଇଯିବୁ। ତେଣୁ ମଝିରେ ମଝିରେ ନିର୍ଜନ ସ୍ଥାନକୁ ଯାଇ ଏକୁଟିଆ ଈଶ୍ୱରଙ୍କର ଧ୍ୟାନ କର। ଘର କୋଣରେ ବସି ବି ଧ୍ୟାନ କରିପାର। ସେ କହୁଥିଲେ - ଧ୍ୟାନ କରିବ ମନରେ ଓ କୋଣରେ।' ଭଗବାନ ଶ୍ରୀକୃଷ୍ଣ ଏଠାରେ କହୁଛନ୍ତି ଯେ ଭଗବାନଙ୍କୁ ସର୍ବଦା ସ୍ମରଣ କଲେ ଏହା ଏକ ଅଭ୍ୟାସରେ ପରିଣତ ହେଇଯିବ। ମୃତ୍ୟୁ ସମୟରେ ଏହି ଅଭ୍ୟାସ ଯୋଗୁ ତୁମେ ମୋର ଭାବରେ ତନ୍ମୟ ହେଇ କଳେବର ଛାଡି ପାରିବ।



# ଶିବଙ୍କ ରାତ୍ରି: ମହାଶିବରାତ୍ରି



ପ୍ରତିବର୍ଷ ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଏ ମହାଶିବରାତ୍ରି ପର୍ବ। ଧାର୍ମିକ ମାନ୍ୟତା ଅନୁସାରେ ଏହି ଦିନ ଭଗବାନ ଶିବ ଓ ମା' ପାର୍ବତୀଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଏହି ତିଥିରେ ଶିବଲିଙ୍ଗ ଭାବରେ ଭଗବାନ ଶିବ ପ୍ରକଟ ହୋଇଥିଲେ। ସେଥିପାଇଁ ଏହି ଦିନ ଜ୍ୟୋତିର୍ଲିଙ୍ଗ ସ୍ୱରୂପରେ ପ୍ରାକଟ୍ୟ ପର୍ବ ଭାବରେ ମହାଶିବରାତ୍ରି ପର୍ବ ଅନୁଷ୍ଠିତ ହୁଏ। ତାଙ୍କର ନିରାକାର ସ୍ୱରୂପ ପ୍ରତୀକ ଲିଙ୍ଗ ଶିବରାତ୍ରିର ମହାନିଶାରେ ପ୍ରକଟ ହେବା ପରେ ଭଗବାନ ବ୍ରହ୍ମା ଓ ବିଷ୍ଣୁ ପ୍ରଥମେ ତାଙ୍କୁ ପୂଜା କରିଥିଲେ ବୋଲି ମାନ୍ୟତା ରହିଛି। କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶିବ ବୈରାଗ୍ୟ ଛାଡ଼ି ଗୃହସ୍ଥ ଜୀବନରେ ପ୍ରବେଶ କରିଥିଲେ। ତେଣୁ ପ୍ରତିବର୍ଷ ଶିବ-ଗୌରୀଙ୍କ ବିବାହୋତ୍ସବ ଭାବରେ ମହାଶିବରାତ୍ରି ପର୍ବ ପାଳନ କରାଯାଏ। ହିନ୍ଦୁ ଧର୍ମରେ ତ୍ରିଦେବଙ୍କ ମଧ୍ୟରେ ଭଗବାନ ବ୍ରହ୍ମାଙ୍କୁ ନିର୍ମାତା, ଭଗବାନ ବିଷ୍ଣୁଙ୍କୁ ସଂରକ୍ଷକ ଓ ଭଗବାନ ଶିବଙ୍କୁ ବ୍ରହ୍ମାଣ୍ଡୀୟ ବିଘଟନ ଓ ପୁନର୍ଜନ୍ମରେ ତାଙ୍କ ଭୂମିକା ପାଇଁ ପୂଜା କରାଯାଏ। ଏହା ପରେ ଭଗବାନ ଶିବଙ୍କ ମଧ୍ୟରେ ଶୁଭ, ପରୋପକାର ଓ ଗଭୀର ଜ୍ଞାନ ସହିତ ଅନ୍ୟ କେତେକ ଗୁଣ ସମାହିତ ହୋଇ ରହିଛି। ତାଙ୍କର ଜଟା, ଜଟାରେ ମାତା ଗଙ୍ଗା, କପାଳରେ ତୃତୀୟ ନୟନ, ତାଙ୍କ କେଶରେ ଶୋଭା ପାଉଥିବା ଅର୍ଦ୍ଧଚନ୍ଦ୍ର ଓ ଗଳାରେ ନାଗସାପ ତାଙ୍କର ପରଲୌକିକ ପ୍ରକୃତି ଓ ସମୟ, ମୃତ୍ୟୁ ଓ ବ୍ରହ୍ମାଣ୍ଡରେ ତାଙ୍କର ପ୍ରଭୁତ୍ୱର ପ୍ରତୀକ। ବର୍ଷରେ ପଡ଼ିଥାଏ ୧୨ଟି ଶିବରାତ୍ରି କିନ୍ତୁ ଫାଲ୍‌ଗୁନ ମାସର ଶିବରାତ୍ରିର ମହତ୍ତ୍ୱ କେତେ ଗୁଣ ଅଧିକ ରହିଛି। ଏହିଦିନ ଶିବଲିଙ୍ଗ ଉପରେ କ୍ଷୀର, ଦହି, ଜଳ, ପୁଷ୍ପ, ବେଲପତ୍ର, ଦୁଦୁରା ଓ କୋଳି ଆଦି ଦେଇ ତାଙ୍କୁ ପ୍ରସନ୍ନ କରାଯାଏ। ଶିବରାତ୍ରି ବ୍ରତ ରଖିଲେ ନର୍କରୁ ମୁକ୍ତି ମିଳେ ଓ ଜୀବନ ପରେ ବୈକୁଣ୍ଠ ଧାମକୁ ଯିବାର ସୁଖ ମିଳେ, ସଂସାରରେ ସବୁ ପ୍ରକାରର ଦୁଃଖରୁ ମୁକ୍ତି ମିଳିଯାଏ। କୁମାରୀ କନ୍ୟାମାନେ ଇଚ୍ଛା ମୁତାବକ ବର ପାଇଥାନ୍ତି ବୋଲି ଖାସ୍ ବିଶ୍ୱାସ ରହିଛି। ଭୟ ଓ ପାପ ନାଶ କରିବା ପରି ଦ୍ୱିତୀୟ କୌଣସି ବ୍ରତ ନାହିଁ। ତେବେ ଶାସ୍ତ୍ର ଅନୁସାରେ ଏହି ଦିନ ଭୋଳେନାଥଙ୍କ ପୂଜା ପ୍ରଦୋଷ କାଳର ଚତୁର୍ଥ ପ୍ରହରରେ କରାଯାଏ। ମହାଶିବରାତ୍ରି ଆଧ୍ୟାତ୍ମିକ ସାହସ ଓ ସାମାଜିକ ଏକତାର ପ୍ରତୀକ। ଧ୍ୟାନ, ତପ ଓ ନୀତିର ଏହି ପର୍ବକୁ ଲୋକମାନେ ସକାରାତ୍ମକ ପର୍ବ ଭାବରେ ପାଳନ କରନ୍ତି। ଏହି ପର୍ବରେ ସାମୂହିକ ଏକତା ଓ ସେବା ଭାବନା ଉପରେ ଗୁରୁତ୍ୱ ଦିଆଯାଏ।

# ବୀର ସାଭରକର



ବିନାୟକ ଦାମୋଦର ସାଭରକର ଥିଲେ ଜଣେ ରାଷ୍ଟ୍ରବାଦୀ ନେତା। ଜଣେ ଲେଖକ, କାର୍ଯ୍ୟକର୍ତ୍ତା ଓ ରାଜନୀତିଜ୍ଞ ଭାବରେ ମଧ୍ୟ ତାଙ୍କର ପରିଚୟ ରହିଛି। ଏହା ବ୍ୟତୀତ ସ୍ୱାତନ୍ତ୍ର୍ୟବୀର, ବୀର ସାଭରକର୍ ନାମରେ ମଧ୍ୟ ଲୋକମାନଙ୍କ ମଧ୍ୟରେ ସେ ପରିଚିତ ଥିଲେ। ୨୮ ମେ',୧୮୮୩ରେ ମହାରାଷ୍ଟ୍ରର ନାସିକ ଜିଲ୍ଲାର ଭାଗୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସାଭରକର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଥିଲେ ଯିଏ ପ୍ରଥମେ ବିଦେଶୀ ବସ୍ତ୍ରକୁ ଜଳାଇ ଦେଇଥିଲେ। ପରିବର୍ତ୍ତିତ ହିନ୍ଦୁମାନଙ୍କୁ ନିଜ ଧର୍ମକୁ ଫେରାଇ ଆଣିବା ପାଇଁ ସବୁ ପ୍ରକାରର ଚେଷ୍ଟା କରି ସେଥିପାଇଁ ଆନ୍ଦୋଳନ ମଧ୍ୟ ଚଳାଇଥିଲେ। ଭାରତର ଏକ ସାମୂହିକ ହିନ୍ଦୁ ପରିଚୟ ତିଆରି କରିବା ପାଇଁ ପ୍ରଥମେ 'ହିନ୍ଦୁତ୍ୱ' ଶବ୍ଦର ଆରମ୍ଭ କରିଥିଲେ ସାଭରକର୍। ତାଙ୍କର ରାଜନୀତିକ ଦର୍ଶନରେ ଉପଯୋଗିତାବାଦ, ତର୍କବାଦ, ପ୍ରତ୍ୟକ୍ଷବାଦ, ମାନବତାବାଦ, ସାର୍ବଭୌମିକତା, ବ୍ୟବହାରିକତା ଓ ଯଥାର୍ଥବାଦର ତତ୍ତ୍ୱ ଥିଲା। ସାଭରକର୍ ଜଣେ ତର୍କବୁଦ୍ଧିବାଦୀ ବ୍ୟକ୍ତି ଥିଲେ ଯିଏ ସବୁ ଧର୍ମର ରୁଢ଼ିବାଦୀ ବିଶ୍ୱାସଗୁଡିକୁ ବିରୋଧ କରୁଥିଲେ। ଏହା ସହିତ ହିନ୍ଦୁ ରାଷ୍ଟ୍ରବାଦର ରାଜନୀତିକ ବିଚାରଧାରାର ବିକାଶ ସେ କରିଥିଲେ। ୧୯୨୨ରେ ବନ୍ଦୀ ହେବା ପରେ ରତ୍ନଗିରି ଜେଲ୍‌ରେ ଥିବା ସମୟରେ ସେ ହିନ୍ଦୁ ରାଷ୍ଟ୍ରବାଦୀ ରାଜନୀତିକ ସିଦ୍ଧାନ୍ତକୁ ତିଆରି କରିଥିଲେ ଯାହାକୁ ହିନ୍ଦୁତ୍ୱ ଭାବରେ ସମସ୍ତେ ଜାଣନ୍ତି। ହିନ୍ଦୁ ମହାସଭାରେ ପ୍ରମୁଖ ସ୍ଥାନ ରଖୁଥିବା ସାଭରକର ୧୯୬୬ର ଆଜିର ଦିନରେ ମୃତ୍ୟୁବରଣ କରିଥିଲେ। ନିଜର ଆତ୍ମକଥା ଲେଖିବା ସମୟରେ ସେ ସମ୍ମାନଜନକ ଉପସର୍ଗ 'ବୀର'ର ବ୍ୟବହାର କରିଥିଲେ ଯାହାର ଅର୍ଥ ଥିଲା 'ବାହାଦୁର'।

# ଦେଶର ପ୍ରଥମ ମହିଳା ଡାକ୍ତର

ଊନବିଂଶ ଶତାବ୍ଦୀର ଭାରତକୁ ଅନେକଗୁଡ଼ିଏ ପରିବର୍ତ୍ତନର ସମୟ ଭାବରେ ଗ୍ରହଣ କରାଯାଏ। ସେ ସମୟରେ ସମାଜ ସୁଧାରରେ ବହୁତଗୁଡ଼ିଏ ଆନ୍ଦୋଳନ ହୋଇଥିଲା ଯେଉଁଥିରେ ନାରୀ ଶିକ୍ଷା ଓ ବିଧବା ବିବାହ ଥିଲା ପ୍ରମୁଖ ସମସ୍ୟା। ସେ ସମୟରେ ଦେଶର ଜଣେ ଝିଅ ଆନନ୍ଦୀ ଗୋପାଳ ଯୋଶୀ ଏକ ଅନୋଖା କାହାଣୀ ଲେଖିଥିଲେ। ଝିଅମାନେ ଶିକ୍ଷିତ ହେବା ଏକ ବହୁତ ବଡ଼ ଘଟଣା ଥିଲା ସେତେବେଳେ କିନ୍ତୁ ଜଣେ ଡାକ୍ତର ହୋଇ




ସମାଜ ଆଗରେ ନିଜକୁ ପ୍ରମାଣିତ କରିପାରିଥିଲେ ଆନନ୍ଦୀ ଗୋପାଲ୍ ଯୋଶୀ। ତାଙ୍କର ଜୀବନୀ ଆଜି ବି ନାରୀମାନଙ୍କୁ ପ୍ରେରଣା ଯୋଗଉଛି। କିନ୍ତୁ ଅବସୋସର କଥା ୧୮୮୭ର ଆଜିର ଦିନରେ ମାତ୍ର ୨୨ ବର୍ଷ ବୟସରେ ସେ ଦୁନିଆରୁ ବିଦାୟ ନେଇଥିଲେ। ୩୧ ମାର୍ଚ୍ଚ, ୧୮୬୫ରେ ମହାରାଷ୍ଟ୍ରର ଥାନେ ଜିଲ୍ଲାର କଲ୍ୟାଣ ଠାରେ ଜନ୍ମଗ୍ରହଣ କରିଥିଲେ ଆନନ୍ଦୀ। ମାତ୍ର ନଅ ବର୍ଷର ହୋଇଥିବା ବେଳେ ତାଙ୍କ ଠାରୁ ୨୦ ବର୍ଷ ବଡ଼ ଗୋପାଳରାଓ ଯୋଶୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା ଓ ୧୪ ବର୍ଷରେ ଆନନ୍ଦୀ ମା' ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। କିନ୍ତୁ ମାତ୍ର ୧୦ ଦିନରେ ସେ ସନ୍ତାନଟିକୁ ହରାଇଥିଲେ। ଏହି ବଡ଼ ଆଘାତଟି ତାଙ୍କୁ ଡାକ୍ତର ହେବା ପାଇଁ ପ୍ରେରିତ କରିଥିଲା କାରଣ ସଠିକ୍ ସମୟରେ ଶିଶୁଟିକୁ ଚିକିତ୍ସା ମିଳିପାରି ନଥିଲା। ବିଦେଶ ଯାଇ ଡାକ୍ତରୀ ପାଠ ପଢ଼ିବା ପାଇଁ ସେ ନିଷ୍ପତ୍ତି ନେବା ପରେ ସମାଜରେ ଆଲୋଚନାର ଶିକାର ହୋଇଥିଲେ। ପ୍ରଥମ ପ୍ରୟାସରେ ଅସଫଳ ହେବା ପରେ ସେ କଲିକତା ଯାଇ ସଂସ୍କୃତ ଓ ଇଂରାଜୀ ଭାଷା ଉପରେ ଶିକ୍ଷା ଗ୍ରହଣ କଲେ। ସେଠାରେ ସେ ଦୁର୍ବଳତା, ମୁଣ୍ଡବିନ୍ଧା, କେବେ କେବେ ଜ୍ୱର ଓ ଶ୍ୱାସ ସମସ୍ୟାର ସମ୍ମୁଖୀନ ହେଉଥିଲେ। କିନ୍ତୁ ପତିଙ୍କ ସହଯୋଗରେ ସେ ଆମେରିକା ଯାଇଥିଲେ ଡାକ୍ତରୀ ପାଠ ପଢ଼ିବା ପାଇଁ। ପେନ୍‌ସିଲଭାନିଆ ଠାରେ ୧୯ ବର୍ଷରେ ସେ ଚିକିତ୍ସା ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ଆମେରିକାରେ ଥଣ୍ଡା ଜଳବାୟୁ ଯୋଗୁ ଟିବି ରୋଗରେ ଆକ୍ରାନ୍ତ ହେଲେ ମଧ୍ୟ ସେ ଏମ୍‌ଡିରେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରି ନିଜ ସ୍ୱପ୍ନକୁ ସାକାର କରି ଦେଖାଇଥିଲେ। କିନ୍ତୁ ଦେଶକୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା ଓ ସେ ଦୁନିଆରୁ ବିଦାୟ ନେଇଥିଲେ। ଡାକ୍ତର ହେବାର ଆଶା ପୂରା ହୋଇନଥିଲେ ମଧ୍ୟ ଭାରତୀୟ ମହିଳାଙ୍କ ପାଇଁ ଆଜି ବି ସେ ଜଣେ ପ୍ରେରଣା ହୋଇ ରହିଛନ୍ତି।

# ଫେରିଲା ହେରାଫେରୀ

ହିନ୍ଦୀ ସିନେମା ଜଗତରେ କମେଡି ଫିଲ୍ମଗୁଡ଼ିକ ମଧ୍ୟରୁ 'ହେରାଫେରୀ'ର ରହିଛି ଏକ ଅଲଗା ଫ୍ୟାନ୍ ବେସ୍। ଏଥିରେ ପରେଶ ରାୱଲ୍‌ଙ୍କୁ ବାବୁରାଓ ଗଣପତରାଓ ଆପ୍ଟେ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏହି ଚରିତ୍ରର ଯେତିକି ମିମ୍ସ ତିଆରି ହୋଇଛି ବୋଧହୁଏ ହିନ୍ଦୀ ସିନେମାର କୌଣସି ଅନ୍ୟ କଳାକାରଙ୍କ ଉପରେ ସେତିକି ମିମ୍ସ ତିଆରି ହୋଇ ନଥିବ। ଆସନ୍ତା ମାସରେ ଏହି ଫିଲ୍ମଟି ରିଲିଜ ହେବାର ପୂରା ହେବ ୨୫ ବର୍ଷ। ଏହି ଅବସରରେ 'ହେରାଫେରୀ-୩'କୁ ନେଇ ଆସିଛି ଏକ ବଡ଼ ଅପ୍‌ଡେଟ୍। ୨୦୦୬ରେ ରିଲିଜ ସିକ୍ୱେଲ୍ 'ଫିର୍ ହେରାଫେରୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ନୀରଜ ବୋରା। ଏବେ କିନ୍ତୁ 'ହେରାଫେରୀ-୩'ର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ ପ୍ରିୟଦର୍ଶନ। ଏହା ପ୍ରଥମ ଥର ହେବ ଯେଉଁଥିରେ ପ୍ରିୟଦର୍ଶନ ନିଜର କୌଣସି ଫିଲ୍ମର ନିର୍ଦ୍ଦେଶନା ଦେବେ। ଫିଲ୍ମରେ ଏକ ମୁଖ୍ୟ ଚରିତ୍ରରେ ଅଭିନୟ କରିବା ପାଇଁ ଚୟନିତ ହୋଇଥିଲେ କାର୍ତ୍ତିକ ଆର୍ଯ୍ୟନ। ପରେଶ ରାୱଲ୍ ସୋସିଆଲ ମିଡିଆରେ ଏହାର ପୁଷ୍ଟି ମଧ୍ୟ କରିଦେଇଥିଲେ। କିନ୍ତୁ ଏବେ ଖବର ଅନୁସାରେ କାର୍ତ୍ତିକ ଆଉ ଏ ଫିଲ୍ମର ଅଂଶବିଶେଷ ହୋଇ ରହିନାହାନ୍ତି। ପରେଶଙ୍କ ଅନୁସାରେ 'ହେରାଫେରୀ-୩'ର ନିର୍ମାଣ ଯେତେବେଳେ ନିର୍ଦ୍ଦେଶକ ଫରହାଦ୍ ସାମ୍‌ଜୀଙ୍କ ସହିତ ହେବାର ଥିଲା ସେତେବେଳେ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କୁ ଏକ ନୂଆ ଚରିତ୍ର ଭାବରେ ଫିଲ୍ମରେ ନେବାର ଥିଲା। କିନ୍ତୁ ଫିଲ୍ମରୁ ଫରହାଦ୍‌ଙ୍କ ଛୁଟି ହେବା ପରେ ପ୍ରିୟଦର୍ଶନ ଫିଲ୍ମର କାହାଣୀରେ ପରିବର୍ତ୍ତନ କରିଛନ୍ତି। ନୀରଜ ବୋରାଙ୍କ ନିର୍ଦ୍ଦେଶନାରେ ଅକ୍ଷୟ, ପରେଶ ରାୱଲ୍ ଓ ସୁନିଲ୍ ସେଟ୍ଟି ଥିଲେ। ଅକ୍ଷୟ ଓ ପରେଶ ଏହି ଫିଲ୍ମ କରିବା ପାଇଁ ମନା କରିବା ପରେ ଜନ୍ ଆବ୍ରାହମ୍, ଅଭିଷେକ ବଚ୍ଚନ ଓ ନାନା ପାଟେକରଙ୍କୁ ଫିଲ୍ମରେ ନିଆଯାଇଥିଲା। କିନ୍ତୁ ନୀରଜଙ୍କ ଆକସ୍ମିକ ମୃତ୍ୟୁ ପରେ ଫିଲ୍ମଟି ଝୁଲି ରହିଥିଲା। ତେବେ ଏ ବର୍ଷ ପ୍ରିୟଦର୍ଶନ, ଅକ୍ଷୟ, ସୁନିଲ୍ ଓ ପରେଶଙ୍କୁ ନେଇ ଏହି ଫିଲ୍ମଟିର ନିର୍ମାଣ କରିବେ ବୋଲି କୁହାଯାଉଛି।




# ପ୍ଲାନେଟରୀ ପ୍ୟାରେଡ୍



ଏହି ମାସର ଶେଷ ଆଡ଼କୁ ଏକ ଦୁର୍ଲଭ ଖଗୋଳୀୟ ଘଟଣା ଦେଖିବାକୁ ମିଳିବ ଯେତେବେଳେ ଆମ ସୌରମଣ୍ଡଳର ସମସ୍ତ ସାତଟି ଗ୍ରହ ଏକା ସହିତ ରାତିର ଆକାଶରେ ପ୍ୟାରେଡ୍ କରିବେ। ଏହି ଅଦ୍ଭୁତ ଦୃଶ୍ୟକୁ ପ୍ଲାନେଟରୀ ପ୍ୟାରେଡ୍ ବା ଗ୍ରହମାନଙ୍କର ପ୍ୟାରେଡ୍ ବୋଲି କୁହାଯାଏ। ଏହା ଏକ ଦୁର୍ଲଭ ଘଟଣା ଯାହା ପ୍ରତିବର୍ଷ ଦେଖିବାକୁ ମିଳେ ନାହିଁ ଓ ଏହା ପରେ ଏହାର ପରବର୍ତ୍ତୀ ଘଟଣା ଘଟିବ ୨୦୪୦ରେ। ଯେତେବେଳେ ସୌରମଣ୍ଡଳର ସବୁ ଗ୍ରହ ସିଧା ରେଖାରେ ଏକା ସହିତ ଦେଖିବାକୁ ମିଳନ୍ତି ତାହାକୁ ପ୍ଲାନେଟରୀ ପ୍ୟାରେଡ୍ କୁହାଯାଏ। ଏହି ଅଦ୍ଭୁତ ଦୃଶ୍ୟକୁ ସୂର୍ଯ୍ୟାସ୍ତ ହେବାର ପାଖାପାଖି ୪୫ ମିନିଟ୍ ପରେ ଦେଖିବାକୁ ପାଇବେ ଯାହା ହେଉଛି ଦେଖିବାର ସବୁଠାରୁ ଭଲ ସମୟ। ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ୟୁରେନସ୍‌କୁ ବିନା ଉପକରଣରେ ଦେଖିପାରିବେ କିନ୍ତୁ ବୁଧ, ଶନି ଓ ନେପଚ୍ୟୁନ୍‌କୁ ଦେଖିବା ପାଇଁ ଆବଶ୍ୟକ ହେବ ଦୂରବୀକ୍ଷଣ ଯନ୍ତ୍ର ବା ଟେଲିସ୍କୋପ। ଶୁକ୍ର ପଶ୍ଚିମ ଦିଗରେ ସୂର୍ଯ୍ୟାସ୍ତ ପରେ, ମଙ୍ଗଳ ଦକ୍ଷିଣ ଦିଗରେ ଉଚ୍ଚରେ ଚମକିବ ଓ ବୃହସ୍ପତି ଦକ୍ଷିଣ-ପଶ୍ଚିମ ଦିଗରେ ନଜର ଆସିବ। ୟୁରେନସ୍‌କୁ ଖାଲି ଆଖିରେ ଦେଖିହେବ କିନ୍ତୁ ଏଥିପାଇଁ ଅନ୍ଧାର ଓ ପରିଷ୍କାର ଆକାଶର ଆବଶ୍ୟକତା ରହିଛି। ଆମ ଦେଶରୁ ଏହି ଆକାଶୀୟ ଘଟଣା ପ୍ରତି ସହରବାସୀ ଦେଖି ପାରିବେ। ଗ୍ରହଗୁଡ଼ିକୁ ଦେଖିବା ପାଇଁ ହେଲେ କୌଣସି ସ୍ଥାନର ଚୟନ କରିବା ବହୁତ ଜରୁରୀ ଯେଉଁଠାରେ ଆକାଶ ପୂରା ପରିଷ୍କାର ଥିବ। ତେବେ ସହରର ଚମକ ଯୋଗୁ ଗ୍ରହଗୁଡ଼ିକୁ ଦେଖିବାକୁ କଷ୍ଟ ହୋଇପାରେ। ଆକାଶୀୟ ଘଟଣାଗୁଡ଼ିକୁ ଦେଖିବାକୁ ଭଲ ପାଉଥିବା ଲୋକମାନଙ୍କ ପାଇଁ ଏହା ଏକ ଅବିସ୍ମରଣୀୟ ଅନୁଭବ ହୋଇପାରେ।

# ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା



**ଓଭରଥିଙ୍କିଙ୍ଗ୍ ଅର୍ଥାତ କୌଣସି କଥା ବା ସ୍ଥିତି ସମ୍ପର୍କରେ ବାରମ୍ବାର ଆବଶ୍ୟକରୁ ଅଧିକ ଥର ଚିନ୍ତା କରିବା। କୌଣସି କଥା ବା ଘଟଣାକୁ ନେଇ ଜଣେ ଅଧିକ ଥର ଚିନ୍ତା କଲେ ତା'ର ମାନସିକ ସ୍ଥିତି ପ୍ରଭାବିତ ହୁଏ। ଏହା ପରେ ଚିନ୍ତା, ଚାପ ଓ ଅନିର୍ଣ୍ଣୟର ସ୍ଥିତି ଆସିଯାଏ। ଓଭରଥିଙ୍କିଙ୍ଗ୍ ଯୋଗୁ କୌଣସି ନିର୍ଣ୍ଣୟକୁ ସଠିକ୍ ଭାବରେ ନେଇହୁଏ ନାହିଁ ଓ ମଣିଷ ଦୁର୍ବଳ ହୋଇଯାଏ। ଅଧିକ ଚିନ୍ତା କଲେ ରକ୍ତଚାପ ବୃଦ୍ଧି ହୁଏ, ମୁଣ୍ଡବିନ୍ଧେ ଓ ପାଚନ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଏହି ଅଭ୍ୟାସ ଯୋଗୁ ସମ୍ପର୍କରେ ଅବିଶ୍ୱାସ ମନୋଭାବ ସୃଷ୍ଟି ହୁଏ ଓ ଅନାବଶ୍ୟକ ଯୁକ୍ତିତର୍କ ହୁଏ। ତେଣୁ ଏଥିପାଇଁ ଆବଶ୍ୟକ ଉପାୟକୁ ଫଲୋ କରିବା ଉଚିତ।**

◆ଯେବେ ବି ମନକୁ କୌଣସି ନକାରାତ୍ମକ ବିଚାର ଆସୁଛି ନିଜକୁ ଅନ୍ୟ ଗତିବିଧିରେ ବ୍ୟସ୍ତ ରଖିବାକୁ ଚେଷ୍ଟା କରିବା ଉଚିତ। ଗୀତ ଶୁଣିବା ସହିତ କୌଣସି ରଚନାତ୍ମକ କାମରେ ମନକୁ ଲଗାନ୍ତୁ। ପ୍ରାୟତଃ ଲୋକମାନେ ବିନା କାରଣରେ ନିଜକୁ ଦୋଷୀ ବୋଲି ଭାବନ୍ତି। ଏହିପରି ନକାରାତ୍ମକ ବିଚାରଗୁଡ଼ିକୁ ଚିହ୍ନଟ କରି ତର୍କସଙ୍ଗତ ଉପାୟରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଉଚିତ।

◆ଗଭୀର ଭାବରେ ଦୀର୍ଘଶ୍ୱାସ ନେଲେ ମସ୍ତିଷ୍କକୁ ଆରାମ ମିଳେ ଓ ଚାପ କମ୍ ହୁଏ। ଓଭରଥିଙ୍କିଙ୍ଗ୍ ହେଲେ କିଛି ସମୟ ଆଖି ବନ୍ଦ କରି ଦୀର୍ଘଶ୍ୱାସ ନିଅନ୍ତୁ। ଯୋଗ ଓ ଧ୍ୟାନ କରିବା ଦ୍ୱାରା ମନ ଶାନ୍ତ ହୁଏ ଓ ନୂଆ ବିଚାରଗୁଡ଼ିକ ଉପରେ ନିୟନ୍ତ୍ରଣ କରିହେବ।

◆କେବେ କେବେ ଆମେ ଛୋଟ ଛୋଟ କଥାକୁ ବଡ଼ ଆକାର ଦେଇଦିଅନ୍ତି। ପାଞ୍ଚ ଦଶ ବର୍ଷ ପରେ ଏପରି ଅଭ୍ୟାସ ଜୀବନରେ କେତେ ମହତ୍ତ୍ୱପୂର୍ଣ୍ଣ ହେବ ସେ ବିଷୟରେ ଚିନ୍ତା କରିବା ଉଚିତ। ତେଣୁ ଏପରି ଅଭ୍ୟାସକୁ କିପରି ବଦଳେଇବେ ସେଥିପାଇଁ ଚିନ୍ତା କରନ୍ତୁ। ପୁରୁଣା ଭୁଲ୍ ଓ ଭବିଷ୍ୟତର ଚିନ୍ତାକୁ ଛାଡ଼ି ବର୍ତ୍ତମାନ ସମୟରେ ବଞ୍ଚିବା ପାଇଁ ଅଭ୍ୟାସ କରିବା ଉଚିତ।

◆ଅନ୍ୟକୁ ସାହାଯ୍ୟ କଲେ ନା କେବଳ ଆତ୍ମସନ୍ତୋଷ ମିଳେ ତାହା ନୁହେଁ ଆମ ନକାରାତ୍ମକ ଚିନ୍ତାଧାରାଗୁଡ଼ିକ ମଧ୍ୟ ହଟିଯାଏ। ଓଭରଥିଙ୍କିଙ୍ଗ୍‌କୁ ରୋକିବା ପାଇଁ ଏହା ଏକ ଖୁବ୍ ଭଲ ଉପାୟ। ଅସଫଳତା ଉପରେ ଆମେ ଅଧିକ ଧ୍ୟାନ ଦିଅନ୍ତି। ତେଣୁ ମନ ଯଦି ଅଧିକ ଚିନ୍ତା କରୁଛି ତେବେ ନିଜର ଉପଲବ୍ଧିଗୁଡ଼ିକୁ ମନେ ପକାଇଲେ ଆତ୍ମ-ବିଶ୍ୱାସ ବୃଦ୍ଧି ହେବ।

◆ଭୟକୁ ସ୍ୱୀକାର କରି ଏହାର ସମ୍ମୁଖୀନ ହୁଅନ୍ତୁ। ଓଭରଥିଙ୍କିଙ୍ଗ୍ ସମସ୍ୟା ଅଧିକ ହେଉଥିଲେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସାହାଯ୍ୟ ନେଇପାରିବେ। ଏଥିରେ ଆମେ ସନ୍ତୁଳିତ ଜୀବନ ଜିଇଁବା ସହିତ ଖୁସି ଓ ସଫଳତା ପାଇପାରିବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ନୂଆ ଚାକିରି ମିଳିପାରେ। ସାମାଜିକ କ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ମିଳିବ। ଯୁକ୍ତିତର୍କ ହେବା ଯୋଗୁ ମନ ଚିନ୍ତିତ ରହିବ। ସରକାରୀ ଚାକିରି ପାଇଁ ପରିଶ୍ରମ କରିବେ। ଆଇଟି ସେକ୍ଟରର ଲୋକମାନେ ନିଜ କାମ ଉପରେ ଧ୍ୟାନ ଦେବେ।

**ବୃଷ:** ବେରୋଜଗାରଙ୍କୁ ଖୁସି ଖବର ମିଳିପାରେ। ଅନ୍ୟ ମାମଲାରେ ଅଧିକ ନ କହିଲେ ଭଲ। କାମରେ ଆତ୍ମନିର୍ଭର ହେବାକୁ ଭରସା କରିବାକୁ ହେବ। ସମୟ ଅନୁସାରେ କାମ ଶେଷ କରିବେ। ଦିନଟି ମଉଜ ମସ୍ତିରେ ଭରି ରହିବ।

**ମିଥୁନ:** କିଛି ଦାୟିତ୍ୱକୁ ନେଇ କାମ କରିବାକୁ ପଡ଼ିବ। ଅନ୍‌ଲାଇନ୍ ସପିଂରେ କ୍ଷତି ହୋଇପାରେ। ବ୍ୟବସାୟକୁ ନେଇ କାହା ସହିତ ଭାଗୀଦାର ହେବେ। କୌଣସି ନିରାଶାଜନକ ସୂଚନା ଶୁଣିବାକୁ ମିଳିପାରେ। କୌଣସି ଉପହାର ମିଳିପାରେ।

**କର୍କଟ:** ନୂଆ ପଦକୁ ପ୍ରାପ୍ତ କରିବେ। ମହିଳା ମିତ୍ରଙ୍କ ଠାରୁ ସାବଧାନ ରହିବାକୁ ହେବ। ପରିବାରରେ କାହାଠାରୁ ସାହାଯ୍ୟ ନେବେ। କୌଣସି କାନୁନୀ ମାମଲାରେ ସମସ୍ୟା ସୃଷ୍ଟି ହୋଇପାରେ। ବିରୋଧୀଙ୍କ ଚାଲ୍ ବୁଝିବାକୁ ହେବ।

**ସିଂହ:** ଆଜି କ୍ୟାରିୟର୍‌ରେ ଖୁବ୍ ଉନ୍ନତି କରିବେ। ଖାଲି ସମୟ ବରବାଦ କରିବେ ନାହିଁ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ। ନିବେଶ ପାଇଁ କିଛି ଯୋଜନା ନେଇ ଆସିବେ। କିଛି ବଡ଼ ପରିବର୍ତ୍ତନ ଆସିପାରେ।

**କନ୍ୟା:** ପୂରା ସଚ୍ଚୋଟତାର ସହିତ କାମ କରିବେ। ସହଯୋଗୀ ପୂରା ସାଥ୍ ଦେବେ। ଜୀବନସାଥିର ପ୍ରମୋଶନ ହେବ। ଘରେ ପୂଜାପାଠର ଆୟୋଜନ କରିବେ। ବୁଡ଼ି ଯାଇଥିବା ଧନ ଫେରିପାଇବେ।

**ତୁଳା:** ମିଶ୍ରିତ ଭାବରେ ଦିନଟି ଫଳଦାୟକ ହେବ। ନିର୍ଣ୍ଣୟ ନେବାର କ୍ଷମତା ଭଲ ରହିବ। ଦେଖେଇହେବା ନୀତିରୁ ରକ୍ଷା ପାଇବେ। ପରିବାରରେ ଆସୁଥିବା ବାଧା ମିତ୍ରଙ୍କ ସାହାଯ୍ୟରେ ଦୂର ହେବ। ନୂଆ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ।

**ବିଛା:** ଦିନଟି ଚିନ୍ତାଗ୍ରସ୍ତ କରିବ। କୌଣସି ରିସ୍କ ନନେଲେ ଭଲ। ଘର କାମରେ ପୂରା ଧ୍ୟାନ ଦେବେ। ଲୋକଙ୍କ ଭାବନାକୁ ସମ୍ମାନ କରିବାକୁ ହେବ। କାର୍ଯ୍ୟକ୍ଷେତ୍ରରେ ନିଜକୁ ପ୍ରମାଣିତ କରିବେ। ବୟସ୍କମାନଙ୍କୁ ସମ୍ମାନିତ କରିବେ।

**ଧନୁ:** ଦିନଟି ଆପଣଙ୍କ ପାଇଁ ଖୁବ୍ ଭଲ। ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ବଜାୟ ରଖିବେ। ଶୁଣାକଥାରେ ଭରସା ନକଲେ ଭଲ। ଆଶୀର୍ବାଦ ଯୋଗୁ ଅଟକିଥିବା କାମ ପୂରା କରିବେ।

**ମକର:** ଆଜି ବିଶେଷ କିଛି କରି ଦେଖେଇବାର ଦିନ। ମନ ଚିନ୍ତିତ ରହିବ। ବିଦ୍ୟାର୍ଥୀଙ୍କୁ କିଛି ନୂଆ ଶିଖିବା ପାଇଁ ମିଳିବ। ମାର୍କେଟିଂରେ ମାନ-ସମ୍ମାନ ବୃଦ୍ଧି ହେବ। ଜୀବନସାଥିର ଭାବନାଗୁଡ଼ିକର ସମ୍ମାନ କରିବାକୁ ହେବ।

**କୁମ୍ଭ:** ଦିନଟି ମିଶ୍ରିତ ଫଳାଫଳ ଦେବ। ଶୀଘ୍ରତା ଯୋଗୁ କିଛି କାମ ନକରିଲେ ଭଲ। ବିଦ୍ୟାର୍ଥୀମାନଙ୍କୁ ସଫଳତା ମିଳିବ। ଯୋଜନା ସହିତ ଆଗକୁ ବଢ଼ିପାରନ୍ତି। ନୂଆ ସମସ୍ୟା ଦେଖାଦେଇପାରେ।

**ମୀନ:** ବ୍ୟବସାୟ ଓ ଆୟ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପଡ଼ିବ। ପାରିବାରିକ ସମ୍ପର୍କରେ ଏକଜୁଟତା ବଢ଼ିବ। ଜୀବନସାଥି ସହିତ ବାଦବିବାଦ ଦୂର ହେବ। ଭୋଳେନାଥଙ୍କୁ ପୂଜା କଲେ ଲାଭ ପାଇବେ।

## ଗୌରୀ ଦେବୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୨୫।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସରପୁର ଗ୍ରାମର ଗ୍ରାମଦେବତୀ ମା' ଗୌରୀ ଦେବୀ ପୀଠସ୍ଥଳୀରେ ତିନି ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ବହୁ ମହିଳାମାନେ ବିରୂପା ନଦୀ ଯଶୋରାଜପୁର ସିଦ୍ଧ ବଳଦେବ ଘାଟରୁ କଳସ ଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏଥିରେ କର୍ତ୍ତା ଭାବେ ହରେଶ ଖୁଣ୍ଟିଆ, କର୍ତ୍ତୀ ଭାବେ ଜୟନ୍ତୀ ମିଶ୍ର ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ପ୍ରମୋଦ ଶତପଥି ଓ ସାଥିଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସରପୁର ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆଜି ମହାଶିବରାତ୍ରୀ

# ଲଡୁବାବା ମନ୍ଦିର ଚଳଚଞ୍ଚଳ

**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ଶରଣକୁଳର ଲଡୁବାବା ମନ୍ଦିର ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ଠାକୁରଙ୍କ ମହାଶିବରାତ୍ରୀ (ଜାଗର) ଯାତ୍ରା ପ୍ରମୁଖ ପର୍ବ ହୋଇଥିବାରୁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହେବାର ଆଶଙ୍କା ରହିଛି।ଆଜି ସନ୍ଧ୍ୟାରୁ ମନ୍ଦିରରେ ଗହଳି ଚହଳି ପରିଲକ୍ଷିତ ହୋଇଥିବା ବେଳେ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଛନ୍ତି। ଭକ୍ତମାନଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯାଇଥିବା ବେଳେ ମନ୍ଦିର ଚତୁଃପାର୍ଶ୍ୱକୁ ସଫା କରାଯାଇଛି। ଏହା ସହିତ ଲୁହା ବ୍ୟାରିକେଡ଼ ଦେଇ ଭକ୍ତମାନେ ମନ୍ଦିରକୁ ଧାଡ଼ିରେ ଯିବା ଆସିବାର ବ୍ୟବସ୍ଥା କରାଯାଇଛି। ନୟାଗଡ଼ରୁ ଆସୁଥିବା ଯାତ୍ରୀମାନେ ହାଟ ପଡ଼ିଆରେ ପାର୍କିଂ କରିବାର ବ୍ୟବସ୍ଥା ଥିବା ବେଳେ ଚାରି ଚକିଆ ଯାନ କିମ୍ବା ବାଇକ୍ ଦରପଦା ରାସ୍ତା ଦେଇ ଓଡ଼ଗାଁରେ ବାହାରିବାକୁ ପୁଲିସ ଓ ଦେବୋତର ବିଭାଗ ପକ୍ଷରୁ କୁହାଯାଇଛି।ସେହିପରି ଗଞ୍ଜାମ କିମ୍ବା ଓଡ଼ଗାଁରୁ ଯାଉଥିବା ଭକ୍ତମାନଙ୍କ ପାଇଁ ନାରାୟଣ ହାଇସ୍କୁଲ ପଡ଼ିଆରେ ପାର୍କିଂର ବ୍ୟବସ୍ଥା କରାଯାଇଛି। ରାତ୍ର ୧୨ ଘଣ୍ଟାରୁ ମନ୍ଦିର ପହୁଡ଼ ଖୋଲିବା ପରେ ଠାକୁରଙ୍କ ନୀତିକାନ୍ତି ପରେ ଭକ୍ତମାନେ ଦର୍ଶନ କରିପାରିବେ। ଏହା ସହିତ ମନ୍ଦିର ପୋଖରୀ ଓ ମନ୍ଦିର ସମ୍ମୁଖରେ ଜାଗର ଦୀପ ଜାଳିବାର ବ୍ୟବସ୍ଥା ହୋଇଛି। ଦୀପ ଜାଳିବା ସମୟରେ ଶାଢୀ କିମ୍ବା ଡ୍ରେସରେ ଯେପରି ନିଆଁ ନ ଲାଗେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସତର୍କତା କରାଯାଇଛି। ଯଦି କିଛି ଅଘଟଣ ଘଟେ ତେବେ ସୂଚନା କେନ୍ଦ୍ରରେ ଜଣାଇବାକୁ କୁହାଯାଇଛି। ମହାଶିବରାତ୍ରୀ



(ଜାଗର) ଯାତ୍ରା ମହାଦୀପ ରାତି ୧୨ଟାରେ ଉଠିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମ ହେବ ବୋଲି କୁହାଯାଉଛି।ଏଥିପାଇଁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଯଦି କୌଣସି ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରେ ସେଥିପାଇଁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ କହିଛନ୍ତି। ସମସ୍ତ ଭକ୍ତ କିପରି ଶାନ୍ତିଶୃଙ୍ଖଳାର ସହିତ ଦୀପଜାଳି ଘରକୁ ଫେରିବେ ସେଥିପାଇଁ ପୁଲିସ ପକ୍ଷରୁ ନଜର ରଖାଯାଇଥିବା ଜଣାପଡ଼ିଛି।

# ଓଡ଼ଗାଁ ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ

**ଓଡ଼ଗାଁ,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ପଞ୍ଚାୟତ ସମିତିର ୮ମ ସାଧାରଣ ଅଧିବେଶନ ବ୍ଲକ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ଗାଁ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ, ପୁରୀ ସାଂସଦଙ୍କ ପ୍ରତିନିଧି କବିସୂର୍ଯ୍ୟ ନଗରରୁ ବିଶ୍ୱଜିତ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଚିନ୍ମୟୀ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଅନ୍ୟ ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଆଗାମୀ ଶିକ୍ଷାବର୍ଷରୁ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା କକ୍ଷରେ ୫ବର୍ଷର ଶିଶୁମାନେ ପ୍ରବେଶ କରିବେ। ବୟସ ୬+ ହେଲେ ଯାଇ ସେମାନେ ପ୍ରଥମ ଶ୍ରେଣୀରେ ଆଡମିଶନ୍ କରିବେ ବୋଲି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଗିତାଞ୍ଜଳୀ ସାହୁ ସଭାରେ ସୂଚନା ପ୍ରଦାନ କରିଥିଲେ। ସେଥିପାଇଁ ବର୍ତ୍ତମାନ ଠାରୁ ଭିତ୍ତିଭୂମି ପ୍ରସ୍ତୁତ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଏହି ବ୍ଲକରେ ୨୩୦ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ ମଧ୍ୟରୁ ୧୨୧ କେନ୍ଦ୍ର ନିଜସ୍ୱ କୋଠାଘରେ ଚାଲିଥିବାବେଳେ ୧୦୯ କେନ୍ଦ୍ର ବିଭିନ୍ନ ବିଦ୍ୟାଳୟ ଏବଂ ୪୪ କେନ୍ଦ୍ର ଗ୍ରାମ କୋଠଘରେ ଚାଲିଛି। ବର୍ତ୍ତମାନ ୬୫ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ୪୫ କେନ୍ଦ୍ର ପାଇଁ ଏପର୍ଯ୍ୟନ୍ତ ଅର୍ଥ ବ୍ୟବସ୍ଥା ହୋଇନାହିଁ ବୋଲି ବ୍ଲକ ଶିଶୁ



ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ ତଥ୍ୟ ଉପସ୍ଥାପନା ଉପରେ ଆଲୋଚନା କରାଯାଇ ଆବଶ୍ୟକ ପଡ଼ିଲେ ପଞ୍ଚାୟତ ଅର୍ଥ ବ୍ୟୟ କରି କେନ୍ଦ୍ର ନିର୍ମାଣରେ ସହଯୋଗ କରିବାକୁ ପ୍ରସ୍ତାବ ଆସିଥିଲା। ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ଯୁଦ୍ଧ କାଳିନ ଭିତରେ ନଳକୂପ ମରାମତ କରିବା ସହିତ ଆବଶ୍ୟକ ପଡ଼ିଲେ ନୂଆ ନଳକୂପ ଖନନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।ଗୋଟିଏ ଗାଈ କିମ୍ବା ମଇଁଷି ପାଇଁ ୯୦ହଜାର ଲେଖାଏଁ ୨ଟି ଗାଈ କିମ୍ବା ମଇଁଷି କିଣିବା ପାଇଁ ୧ଲକ୍ଷ ୮୦ ହଜାର ଟଙ୍କାରୁ ସରକାର ୧ଲକ୍ଷ ୬୧ହଜାର ଟଙ୍କା ରିହାତି ପ୍ରଦାନ କରୁଛନ୍ତି ଏବଂ ଘାସ ଚାଷ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଯୋଗ୍ୟ ହିତାଧିକାରୀ ଏହାର ଲାଭ ଉଠାଇପାରିବେ ବୋଲି, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ କହିଥିଲେ। ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବୀମା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଓଡ଼ଗାଁ ବ୍ଲକର ଶରଣକୁଳ, ଗୋଡ଼ିପଡା ଏବଂ ଦର୍ପନାରାୟଣପୁରକୁ ନେଇ ନୂଆ ବ୍ଲକ୍ ଗଠନ କରିବାକୁ ଜନପ୍ରତିନିଧିଙ୍କ ମଧ୍ୟରେ ତର୍କ ବିତର୍କ ହୋଇଥିଲା ବେଳେ ଗୃହ କିଛି ସମୟ ସରଗରମ ରହିଥିବାରୁ ଅଧ୍ୟକ୍ଷ ହସ୍ତକ୍ଷେପ କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି।

# ଚଳଚଞ୍ଚଳ ଲକ୍ଷେଶ୍ୱର ପୀଠ



**ବାଲିଅନ୍ତା,୨୫।୨/ଏନ୍‌ଏନ୍‌ଏସ୍:** ବୁଧବାର ପବିତ୍ର ଶିବରାତ୍ରୀ ତଥା ଜାଗର ଯାତ୍ରା ପାଇଁ ନଖରାସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଲକ୍ଷେଶ୍ୱର ମହାଦେବ ପୀଠ ଚଳଚଞ୍ଚଳ ହୋଇଉଠିଛି। ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ସହାୟତାରେ ପୀଠ ପରିସରକୁ ସଫେଇ କରାଯିବା ସହ ପାନୀୟ ଜଳ ଓ ନିରବଛିନ୍ନ ବିଦ୍ୟୁତ ସରବରାହ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଏତଦ ସହିତ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସକାଶେ ବ୍ୟାରିକେଡ଼ ନିର୍ମାଣ ସହିତ ମନ୍ଦିରକୁ ରଙ୍ଗ ଓ ରଙ୍ଗୀନ ଆଲୋକମାଳାରେ ସିତ କରାଯାଇଛି। ଏହି ଉପଲକ୍ଷେ ଠାକୁରଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ୨୬ତାରିଖ ବୁଧବାର ଭୋର ୪ଟାରେ ମନ୍ଦିର ଦ୍ୱାର ଖୋଲା, ୫ଟାରେ ସ୍ନାନ, ୫.୩୦ରେ ଆଳତି ଓ ବାଲଧୂପ, ୬ଟାରେ ସାଧାରଣ ଭକ୍ତଙ୍କ ଦର୍ଶନ, ୧.୩୦ରେ ଶଙ୍ଖୁଡ଼ି ଭୋଗ, ଅପରାହ୍ନ ୪ଟାରେ ବଡ଼ସିଂହାର ବେଶ ଓ ଭୋଗଲାଗି, ୪.୩୦ରେ ଦର୍ଶନ, ୬ଟାରେ ସନ୍ଧ୍ୟା ଆଳତି, ୭ଟାରେ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ତରଫରୁ ଭଜନ ସମାରୋହ, ରାତି ୧୦ଟାରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ୧୧ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବବୋଲି ବୋର୍ଡ଼ କାର୍ଯ୍ୟକର୍ତ୍ତାଙ୍କଠାରୁ ସୂଚନା ମିଳିଛି।

**ଟାଙ୍ଗୀ ଓ ଚୌଦ୍ୱାର ପୁଲିସ୍‌କୁ ଲୁଟେରାଙ୍କ ଖୋଲା ଚାଲେଞ୍ଜ**

# ଗୋଟିଏ ରାତିରେ ୪ ଘରୁ ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ଚୋରି

**ଟାଙ୍ଗୀ,୨୫।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଓ ଚୌଦ୍ୱାର ପୁଲିସକୁ ଖୋଲା ଚାଲେଞ୍ଜ କରି ଗୋଟିଏ ରାତିରେ ଚାରିଜଣଙ୍କ ଘରୁ କଳାକନା ବୁଲାଇଲା ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଏଭଳି ଘଟଣା ଘଟିଛି ଟାଙ୍ଗୀ ଓ ଚୌଦ୍ୱାର ଥାନା ଅଞ୍ଚଳରେ। ସୂଚନା ଅନୁଯାୟୀ ଟାଙ୍ଗୀ ଥାନା ଶାଳଗାଁ ପଞ୍ଚାୟତର ନାଣ୍ଟୁଆ ଗ୍ରାମର ଦୁଇଜଣଙ୍କ ଘରୁ ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଚୋରି ହୋଇଛି। ଅନୁରୂପ ଭାବେ ଚୌଦ୍ୱାର ଥାନା ଅଞ୍ଚଳର ଶାଳଗାଁ ପଞ୍ଚାୟତରେ ମଧ୍ୟ ଦୁଇଜଣଙ୍କ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘର ଭିତରେ ଚୋର ମାନେ ପଶିବା ସହିତ ଘର ଭିତରେ ସୋଇଥିବା ରୁମ୍ ବାହାରୁ ତାଲା ପକାଇ ଗୋଟିଏ ବଖରା ଘର ତାଲା ଭାଙ୍ଗି ଘର ଭିତରୁ ଆଲମୀରା, ଆଟାଚ୍ ଓ ଟ୍ରଙ୍କ ତାଡି ଚୋରି କରିଥିବା ଦେଖିବାକୁ ମିଳିଛି। ଏମିତିକି ଚୋର ମାନେ ଚୋରି କରି ସାରିବା ପରେ ମଦପିଇ ବୋତଲ ପକାଇ ଚାଲି ଯାଇଥିବା ଭଳି ଘଟଣା ଅଞ୍ଚଳରେ ଖୁବ୍ ଚର୍ଚ୍ଚା ହେଉଛି। ଚୋରି ହୋଇଥିବା ନେଇ ପଳାସିଆ ଗ୍ରାମର କାହ୍ନୁ ଚରଣ ସାହୁ, ପ୍ରଧାନିଆ ଗ୍ରାମର ସନାତନ ବିଶ୍ୱାଳ ଚୌଦ୍ୱାର ଥାନାରେ ଓ ନାଣ୍ଟୁଆ ଗ୍ରାମର ସବିତା ପ୍ରଧାନ ଓ ନରହରି ରାଉତ ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଟାଙ୍ଗୀ ଓ ଚୌଦ୍ୱାର ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଥିବା ବେଳେ କିଏ ଲୁଟେରା ମାନଙ୍କୁ କାବୁ କରିବାରେ ସଫଳ ହେଉଛି ଦେଖିବାକୁ ବାକି ରହିଲା।

# ସମାଜସେବୀଙ୍କ ବିରୋଧ ସତ୍ତ୍ୱେ ଖୋଲିଲା ମଦଦୋକାନ

**କିଶନନଗର,୨୫।୨/ଏନ୍‌ଏନ୍‌ଏସ୍:** କିଛି ଆତ୍ମଘୋଷିତ ସାମ୍ବାଦିକ ଏବଂ ପଞ୍ଚାୟତସ୍ତରୀୟ ରାଜନେତାଙ୍କ ସଲାସୁତୁରା ଯୋଗୁ ହାରିଗଲେ ସମାଜସେବୀ ଆଉ ଜିତିଲା ମଦବେପାରୀ। କଟକ ସଦର ବ୍ଲକ କିଶୋରନଗରର ପ୍ରଥମ ରାଜବନ୍ଦୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜନ୍ମ ମାଟିରେ ଖୋଲିଲା ସରକାରୀ ବିଦେଶୀ ମଦ ଦୋକାନ। ଘଟଣାରୁ ପ୍ରକାଶ ପୂର୍ବ ବିଜେଡି ସରକାର ସମୟରେ ସ୍ୱର୍ଗତ ବୋଷଙ୍କ ଜନ୍ମ ମାଟିରେ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ତୁମୁଳକାଣ୍ଡ ଘଟିଥିଲା ଓ ପରବର୍ତ୍ତୀ ଅବସ୍ଥାରେ ବିଜେଡି ସରକାର କିଶନନଗର ଜନତାଙ୍କ ସ୍ୱରକୁ ଚାପି ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରିଥିଲେ। ସରକାରୀ ବିଦେଶୀ ଦୋକାନକୁ ରିନୂଆଲ କରିବାକୁ ଦିଆ ଯିବ ନାହିଁ ବୋଲି ଆନ୍ଦୋଳନ କରୁଥିବା ସମାଜ ସେବୀ ଜନସାଧାରଣଙ୍କୁ ତଥାକଥିତ ସ୍ଥାନୀୟ ରାଜନେତା ଆଶ୍ୱାସନା ଦେଇଥିଲେ। ଯାହାଫଳରେ ବିଦେଶୀ ମଦ ଦୋକାନ ଖୋଲି ଥିଲା; ପରବର୍ତ୍ତୀ ଅବସ୍ଥାରେ ରିନୂଆଲ ପୁନର୍ବାର ନ ମିଳିବାରୁ ସରକାରୀ ବିଦେଶୀ ମଦ ଦୋକାନ ବନ୍ଦ ହୋଇ ରହିଥିଲା। ଏହି ସମୟ ଭିତରେ ଓଡ଼ିଶାର ରାଜନିତୀ ର ପଟ୍ଟ ପରିବର୍ତ୍ତନ ହେଲା, ଅନୁରୂପ ଭାବେ କଟକ ସଦର ରାଜନୀତି ରେ ପରିବର୍ତ୍ତନ ଘଟିଲା, କଟକ ସଦର ମାଟିର ପୁଅ ବିଜୟୀ ହେଲା। କିନ୍ତୁ ରିନୂଆଲ ନ ମିଳିବାରୁ ମଦ ଦୋକାନ ବନ୍ଦ ଥିଲା। ହଠାତ କିଶନନଗରର ଜନସାଧାରଣ ଜାଣିବାକୁ ପାଇଲେ ପୁନର୍ବାର ସରକାରୀ ବିଦେଶୀ ମଦଦୋକାନ ଖୋଲିବାକୁ ଯାଉଛି। କିଶନନଗରର ବୁଦ୍ଧିଜୀବୀ ଏବଂ ସମାଜସେବୀମାନେ ମଦଦୋକାନ ଖୋଲାଯିବାକୁ ବିରୋଧ କରି କିଶନନଗର ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ର ଟେବୁଲ ତଳେ ଦବି ରହିଗଲା, ଆଉ ବିଦେଶୀ ମଦ ଦୋକାନ କିଶନନଗରରେ ଖୋଲିଲା। ବୁଦ୍ଧିଜୀବୀମାନଙ୍କ ମନରେ ପ୍ରଶ୍ନ ଉଠୁଛି ଗ୍ରାମସଭା କି ପଲ୍ଲୀସଭା ନ କରି ରିନୁଆଲ ହେଲା କିପରି। ଅନ୍ୟପଟେ ଯେଉଁ ଆତ୍ମଘୋଷିତ ସାମ୍ବାଦିକ ସମାଜସେବୀଙ୍କ ସାଥିରେ ଥିଲେ ମଦଦୋକାନ ଖୋଲା ହେଲା ପରେ ଏବେ କେଉଁଠି ଓ କେଉଁ କାରଣ ପାଇଁ ପଳାୟନ ପନ୍ଥୀ ସାଜିଲେ କିଶନନଗର ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠୁଛି। ଅପରପକ୍ଷେ ତୁଣ୍ଡ ଖୋଲିଲେ ବୟସ୍କ ମୁରବୀ ଶ୍ରେଣୀର ସାମାଜିକ କର୍ମୀମାନଙ୍କୁ ପ୍ରାଣଘାତକ ଧମକ ମଦବେପାରୀଙ୍କ ପକ୍ଷରୁ ଦିଆଯାଇ ଚୁପ୍ କରାଯାଇଉଥିବା ଜଣାଯାଇଛି।

## ହରିପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୟାଗଡ଼,୨୫।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ହରିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉଷାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବ୍ରହ୍ମାନନ୍ଦ ରଥ ଯୋଗଦାନ କରି ପିଲାମାନଙ୍କୁ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସୁଚିନ୍ତିତ ଉପଦେଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ଶେଖ ଅବଦୁଲ୍ ଖାଲିକ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଲକ୍ଷ୍ମୀଧର ସାହୁ, ଅଶୋକ ମଲ୍ଲ, ପ୍ରଫୁଲ୍ଲ ମହାପାତ୍ର,କୃଷ୍ଣଚନ୍ଦ୍ର ପଣ୍ଡା,ସୈଫୁଦ୍ଦିନ ଅହମଦ ପ୍ରମୁଖ ଯୋଗଦାନ କରି ପିଲାମାନଙ୍କୁ ଭଲ ମଣିଷ ହୋଇ ଦେଶର ସେବା କରିବା ପାଇଁ ବିଭିନ୍ନ ଉପଦେଶ ମାଧ୍ୟମରେ ବୁଝାଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିବା ବେଳେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଲଡୁକିଶୋର ପୃଷ୍ଟି ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ଜୀବନଜ୍ୟୋତି ହୋତା ଧନ୍ୟବାଦ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ସଦାନନ୍ଦ ପାତ୍ର, ଶିକ୍ଷୟିତ୍ରୀ ଅନୱାରୀ ବେଗମ, ବାଳକୃଷ୍ଣ ରଥ, ରଶ୍ମିତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୮୧ ଅଭିଯୋଗ

**ଆଠଗଡ଼,୨୫।୨/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୮୧ ଗୋଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୬୭ଗୋଟି ଏବଂ ସାମୂହିକ ୧୪ ଗୋଟି ଅଭିଯୋଗ ଥିଲା। ଅଭିଯୋଗ ସ୍ଥଳରେ ମୋଟ ୨୪ଗୋଟି ତତ୍କାଳୀନ ସମାଧାନ କରାଯାଇଛି। ଏହାସହିତ ହୋଇପାରୁନି ହାଉସିଂବୋର୍ଡ କଲୋନୀ ଅଧିବାସୀଙ୍କର ଥିବା ଦୀର୍ଘଦିନର, ମୌଳିକ ସମସ୍ୟା। ୮୦ଦଶକରେ ଗଢ଼ା ହୋଇଥିବା ହାଉସିଂବୋର୍ଡ କଲୋନୀରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିଲେ ମଧ ଅଦ୍ୟାବଧି କଲୋନୀରେ ଥିବା ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି କଲୋନୀର



ଅଧିବାସୀ। ବିଶେଷକରି କଲୋନୀର ରାସ୍ତା, ଡ୍ରେନ, ପାନୀୟ ଜଳ, ନିଜ ନିଜ ଘର ମାଲିକାନା ସତ୍ତ୍ୱ ପ୍ରଭୃତି ପାଇବାରୁ ବଞ୍ଚିତ ଅଛନ୍ତି। ଏହାକୁ ନେଇ ଅଧିବାସୀମାନଙ୍କ ପକ୍ଷରୁ କଲୋନୀ ଉନ୍ନୟନ ପରିଷଦର ସଭାପତି ଅନାଦି କରଣ ସ୍ୱାଇଁଙ୍କ ଅଧ୍ୟକ୍ଷତରେ ଏକ ଦଳ ବାରମ୍ବାର ସରପଞ୍ଚଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ ଏବଂ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କଲେ ବି କିଛି ସୁଫଳ ମିଳିପରି ନାହିଁ। ତଥାପି କଲୋନୀର ଉନ୍ନତି ପାଇଁ କେଷ୍ଟା ଜାରୀ ରହିଥିବା ସବାପତି ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଅଜିତ ବୈଠକରେ କମିଟି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ସମସ୍ତ ତଥ୍ୟ କହିଥିଲେ, ଯାହାକି ନିର୍ଦ୍ଦେଶକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେବାରେ ବିଡିଓଙ୍କ ଦାୟିତ୍ୱରେ ଥିବା ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ସମସ୍ତ ତଥ୍ୟ ଦୃଷ୍ଟିକୁନେଇ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ସମାଧାନର ସୂତ୍ର ବାହାରିବା ଆଶାରେ ଅଧିବାସୀ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ରେଡ଼କ୍ରସ ରିଲିଫ ଫାଣ୍ଡିରୁ ସାହାଯ୍ୟ ନିମିତ୍ତ ମୋଟ ୪ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ନିମିତ୍ତ ମୋଟ ୪ଗୋଟି ଅଭିଯୋଗ ମଧ୍ୟ ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଦୁଇଜଣଙ୍କୁ ତିନି ଚକିଆ ସାଇକେଲ ଏବଂ ଜଣଙ୍କୁ ଏକ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଆଠଗଡ଼ ପ୍ରହ୍ଲାଦ ନାରାୟଣ ଶର୍ମା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚକ୍ଷୁ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ଡେଲାଙ୍ଗ,୨୫।୨/ଏନ୍‌ଏନ୍‌ଏସ୍:** ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସନ୍ନିକଟ ରେଞ୍ଚ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡେଲାଙ୍ଗ ବ୍ଲକର ୧୬୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ସମଗ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏବିଇଓ ସୁଷମା ଦାଶ ଉଦଘାଟନ କରିଥିବା ବେଳେ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ସଠିକ୍ ଉପାୟରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଆନୁକୂଲ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡ. ଶୁଭ୍ରକାଳୀ ପରମଗୁରୁ, ଆଖି ବିଭାଗର ଶୁଭାଶିଷ ବିଶ୍ୱାଳ ଯୋଗଦେଇ ଇଚାର୍ଟ ମାଧ୍ୟମରେ ୬ମିଟର ଦୂରତାରୁ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତି ପରୀକ୍ଷାର ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧ମରୁ ୧୦ମ ଶ୍ରେଣୀର ଦୃଷ୍ଟିଶକ୍ତି ଦୁର୍ବଳ ପିଲାମାନଙ୍କୁ ଚିହ୍ନଟ ପରେ ବ୍ଲକ୍ ସ୍ତରୀୟ ଶିବିରରେ ଚକ୍ଷୁ ପରୀକ୍ଷା କରାଯାଇ ଜିଲ୍ଲାସ୍ତରରୁ ଆଖିର ଯତ୍ନ ସମ୍ବନ୍ଧୀୟ ଉପଯୁକ୍ତ ଚଷମା, ଔଷଧ ଯୋଗାଇଦିଆଯିବ ବୋଲି ଡାକ୍ତର ଶ୍ରୀମତୀ ପରମଗୁରୁ ଓ ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ଏଥିରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ବୈଦେହୀ ପାଣି, ତିଲୋତ୍ତମା ସୁନ୍ଦରାୟ, ସ୍ୱପ୍ନାରାଣୀ ପାଟ୍ଟଯୋଶୀ, ରାସବିହାରୀ ପ୍ରଧାନ, ସିଆରସିସି ପବିତ୍ର ପଣ୍ଡା, କୈଳାସ ସ୍ୱାଇଁ, ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଘରେ କେହି ନଥିବା ବେଳେ ଚୋରି

**ମୁଣ୍ଡମୁହାଣ,୨୫।୨/ଏନ୍‌ଏନ୍‌ଏସ୍:** ଇନ୍‌ଫୋଭ୍ୟାଲି ଥାନା ବଡ଼ରଘୁନାଥପୁର ଅଞ୍ଚଳରୁ ଘରେ କେହି ନଥିବା ବେଳେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ପ୍ରସାଦ ପାତ୍ର। ସୂଚନା ଅନୁସାରେ ପ୍ରସାଦ ବଡ଼ରଘୁନାଥପୁର ଗ୍ରାମରେ ଭଡାରେ ରୁହନ୍ତି। ଘରେ ତାଙ୍କ ସ୍ତ୍ରୀ ଓ ଭଉଣୀ ଥିଲେ। କିନ୍ତୁ ଗତ ୨୧ ତାରିଖ ଦିନ ତାଙ୍କ ସ୍ତ୍ରୀ ଓ ଭଉଣୀ କୌଣସି କାମରେ ଘର ତାଲା ପକାଇ ତାଙ୍କ ଗାଁକୁ ଚାଲି ଯାଇଥିଲେ। ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ଗ୍ରିଲ୍ ତାଡି ପଶିଥିଲେ। ଗଡ୍‌ରେଜ ଆଲମିରା ଲକର ଭାଙ୍ଗି ନଗଦ ୧୫ହଜାର ଟଙ୍କା ଓ ଏକ ଦାମି କ୍ୟାମେରା ନେଇ ଚମ୍ପଟ ମାରିଥିଲେ। ପ୍ରସାଦ ବିଦେଶରୁ ଫେରି ଘର ଚାବି ଖୋଲିଲା ବେଳକୁ ଝରକା ଗ୍ରିଲ ତାଡିବା ସହ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଇନ୍‌ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଆମ ସଂସ୍କୃତି ଆମ ଖେଳନା କର୍ମଶାଳା

**ବଳଙ୍ଗା,୨୫।୨/ଏନ୍‌ଏନ୍‌ଏସ୍:** ବଳଙ୍ଗା ନିକଟସ୍ଥ କୋଟକୁସାଙ୍ଗ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାଶ, ପ୍ରାକ୍ତନ ଶିକ୍ଷକ ସ୍ୱର୍ଯ୍ୟମଣୀ ଷଡଙ୍ଗୀ, ଧନୁଆ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରେଣୁକା ଚମ୍ପତି, ସମାଜସେବୀ ସୁକାନ୍ତ କୁମାର ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତି ପରମ୍ପରା, ରୀତିନୀତି ଏ ସବୁ ହେଉଛି ପ୍ରତ୍ୟେକ ସମାଜର ଅମୂଲ୍ୟ ସମ୍ପଦ। କର୍ମଶାଳାରେ ପୂର୍ବ କାଳରେ କିଭଳି ଖେଳନା ସହ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରାଯାଉଥିଲା ସେଗୁଡିକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀମାନେ ନିଜେ ପ୍ରସ୍ତୁତ କରି ସ୍ଥାନ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗୌରୀମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ୍**

# ଢେଙ୍କାନାଳର ପପୁଲାର୍ କ୍ଲବ୍ ବିଜୟୀ

**ଖଣ୍ଡପଡ଼ା,୨୫।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଦିବସ ମ୍ୟାଚ୍‌ରେ ଢେଙ୍କାନାଳର ପପୁଲାର କ୍ଲବ୍ ୭-୬ ସଡ଼ନ୍‌ଡ଼େଥ୍ ଗୋଲରେ ଖଣ୍ଡପଡ଼ା ସ୍ପୋର୍ଟସ୍ ଆସୋସିଏସନ୍ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି। ଆଜିର ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଉଭୟ ଟିମ୍ ପରସ୍ପରକୁ ୨ଟି ଲେଖାଏଁ ଗୋଲ୍ ଦେବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ପ୍ରଥମ ୫ଟି ସୁଯୋଗରେ ଉଭୟ ଦଳର ସ୍ଥିତି ବରାବର ରହିବାରୁ ପରବର୍ତ୍ତୀ ସମୟରେ ସଡ଼ନ୍‌ଡ଼େଥ୍ ପ୍ରକ୍ରିୟାରେ ଢେଙ୍କାଳନ ଟିମ୍ ବିଜୟୀ ହୋଇଥିବା ଜଣାଯାଇଛି। ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ପ୍ରଫୁଲ୍ଲ ବେହେରା ଓ ପ୍ରସନ୍ନ ନାୟକ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାଶ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ। ବିଶିଷ୍ଟ ଅତିଥି ରୂପେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନୀତ ଅତିଥି



ରୂପେ ବରିଷ୍ଠ ଡ଼ାକ୍ତର ପ୍ରଦୀପ କୁମାର ପାଇକରାୟ, ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ପଣ୍ଡିତ ମନୋଜ କୁମାର ଦାଶ ଓ ଯୁବ ସମାଜସେବୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଖଣ୍ଡପଡ଼ା ସହର ଓ ଆଖପାଖ ଅଂଚଳରୁ ୨ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଷ୍ଟାଡ଼ିୟମ୍ ପରିସରରେ ଉପସ୍ଥିତ ରହି ମ୍ୟାଚ୍‌କୁ ଉପଭୋଗ କରିଥିଲେ। ଆସନ୍ତାକାଲି ବୁଧବାର କଟକ ରକ୍ଷ୍ଟାର କ୍ଲବ୍ ଓ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଖଣ୍ଡପଡ଼ା ସ୍ପୋର୍ଟସ୍ ଆସୋସିଏସନ୍‌ର ବରିଷ୍ଠ କ୍ରିଡ଼ାବିତ୍ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ।

## କଣିଆରେ ଜିଲ୍ଲାସ୍ତରୀୟ ବାଦୀପାଲା ମହୋତ୍ସବ

**ଅସ୍ତରଙ୍ଗ,୨୫।୨/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ବାଙ୍ଗୁରୀଗାଁ ଗ୍ରାମ ପଞ୍ଚାୟତ କଣିଆ ଗ୍ରାମର ଲୋକନାଥଙ୍କ ପୀଠରେ ପବିତ୍ର ଜାଗର ଉତ୍ସବ ଧୂମଧାମରେ ପାଳନ ହେବା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ଠାରୁ ଏହି ପୀଠରେ ୫୪ତମ ବାର୍ଷିକ ଜିଲ୍ଲାସ୍ତରୀୟ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେବ। ଉତ୍କଳୀୟ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା କଣିଆ ଗ୍ରାମବାସୀ ପ୍ରତ୍ୟକ ବର୍ଷ ଏକାଠି ହୋଇ ବାଦୀପାଲା ଆୟୋଜନ କରିଆସୁଛନ୍ତି। ଏହି ବାଦୀ ପାଲା ୫ଦିନ ଧରି ଅନୁଷ୍ଠିତ ହେବ ବୋଲି ଲୋକନାଥ ଜାଗର ମଞ୍ଚର ସଭ୍ୟ ଚିତ୍ରସେନ ନାୟକ ସୂଚନା ଦେଇଛନ୍ତି। ଚଳିତବର୍ଷ ଅନୁଗୁଳ ଜିଲ୍ଲା ନାଲ୍‌କୋନଗର ଗିରାଙ୍ଗ ଗ୍ରାମର ଗାୟକ ଛାନ୍ଦ ମାନସ ରଞ୍ଜନ କର ଓ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ସୁନାରି ଶାସନର ଗାୟକ ବ୍ୟାସ ପୁତ୍ର ଚନ୍ଦ୍ରଶେଖର ପାଢ଼ୀ ପାଲା ପରିବେଷଣ କରିବେ।

# କଣାସ ବ୍ଲକ୍‌ରେ ନୂତନ ବିଡିଓ

**କଣାସ,୨୫।୨/ଏନ୍‌ଏନ୍‌ଏସ୍:** କଣାସ ବ୍ଲକ ପୂର୍ବତନ ବିଡିଓ ନାରାୟଣ ସାହୁଙ୍କର ବାଲେଶ୍ୱର ଜିଲ୍ଲା ଖଇରିଆ ବ୍ଲକକୁ ବିଡିଓ ଭାବେ ବଦଳି ହେବାରୁ କଣାସ ବ୍ଲକ ବିଡିଓ ପଦବୀ କିଛିଦିନ ହେଲା ଖାଲି ପଡିଥିଲା। ସୋନପୁର ବ୍ଲକରେ କାର୍ଯ୍ୟ କରୁଥିବା ସୌମ୍ୟରଞ୍ଜନ ସ୍ୱାଇଁ କଣାସ ବ୍ଲକ ବିଡିଓ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବିଡିଓ ଦାୟିତ୍ୱରେ ଥିବା କଣାସ ତହସିଲଦାର ହିମାଂଶୁ ଶେଖର ଗିରି ତାଙ୍କୁ ପ୍ରଦାନ କରିଥିଲେ। ବ୍ଲକର କର୍ମଚାରୀମାନେ ଓ କେତେକ ଲୋକପ୍ରତିନିଧିମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା କିପରି ଅସହାୟ ଓ ଗରିବ ଲୋକମାନେ ପାଇପାରିବେ ସେଥିପାଇଁ ପ୍ରଥମେ ମୁଁ ଚେଷ୍ଟା କରିବି ବୋଲି କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଡିଓ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ।

ଡବ୍ଲ୍ୟୁପିଏଲ୍: ଜେସ୍ ଜୋନାସେନ୍‌ଙ୍କ ଅର୍ଦ୍ଧଶତକ

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

**ବେଙ୍ଗାଲୁରୁ,୨୫।୨/ଏଜେନ୍ସି:** ଚଳିତ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୦ମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ଓ୍ୱିକେଟ୍‌ରେ ଗୁଜରାଟ ଜାଏଣ୍ଟସକୁ ହରାଇ ଦେଇଛି। ବେଙ୍ଗାଲୁରୁରେ ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧୨୮ ରନ୍‌ର ଲକ୍ଷ୍ୟକୁ ୧୫.୧ ଓଭର୍‌ରେ ହାସଲ କରିନେଇଛି। ଏହି ବିଜୟ ସହିତ ଦିଲ୍ଲୀ ପଏଣ୍ଟ ଟେବଲ୍ ଶୀର୍ଷରେ ପହଞ୍ଚିଛି। ଟିମ୍ ୫ ମ୍ୟାଚ୍‌ରୁ ୩ଟିରେ ବିଜୟ ହାସଲ କରିଛି। ମଙ୍ଗଳବାର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଭାରତୀ ଫୁଲମାଲାଙ୍କ ୪୦ ରନ୍ ବଳଦରେ ୯ ଓ୍ୱିକେଟ୍ ହରାଇ ୧୨୭ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଶିଖା ପଣ୍ଡେ, ମାରିଜାନ୍ କେପ୍ ଓ ଆନ୍ନାବେଲ୍ ସଦରଲାଣ୍ଡ ୨-୨ ଓ୍ୱିକେଟ୍ ନେଇଥିଲେ। ଜବାବରେ ଜେସ୍ ଜୋନାସେନ୍‌ଙ୍କ ଅପରାଜିତ ୬୧ ରନ୍ ଦମ୍‌ରେ ଦିଲ୍ଲୀ ୪ ଓ୍ୱିକେଟ୍ ହରାଇ ୧୩୧ ରନ୍ କରିଥିଲା।



ଗୁଜରାଟ ଜାଏଣ୍ଟ୍‌ସ ୬ ଓ୍ୱିକେଟ୍‌ରେ ପରାଜିତ

ଲକ୍ଷ୍ୟର ପିଛା କରୁଥିବା ଦିଲ୍ଲୀକୁ କ୍ୟାପ୍‌ଟେନ୍ ମେଗ୍ ଲାନିଙ୍ଗ୍ (୩)ଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା। କାଶ୍ୱିଭି ଗୌତମ ତାଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଏହାପରେ ଶେଫାଳୀ ବର୍ମା ଓ ଜେସ୍ ଜୋନାସେନ୍ ଦ୍ୱିତୀୟ ଓ୍ୱିକେଟ୍ ପାଇଁ ୭୪ ରନ୍‌ର ଭାଗୀଦାରି କରି ଟିମ୍‌ର ବିଜୟ ନିଶ୍ଚିତ କରିଥିଲେ। ଶେଫାଳୀ ୪୪ ରନ୍ କରିଥିବା ବେଳେ ଆସ୍‌ଲେ ଗାର୍ଡନରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ ଜୋନାସେନ୍ ୩୨ ବଲ୍‌ରେ ୯ ଚୌକା ଓ ୨ଟି ଛକା ସହାୟତାରେ ଅପରାଜିତ ୬୧ ରନ୍ କରି ଟିମ୍‌କୁ ବିଜୟୀ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରଡ୍ରିଗ୍ସ ୫, ଆନ୍ନାବେଲ୍ ସଦରଲାଣ୍ଡ ୧ ଓ ମାରିଜାନେ କେପ୍ ଅପରାଜିତ ୯ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ କାଶ୍ୱିଭି ଗୌତମ ଦୁଇଟି ଓ୍ୱିକେଟ୍ ନେଇଥିବା ବେଳେ ଗାର୍ଡନର୍ ଓ ତନୁଜା କଓଁରଙ୍କୁ ୧-୧ ସଫଳତା ମିଳିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟର ପାଓ୍ୱାରପ୍ଲେରେ ୩୧ ରନ୍ ମଧ୍ୟରେ ୪ ଓ୍ୱିକେଟ୍ ହରାଇଥିଲା। ଟିମ୍‌କୁ ୧୬ ରନ୍‌ର ସ୍କୋର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ହରଲୀନ୍ ଦେଓଲ୍ ୫ ରନ୍ କରି ଆଉଟ୍ ହୋଇଥିଲେ। ମାରିଜାନ୍ କେପ୍‌ଙ୍କ ବଲ୍‌ରେ ସାରାହ ବ୍ରାଇସ୍ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। ଫୋଏବ୍ ଲିଚ୍‌ଫୋଲ୍ଡ ଖାତା ଖୋଲିପାରି ନଥିଲେ। ଏହାପରେ ବେଥ୍ ମୁନୀ ୧୦ ରନ୍ କରି ଶିଖା ପାଣ୍ଡେ ବଲ୍‌ରେ ଆଉଟ୍ ହୋଇଥିଲେ। ଡିଏଣ୍ଡ୍ରା ଡଟିନ୍ ୨୬ ରନ୍‌ର ଯୋଗଦାନ କରିଥିବା ବେଳେ ସଦରଲାଣ୍ଡଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଫେରିଥିଲେ। ଟିମ୍ ୬୦ ରନ୍‌ରେ ୬ ଓ୍ୱିକେଟ୍ ହରାଇବା ପରେ ତନୁଜା କଓଁର ଓ ଭାରତୀ ଫୁଲମାଲା ଇନିଂସ୍ ସମ୍ଭାଳି ୭ମ ଓ୍ୱିକେଟ୍ ପାଇଁ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ଏହି ଭାଗୀଦାରି ବଳରେ ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରିଥିଲା। ତେବେ ତନୁଜା ୧୬ ରନ୍‌ରେ ରନ୍ ଆଉଟ୍ ହୋଇଥିଲେ। ଭାରତୀ ୨୯ ବଲ୍‌ରେ ୪ ଚୌକା ଓ ୨ ଛକା ସହାୟତାରେ ୪୦ ରନ୍ କରି ଅପରାଜିତ ରହିଥିଲେ।

ଚାମ୍ପିଅନ୍ସ ଟ୍ରଫି ବର୍ଷା ହେଲା କାଳ

# ଅଷ୍ଟ୍ରେଲିଆ-ସାଉଥ୍ ଆଫ୍ରିକା ମ୍ୟାଚ୍ ରଦ୍ଦ

## ସେମିଫାଇନାଲ୍ ସମୀକରଣ ରୋମାଞ୍ଚକ ସ୍ଥିତିରେ

**ରାଓ୍ୱଲପିଣ୍ଡି,୨୫।୨/ଏଜେନ୍ସି:** ପାକିସ୍ତାନ ଆୟୋଜନରେ ଖେଳାଯାଉଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ମଙ୍ଗଳବାର ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଗୋଟିଏ ବି ବଲ୍ ପଡ଼ିବା ପୂର୍ବରୁ ମ୍ୟାଚ୍‌କୁ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ ଗ୍ରୁପ୍-ଏ’ରେ ସେମିଫାଇନାଲ୍ ପାଇଁ ଦୁଇଟି ଟିମ୍ ସ୍ଥିର ହୋଇସାରିଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ଦୁଇଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଥିବା ବେଳେ ଆୟୋଜକ ପାକିସ୍ତାନ ଓ ବାଂଲାଦେଶ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଗ୍ରୁପ୍-ବି’ର ଏହି ମ୍ୟାଚ୍ ବର୍ଷାରେ ଧୋଇଯିବାରୁ ସେମିଫାଇନାଲ୍ ସମୀକରଣ କିଛିଟା ବିଗିଡ଼ିଯାଇଛି। ରଦ୍ଦ ମ୍ୟାଚ୍‌ରୁ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକାକୁ ୧-୧ ପଏଣ୍ଟ ମିଳିଛି। ଫଳରେ ଦୁଇ ଟିମ୍‌ଙ୍କ ପଏଣ୍ଟ ସମାନ ୩-୩ ହୋଇଛି। ଉନ୍ନତ ନେଟ୍ ରନ୍‌ରେଟ୍ (୨.୧୪୦) ଆଧାରରେ ସାଉଥ୍ ଆଫ୍ରିକା ଗ୍ରୁପ୍-ବି’ରେ ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆ (୦.୪୭୫) ଦ୍ୱିତୀୟ ସ୍ଥାନରେ ରହିଛି। ଏହାପରେ ଇଂଲଣ୍ଡ ଓ ଆଫଗାନିସ୍ତାନ ରହିଛନ୍ତି। ଏହି ଦୁଇ ଟିମ୍ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିଥିବା ବେଳେ ଏଥିରେ ପରାଜିତ ହୋଇଛନ୍ତି। ମଙ୍ଗଳବାରର ମ୍ୟାଚ୍ ରଦ୍ଦ ହେବା ଫଳରେ ଅଷ୍ଟ୍ରେଲିଆକୁ କିଛି ଲାଭ ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡ ଓ ସାଉଥ୍ ଆଫ୍ରିକା ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି।



ଅଷ୍ଟ୍ରେଲିଆ ଗ୍ରୁପ୍-ବି’ରେ ନିଜର ଅନ୍ତିମ ମ୍ୟାଚ୍ ଆଫଗାନିସ୍ତାନ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ଜିତିଲେ କଙ୍ଗାରୁ ଟିମ୍‌ର ୫ ପଏଣ୍ଟ ହୋଇଯିବ ଏବଂ ଟିମ୍ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ଅନ୍ତିମ ମ୍ୟାଚ୍ ଇଂଲଣ୍ଡ ବିପକ୍ଷରେ ଖେଳିବ। ଏହା ଟିମ୍ ପାଇଁ କର ବା ମର ହେବ। ଯେକୌଣସି ଭାବେ ଟିମ୍‌କୁ ଏହି ମ୍ୟାଚ୍ ଜିତିବାକୁ ପଡ଼ିବ। ସେହିପରି ଇଂଲଣ୍ଡ ଟିମ୍‌ର ଆଉ ଦୁଇଟି ମ୍ୟାଚ୍ ବାକି ଅଛି। ପ୍ରଥମ ମ୍ୟାଚ୍ ଆଫଗାନିସ୍ତାନ ଏବଂ ଦ୍ୱିତୀୟ ମ୍ୟାଚ୍ ସାଉଥ୍ ଆଫ୍ରିକା ବିପକ୍ଷରେ ଖେଳିବ। ଇଂଲିଶ ଟିମ୍ ଯଦି ଦୁଇଟି ଯାକ ମ୍ୟାଚ୍‌ରେ ବିଜୟୀ ହୁଏ ଏବଂ କଙ୍ଗାରୁ ଟିମ୍ ମଧ୍ୟ ଅନ୍ତିମ ମ୍ୟାଚ୍ ଜିତିଯାଏ, ତେବେ ସାଉଥ୍ ଆଫ୍ରିକା ବିଦାୟ ନେବ। ସାଉଥ୍ ଆଫ୍ରିକା ନିକଟରେ ଏବେ ଗୋଟିଏ ରାସ୍ତା ରହିଛି। ଆଫଗାନିସ୍ତାନ ଯଦି ନିଜର ଦୁଇଟି ମ୍ୟାଚ୍‌ରୁ କୌଣସି ଗୋଟିକରେ ବିଜୟୀ ହୁଏ, ତେବେ ସାଉଥ୍ ଆଫ୍ରିକା ପାଇଁ ସେମିଫାଇନାଲ୍ ଖେଳିବା ସୁଯୋଗ ରହିବ। ସେହିପରି ଆଫଗାନିସ୍ତାନ ଦୁଇଟି ଯାକ ମ୍ୟାଚ୍ ଜିତିଲେ ସେମିଫାଇନାଲ୍‌ରେ ପ୍ରବେଶ କରିବ। ଏପରି ସ୍ଥିତିରେ ଇଂଲଣ୍ଡଠାରୁ ହାରିଲେ ମଧ୍ୟ ସାଉଥ୍ ଆଫ୍ରିକା ଯୋଗ୍ୟତା ହାସଲ କରିବ।

# ଏଫ୍‌ଆଇଏଚ୍: ଭାରତୀୟ ପୁରୁଷ ମହିଳା ଟିମ୍ ବିଜୟୀ

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ଓ ମହିଳା ଟିମ୍ ବିଜୟୀ ହୋଇଛନ୍ତି। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ସିଂହଙ୍କ ଡବଲ୍ ଗୋଲ୍ ବଳରେ ପୁରୁଷ ଟିମ୍ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ହରାଇଥିବା ବେଳେ ମହିଳା ଟିମ୍ ବିଶ୍ୱର ନଂ.୧ ନେଦରଲାଣ୍ଡ ବିପକ୍ଷରେ ୨-୧ ଶୁଟ୍‌ଆଉଟ୍‌ରେ ବିଜୟୀ ହୋଇଛି।

କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ମ୍ୟାଚ୍‌ର ୨୬ତମ ମିନିଟ୍‌ରେ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ପେନାଲ୍ଟି କର୍ଣ୍ଣର୍‌ରୁ ଚମତ୍କାର ଡ୍ରାଗ୍‌ଫ୍ଲିକ୍ ଜରିଆରେ ଗୋଲ୍‌କରି ଟିମ୍‌କୁ ୧-୦ରେ ଆଗୁଆ କରିଥିଲେ। ଏହାର ଚାରି ମିନିଟ୍ ପରେ ୩୦ତମ ମିନିଟ୍‌ରେ ଇଂଲଣ୍ଡକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। କ୍ୟାପ୍‌ଟେନ୍ କନର୍ ଓ୍ୱିଲିଅମ୍‌ସନ୍ କୌଣସି ତ୍ରୁଟି ନକରି ଭାରତୀୟ ଗୋଲ୍‌କିପର୍ ସୂରଜ କେରକେରାଙ୍କୁ ପ୍ରତିହତ କରି ବଲ୍ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ସ୍ଥିତି ୧-୧ କରିଥିଲେ। ତେବେ ୩୩ତମ ମିନିଟ୍‌ରେ ହରମନ୍‌ପ୍ରୀତ୍ ଶକ୍ତିଶାଳୀ ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ସ୍ଥିତି ୨-୧ କରିଥିଲେ। ନିୟମିତ ସମୟରେ ସ୍ଥିତି ୨-୧ରେ ଭାରତ ସପକ୍ଷରେ ରହିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବିଜୟ ସହ ଭାରତୀୟ ପୁରୁଷ ଟିମ୍ ପଏଣ୍ଟ ଟେବଲ୍‌ର ତୃତୀୟ ସ୍ଥାନକୁ ଉଠିଛି।

ସେହିପରି ଭାରତ ଓ ନେଦରଲାଣ୍ଡ ମଧ୍ୟରେ ମହିଳା ମ୍ୟାଚ୍ ନିୟମିତ ସମୟରେ ୨-୨ ଗୋଲ୍‌ରେ ଡ୍ର’ ରହିଥିଲା। ତେବେ ପରେ ଶୁଟ୍‌ଆଉଟ୍‌ରେ ଭାରତ ୨-୧ରେ ବିଜୟୀ ହୋଇ ବୋନସ୍ ପଏଣ୍ଟ ହାସଲ କରିଛି। ପୂର୍ବରୁ ନିୟମିତ ସମୟରେ ଭାରତ ପକ୍ଷରୁ ଦୀପିକା (୩୫ତମ) ଓ ବଲଜିତ୍ କୌର୍ (୪୩ତମ) ଗୋଲ୍ ଦୁଇଟି ସ୍କୋର୍ କରିଥିଲେ। ସେହିପରି କ୍ୟାପ୍‌ଟେନ୍ ପିଏନ୍ (୧୭ତମ) ଓ ଫେ ଭାନ୍ ଡର୍ ଏଲ୍‌ଷ୍ଟ (୨୮ତମ) ନେଦରଲାଣ୍ଡ ପକ୍ଷରୁ ଗୋଲ୍ ଦେଇଥିଲେ।

# କୋହଲିଙ୍କୁ ରିକି ପଣ୍ଟିଂଙ୍କ ପ୍ରଶଂସା

## ‘ଏପରି ବିପଜ୍ଜନକ ଖେଳାଳି ଦେଖିନାହିଁ’



**ଦୁବାଇ,୨୫।୨/ଏଜେନ୍ସି:** ଚଳିତ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷ ଶତକୀୟ ଇନିଂସ୍ ପରେ ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପ୍‌ଟେନ୍ ରିକି ପଣ୍ଟିଂ ଭାରତୀୟ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କ ଜୋରଦାର ପ୍ରଶଂସା କରିଛନ୍ତି। ପଣ୍ଟିଂ କହିଛନ୍ତି, ଦିନିକିଆରେ ସେ କୋହଲିଙ୍କଠାରୁ ଉନ୍ନତି ଖେଳାଳି ଦେଖିନାହାନ୍ତି। ଏହା ସହିତ ଏହି ଷ୍ଟାର୍ ବ୍ୟାଟର୍ ଦିନିକିଆରେ ନିଜ ଦେଶର ସଚିନ୍ ତେନ୍ଦୁଲକରଙ୍କ ସର୍ବାଧିକ ରନ୍ ରେକର୍ଡ ଭାଙ୍ଗିବାରେ ସଫଳ ହେବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ବିରାଟ କୋହଲି ରବିବାର ପାକିସ୍ତାନ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍‌ରେ ଅପରାଜିତ ୧୦୦ ରନ୍ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟର୍ ୫୧ତମ ଶତକ ଥିଲା। କୋହଲିଙ୍କ ଏହି ଚମତ୍କାର ଇନିଂସ୍ ବଳରେ ଭାରତ ୬ ଓ୍ୱିକେଟ୍‌ରେ ବିଜୟୀ ହୋଇଥିଲା।

ପଣ୍ଟିଂ ଆଇସିସି ରିଭ୍ୟୁରେ କହିଛନ୍ତି- ‘୫୦ ଓଭର୍‌ରେ ଫର୍ମାଟ୍‌ରେ ବିରାଟ କୋହଲିଙ୍କଠାରୁ ଉନ୍ନତ ଖେଳାଳି ଦେଖିଥିବା ପରି ମୋତେ ଲାଗୁନାହିଁ। ଏବେ ସେ (ସର୍ବାଧିକ ରନ୍ ମାମଲାରେ) ମୋତେ ଟପିଯାଇଥିବା ବେଳେ କେବଳ ଦୁଇଜଣ ବ୍ୟାଟର୍ ତାଙ୍କଠାରୁ ଆଗରେ ରହିଛନ୍ତି। ଏପରି ସ୍ଥିତିରେ ମୋର ପୂରା ଭରସା ଏହି ଫର୍ମାଟ୍‌ରେ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର୍ ଭାବେ ସ୍ମରଣୀୟ ହେବା ପାଇଁ ସେ ନିଜକୁ ସର୍ବଶ୍ରେଷ୍ଠ ସୁଯୋଗ ଦେବେ।’

ନିଜ ଶତକ ଅବସରରେ କୋହଲି ଦିନିକିଆ କ୍ରିକେଟ୍‌ରେ ୧୪ ହଜାର ରନ୍ ମଧ୍ୟ ପୂରଣ କରିଛନ୍ତି। ଏହି ଉପଲବ୍ଧି ହାସଲ କରିବାରେ ସେ ସଚିନ୍ ତେନ୍ଦୁଲକର ଓ କୁମାର ସାଙ୍ଗକାରାଙ୍କ ପରେ ବିଶ୍ୱର ତୃତୀୟ ବ୍ୟାଟର୍। କୋହଲି (୧୪୦୮୫ ରନ୍) ଏବେ ବି ତେନ୍ଦୁଲକର (୧୮୪୨୬ ରନ୍)ଙ୍କଠାରୁ ୪୩୪୧ ରନ୍ ପଛରେ ରହିଛନ୍ତି। ୩୬ ବର୍ଷ ବୟସରେ ତାଙ୍କ ନିକଟରେ ଏହି ମାଇଲଖୁଣ୍ଟ ଛୁଇଁବା ପାଇଁ ବହୁ କମ୍ ସମୟ ରହିଛି। ମାତ୍ର କୋହଲିଙ୍କ ପାଇଁ ଏହା ଅସମ୍ଭବ କାମ ବୋଲି ପଣ୍ଟିଂ ଭାବୁନାହାନ୍ତି। ପଣ୍ଟିଂ କହିଛନ୍ତି, ଶାରୀରିକ ଭାବେ ସେ ପୂର୍ବ ପରି ଫିଟ୍ ଅଛନ୍ତି ଏବଂ ନିଜ ଖେଳର ଏହି ଦିଗ ଉପରେ ଅସାଧାରଣ ଭାବେ କଠିନ ପରିଶ୍ରମ କରୁଛନ୍ତି। କୋହଲି ଗତ କିଛିବର୍ଷ ଧରି ଲଗାତାର ଉନ୍ନତ ପ୍ରଦର୍ଶନ କରିଆସୁଛନ୍ତି, ଏହା ସତ୍ତ୍ୱେ ଏବେ ମଧ୍ୟ ତେନ୍ଦୁଲକରଙ୍କଠାରୁ ୪୦୦୦ ରନ୍ ପଛରେ ଅଛନ୍ତି। କିନ୍ତୁ କୋହଲିଙ୍କ ପରି ଖେଳାଳିଙ୍କୁ କେବେ ବି କମ୍ ଭାବେ ନେବା ଉଚିତ ହେବନାହିଁ। ଏବେ ବି ତାଙ୍କ ନିକଟରେ ରନ୍‌ର କ୍ଷୁଧା ରହିଛି। ତେଣୁ ସେ ତେନ୍ଦୁଲକରଙ୍କ ରେକର୍ଡ ଯେ ଭାଙ୍ଗି ନପାରିବେ ତାହା କହିହେବ ନାହିଁ।

● ପାକିସ୍ତାନ ଟିମ୍‌କୁ ଗାଭାସ୍କରଙ୍କ ସମାଲୋଚନା

# ଭାରତର ବି’ ଟିମ୍‌କୁ ହରାଇବା କଷ୍ଟକର





**ନୂଆଦିଲ୍ଲୀ,୨୫।୨/ଏଜେନ୍ସି:** ଆଇସିସି ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିବା ପରେ ପାକିସ୍ତାନ ଲାଗାତାର ସମାଲୋଚନାର ଶିକାର ହେଉଛି। ଏବେ ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ସୁନୀଲ୍ ଗାଭାସ୍କର ମଧ୍ୟ ଏହାର ମଜା ନେଇଛନ୍ତି। ଗାଭାସ୍କର କହିଛନ୍ତି, ଭାରତୀୟ ବି’ ଟିମ୍‌କୁ ହରାଇବା ପାଇଁ ମଧ୍ୟ ପାକିସ୍ତାନକୁ ସଂଘର୍ଷ କରିବାକୁ ପଡ଼ିବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ରବିବାର ଦୁବାଇରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍‌ରେ ଗତ ଚାମ୍ପିଅନ୍ ପାକିସ୍ତାନକୁ ୬ ଓ୍ୱିକେଟ୍ ହରାଇ ଦେଇଥିଲା। ପାକିସ୍ତାନ ଟାଇଟଲ୍ ଡିଫେଣ୍ଡ ଉଦ୍ଦେଶ୍ୟରେ ଖେଳୁଥିବା ପାକିସ୍ତାନ ଗ୍ରୁପ୍-ଏ’ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏବଂ ପରେ ଭାରତଠାରୁ ପରାଜିତ ହୋଇଛି। ନ୍ୟୁଜିଲାଣ୍ଡ ସୋମବାର ବାଂଲାଦେଶକୁ ହରାଇବା ପରେ ପାକିସ୍ତାନର ସମସ୍ତ ଆଶା ଧୂଳିସାତ୍ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିନଥିବା ପାକିସ୍ତାନ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଗୁରୁବାର ବାଂଲାଦେଶକୁ ଭେଟିବ। ୧୯୯୬ ପରେ ପ୍ରଥମ ଥର ପାଇଁ ପାକିସ୍ତାନ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଥିବା ବେଳେ ଟିମ୍ ଘରୋଇ ମାଟିରେ ବିଜୟ ହାସଲ କରିପାରି ନାହିଁ। ପାକିସ୍ତାନ ୨୦୧୭ରେ ଚାମ୍ପିଅନ୍ସ ଟ୍ରଫି ଜିତିଥିଲେ ମଧ୍ୟ ଏହାପରେ ଟିମ୍‌ର ପ୍ରଦର୍ଶନରେ କ୍ରମାଗତ ଅବନତି ଦେଖିବାକୁ ମିଳିଛି।

ଏକ ସ୍ପୋର୍ଟ୍ସ ଚ୍ୟାନେଲ୍‌କୁ ଗାଭାସ୍କର କହିଛନ୍ତି, ପାକିସ୍ତାନର ବର୍ତ୍ତମାନ ଫର୍ମକୁ ଦେଖିଲେ, ଭାରତୀୟ ବି’ ଟିମ୍‌କୁ ହରାଇବା ତା’ ପକ୍ଷରେ କଷ୍ଟକର ହେବ। ପାକିସ୍ତାନର ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ୍‌ରେ ହ୍ରାସକୁ ନେଇ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍) ଏବଂ ଘରୋଇ ସୀମିତ ଓଭର୍ ଟୁର୍ଣ୍ଣାମେଣ୍ଟ ସତ୍ତ୍ୱେ ପାକିସ୍ତାନ ଉନ୍ନତ ଖେଳାଳିଙ୍କ ପାଇଁ ସଂଘର୍ଷ କରୁଛି। ସେ କହିଛନ୍ତି, ଭାରତ ସୀମିତ ଓଭର୍ କ୍ରିକେଟ୍‌ରେ ଏତେ ଯୁଗ ଖେଳାଳି କିପରି ପ୍ରସ୍ତୁତ କରିଛି। ଏହାର କାରଣ ଆଇପିଏଲ୍। ଆଇପିଏଲ୍ ଖେଳାଳି ରଣଜୀ ଏବଂ ଭାରତ ପାଇଁ ମଧ୍ୟ ଖେଳୁଛନ୍ତି। ପାକିସ୍ତାନ କ୍ରିକେଟ୍ ଏ ସମ୍ପର୍କରେ ବିଶ୍ଳେଷଣ କରିବା ଉଚିତ। ତାଙ୍କୁ ଏବେ ଚିନ୍ତା କରିବା ଉଚିତ ସେମାନଙ୍କ ନିକଟରେ ଶକ୍ତିଶାଳୀ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ କାହିଁକି ନାହିଁ।

# ମାଥ୍ୟୁ ମୋଟ ଦିଲ୍ଲୀ କ୍ୟାପିଟାଲ୍ସ ସହାୟକ କୋଚ୍

**ନୂଆଦିଲ୍ଲୀ,୨୫।୨/ଏଜେନ୍ସି:** ଆଇପିଏଲ୍ ୨୦୨୫ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଏକ ବଡ଼ ଘୋଷଣା କରିଛି। ଟିମ୍ ଇଂଲଣ୍ଡର ପୂର୍ବତନ ହ୍ୱାଇଟ୍ ବଲ୍ କୋଚ୍ ମାଥ୍ୟୁ ମୋଟ୍‌ଙ୍କ ଆଗାମୀସ ସିଜନ୍ ପାଇଁ ସହାୟକ କୋଚ୍ ନିଯୁକ୍ତ କରିଛି। ୫୧ ବର୍ଷୀୟ ମୋଟ୍ ପୂର୍ବତନ ଭାରତୀୟ କ୍ରିକେଟର୍ ହେମାଙ୍ଗ ବଦାନୀଙ୍କୁ ସହାୟତା କରିବେ। ବଦାନୀଙ୍କୁ ଗତବର୍ଷ ଅକ୍ଟୋବରରେ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ମାଥ୍ୟୁ ମୋଟ୍ କ୍ରିକେଟ୍ ନିର୍ଦ୍ଦେଶକ ବେଣୁଗୋପାଳ ରାଓ ଏବଂ ବୋଲିଂ କୋଚ୍ ମୁନାଫ୍ ପଟେଲ୍‌ଙ୍କ ସହ ଦିଲ୍ଲୀ କ୍ୟାପିଟାଲ୍ସର ସହଯୋଗୀ ଷ୍ଟାଫ୍‌ରେ ସାମିଲ ହେବେ। ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଟିମ୍ ସହତ ସଫଳ କାର୍ଯ୍ୟକାଳ ପରେ ମୋଟ ୨୦୨୨ରେ ଇଂଲଣ୍ଡ ପୁରୁଷ ଟିମ୍‌ର ହ୍ୱାଇଟ୍ ବଲ୍ କୋଚ୍ ନିଯୁକ୍ତ ହୋଇଥିଲେ। ତାଙ୍କ କୋଚିଂରେ ଅଷ୍ଟ୍ରେଲିଆ ମହିଳା ଟିମ୍ ୭ ବର୍ଷରେ ଦୁଇଟି ଟି-୨୦ ବିଶ୍ୱକପ୍, ଗୋଟିଏ ଦିନିକିଆ ବିଶ୍ୱକପ୍ ଏବଂ ଚାରି ଆସେଜ୍ ସିରିଜ୍ ଜିତିଥିଲା। ୨୦୨୨ରେ ଅଷ୍ଟ୍ରେଲିଆରେ ଟି-୨୦ ବିଶ୍ୱ ଟାଇଟଲ୍ ଜିତିବା ପରେ ଗତବର୍ଷ ଜୁଲାଇରେ ଇଂଲଣ୍ଡ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ମୋଟ ଦୁଇଟି ଆଇପିଏଲ୍ ସିଜନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସର ସହାୟକ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଆଇପିଏଲ୍ ଟାଇଟଲ୍ ସନ୍ଧାନରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ନୂଆ ସିଜନ୍ ପୂର୍ବରୁ ନିଜ କୋଚିଂ ଷ୍ଟାଫ୍‌ରେ ଆମୂଳଚୂଳ ପରିବର୍ତ୍ତନ କରିଛି। ମହାନ୍ ଅଷ୍ଟ୍ରେଲୀୟ କ୍ରିକେଟର୍ ରିକି ପଣ୍ଟିଂଙ୍କ ସ୍ଥାନରେ ଟିମ୍ ପୂର୍ବତନ ଭାରତୀୟ ଖେଳାଳି ବଦାନୀଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ସେହିପରି ଅଷ୍ଟ୍ରେଲିଆର ଜେମ୍ସ ହୋପ୍ସଙ୍କ ସ୍ଥାନରେ ପୂର୍ବତନ ଭାରତୀୟ ଫାଷ୍ଟ ବୋଲର୍ ଏବଂ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜେତା ଟିମ୍‌ର ସଦସ୍ୟ ମୁନାଫ୍ ପଟେଲ୍‌ଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି।



# ହୃଦ୍‌ଘାତ କାରଣରୁ ରିଙ୍ଗ୍‌ରେ ଉଷୁ ଖେଳାଳିଙ୍କ ମୃତ୍ୟୁ

**ମୋହାଲି,୨୫।୨/ଏଜେନ୍ସି:** ମୋହାଲିସ୍ଥିତ ଚଣ୍ଡିଗଡ଼ ୟୁନିଭର୍ସିଟିରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଅବସରରେ ଜଣେ ଯୁବ ଉଷୁ ଖେଳାଳିଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଖେଳାଳି ଜୟପୁରର ଜିଲ୍ଲା ଉଷୁ ଚାମ୍ପିଅନ୍ ମୋହିତ ଶର୍ମା (୨୧)। ତିନିଦିନ ତଳେ ସେ ୟୁନିଭର୍ସିଟି ଉଷୁ ଚାମ୍ପିଅନ୍‌ସିପ୍‌ରେ ଭାଗନେବା ପାଇଁ ମୋହାଲି ଆସିଥିଲେ। ପ୍ରଥମ ରାଉଣ୍ଡରେ ସେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଚାଲିଥିବା ବେଳେ ମୋହିତ ଅଚାନକ ମୁହଁମାଡ଼ି ରିଙ୍ଗ୍‌ରେ ପଡ଼ିଯାଇଥିଲେ। ରେଫରି ତାଙ୍କୁ ଉଠାଇବାକୁ ଉଦ୍ୟମ କରିଥିଲେ। ଏହାପରେ ତାଙ୍କୁ ରିଙ୍ଗ୍ ବାହାରକୁ ଅଣାଯାଇଛି ନିକଟସ୍ଥ ସିଭିଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଓପିଟିସିଏଲ୍ ପାଓ୍ୱାର୍ କପ୍ କ୍ରିକେଟ୍ ଚାମ୍ପିଅନ୍

**ଭୁବନେଶ୍ୱର,୨୫।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ଆୟୋଜିତ ୧୭ତମ ପାଓ୍ୱାର୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଇଡ୍‌କୋକୁ ହରାଇ ଓପିଟିସିଏଲ୍ ଚାମ୍ପିଅନ୍ ହୋଇଛି। ସ୍ଥାନୀୟ ରେଳବାଇ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଓପିଟିସିଏଲ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେବା ସହ ୭୭ ରନ୍‌ରେ ଇଡ୍‌କୋକୁ ସୀମିତ କରିଦେଇଥିଲା। ଜବାବରେ ଓପିଟିସିଏଲ୍ ମାତ୍ର ୧୨ ଓଭର୍‌ରେ ୩ ଓ୍ୱିକେଟ୍ ହରାଇ ୮୩ ରନ୍ କରି ଲକ୍ଷ୍ୟ ହାସଲ କରିନେଇଛି। ଟିମ୍‌ର ବିଜୟରେ ବ୍ୟାଟର୍ କାମାକ୍ଷା ବଳଙ୍କ ଦମ୍‌ଦାର ଇନିଂସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି।

ଇଡ୍‌କୋର ଅଭିଜିତ ବାରିକ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପାଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସଞ୍ଜିତ୍ ଚୌଧୁରୀ, ବି. ଶିବ ଓ ସମ୍ବିତ ହରିଚନ୍ଦନ ଯଥାକ୍ରମେ ଶ୍ରେଷ୍ଠ ବ୍ୟାଟର୍, ଶେଷ୍ଠ ବୋଲର୍ ଓ ଶ୍ରେଷ୍ଠ ଓ୍ୱିକେଟ୍ କିପର ବିବେଚିତ ହୋଇଛନ୍ତି। ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚ୍‌ରେ ଟିପିସିଓଡିଏଲ୍ ୧୦ ଓ୍ୱିକେଟ୍‌ରେ ଟିପିଏନ୍‌ଓଡିଏଲ୍‌କୁ ହରାଇ ଦେଇଛି। ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।




ବୟସ ଜାଲିଆତି ମାମଲା

# ଲକ୍ଷ୍ୟ ସେନ୍‌ଙ୍କ ଆବେଦନ ଖାରଜ

**ବେଙ୍ଗାଲୁରୁ,୨୫।୨/ଏଜେନ୍ସି:** ବୟସ ଜାଲିଆତି ମାମଲାରେ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କୁ କର୍ଣ୍ଣାଟକ ହାଇକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ହାଇକୋର୍ଟ ଲକ୍ଷ୍ୟଙ୍କୁ ଆବେଦନକୁ ଖାରଜ କରିଦେଇଛନ୍ତି। ଲକ୍ଷ୍ୟ, ତାଙ୍କ ପରିବା ଏବଂ କୋଚ୍ ବିମଳ କୁମାରଙ୍କ ବିରୋଧରେ ୨୦୨୨ରେ ଆୟୋଜିତ ଜୁନିୟର୍ ବ୍ୟାଡ୍‌ମିଣ୍ଟ ଟୁର୍ଣ୍ଣାମେଣ୍ଟରେ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ଲକ୍ଷ୍ୟକୁ ଆବେଦନର ସମୀକ୍ଷା କରିବା ପରେ କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି, ମାମଲାରେ ଏପରି ପ୍ରମାଣ ରହିଛି, ଯାହା ତଦନ୍ତର ଆବଶ୍ୟକତାକୁ ଦର୍ଶାଉଛି। ଅଭିଯୁକ୍ତ ଲକ୍ଷ୍ୟ ଏବଂ ତାଙ୍କ ପାଇଁ ଚିରାଗ ସେନ୍‌ଙ୍କ ଜନ୍ମ ପ୍ରମାଣପତ୍ରରେ ପ୍ରାୟ ଦୁଇ ବର୍ଷ ଛଅ ମାସ ବୟସ ହ୍ରାସ କରିଛନ୍ତି, ଯାହାଦ୍ୱାରା ସେ କମ୍ ବୟସ ବର୍ଗ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ସହିତ ସରକାରୀ ଲାଭ ପ୍ରାପ୍ତ କରିପାରିବେ।



୨୩ ବର୍ଷୀୟ ଶଟ୍‌ଲର୍ ଲକ୍ଷ୍ୟ ସେନ୍‌ଙ୍କ ବିରୋଧରେ ଏମ୍.ଜି. ନାଗରାଜ ନାମକ ଜଣେ ବ୍ୟକ୍ତି ସୂଚନା ଅଧିକାର (ଆର୍‌ଟିଆଇ) ଅଧୀନରେ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରି ଜାଲ୍ କାଗଜପତ୍ର ଦାଖଲର ବ୍ୟକ୍ତିଗତ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ଲକ୍ଷ୍ୟଙ୍କ ପିତା-ମାତା ଧୀରେନ୍ଦ୍ର ଓ ନିର୍ମଳା ସେନ୍, ତାଙ୍କ ଭାଇ ଚିରାଗ ସେନ୍, କୋଚ୍ ବିମଳ କୁମାର ଏବଂ କର୍ଣ୍ଣାଟକ ବ୍ୟାଡ୍‌ମିଣ୍ଟନ୍ ସଂଘର ଜଣେ କର୍ମଚାରୀ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରିଛନ୍ତି। ଅଭିଯୋଗ ପରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଏହାର ତଦନ୍ତ ଆଦେଶ ଦେଇଥିଲେ ଏବଂ ୨୦୨୨ ଡିସେମ୍ବରରେ ଅଭିଯୁକ୍ତଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଥିଲା।

## ତଦନ୍ତ ଆଦେଶ ଦେଲେ କର୍ଣ୍ଣାଟକ ହାଇକୋର୍ଟ

ଲକ୍ଷ୍ୟଙ୍କ ପକ୍ଷରୁ ଦାଖଲ ଆବେଦନରେ କୁହାଯାଇଥିଲା ଯେ ବୟସ ଜାଲିଆତି ମାମଲାରେ ତଥ୍ୟତ୍ମକ ପ୍ରମାଣ ପରିବର୍ତ୍ତେ ବ୍ୟକ୍ତିଗତ ଅଭିଯୋଗ ଉପରେ ଆଧାରିତ ଥିଲା। ଅଭିଯୋଗକାରୀ ଏମ୍.ଜି. ନାଗରାଜ ୨୦୨୦ରେ ପ୍ରକାଶ ପାଦୁକୋଣ ବ୍ୟାଡ୍‌ମିଣ୍ଟନ୍ ଏକାଡେମୀରେ ନିଜ କନ୍ୟାଙ୍କୁ ଆଡ୍‌ମିଶନ୍ ନମିଳିବାରୁ ନିରାଶ ଥିଲେ। ଏହି କାରଣରୁ ସେ ଲକ୍ଷ୍ୟଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେନ୍ ପରିବାର ଅନୁସାରେ ଅଭିଯୋଗରେ କୌଣସି ସତ୍ୟତା ନାହିଁ। ମାତ୍ର ହାଇକୋର୍ଟ ଆବେଦନକୁ ଖାରଜ କରିବା ସହିତ ହାଇ ଗ୍ରାଉଣ୍ଡ୍‌ସ ପୁଲିସ୍‌କୁ ମାଲମାର ତଦନ୍ତ କରିବାକୁ ଆଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ୍ ଭାରତୀୟ ଦଣ୍ଡ ସଂହିତର ଧାରା ୪୨୦, ୪୬୮ ଏବଂ ୪୭୧ରେ ଏଫ୍‌ଆଇଆର୍ ରୁଜୁ କରିଛି। ବିଚାରପତି ଏମ୍.ଜି ଉମା ଆବେଦନ ଖାରଜ କରି କହିଛନ୍ତି, ଆବେଦନକାରୀଙ୍କ ଓକିଲଙ୍କ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲେ ମଧ୍ୟ ସେ ଦଲିଲ୍ ପ୍ରଦାନ କରିପାରି ନାହାନ୍ତି। ବିଚାରପତି ଅଧିକ ସମୟ ଦେବାକୁ ମଧ୍ୟ ମନା କରିଦେଇଛନ୍ତି।

# ଇତିହାସ ରଚିଲେ ଏଲିସ୍ ପେରୀ

**ବେଙ୍ଗାଲୁରୁ,୨୫।୨/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚଳିତ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ସୋମବାର ସୁପର୍ ଓଭର୍‌ରେ ୟୁପି ଓ୍ୱାରିୟର୍ସଠାରୁ ପରାଜିତ ହୋଇଛି। ଏହା ସତ୍ତ୍ୱେ ଏହି ମ୍ୟାଚ୍‌ରେ ୯୦ ରନ୍‌ର ଉନ୍ନତ ଇନିଂସ୍ ଖେଳିଥିବା ଟିମ୍‌ର ଅନ୍ୟତମ ପ୍ରମୁଖ ଖେଳାଳି ଏଲିସ୍ ପେରୀ ଇତିହାସ ରଚିଛନ୍ତି। ଏବେ ଡବ୍ଲ୍ୟୁପିଏଲ୍‌ରେ ସେ ସର୍ବାଧିକ ରନ୍ ହାସଲକାରୀ ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ମେଗ୍ ଲାନିଙ୍ଗ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଡବ୍ଲ୍ୟୁପିଏଲ୍‌ରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି ହେବା ସହିତ ପେରୀ ଏହି ଟି-୨୦ ଲିଗ୍‌ରେ ୮୦୦ ରନ୍ ପୂରଣ କରିବାରେ ପ୍ରଥମ ଖେଳାଳି ମଧ୍ୟ ହୋଇଛନ୍ତି। ପେରୀ ଡବ୍ଲ୍ୟୁପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୮୩୫ ରନ୍ କରିସାରିଛନ୍ତି। ତାଙ୍କ ପରେ ଲିଗ୍‌ରେ ସର୍ବାଧିକ ରନ୍ ସଂଗ୍ରହ ମାମଲାରେ ମେଗ୍ ଲାନିଙ୍ଗ୍ ୭୮୨ ରନ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟପ୍-୫ରେ ଦୁଇଜଣ ଭାରତୀୟ ମଧ୍ୟ ସ୍ଥାନ ପାଇଛନ୍ତି। ଶେଫାଳୀ ବର୍ମା ୬୫୪ ରନ୍ ସହ ଚତୁର୍ଥ ଏବଂ ହରମନ୍‌ପ୍ରୀତ୍ କୌର୍ ୬୪୫ ରନ୍ ସହ ପଞ୍ଚମ ସ୍ଥାନରେ ରହିଛନ୍ତି।



## ୮୦୦ ରନ୍ କରିବାରେ ଡବ୍ଲ୍ୟୁପିଏଲ୍‌ର ପ୍ରଥମ ଖେଳାଳି

ଡବ୍ଲ୍ୟୁପିଏଲ୍‌ରେ ପେରୀ ବର୍ତ୍ତମାନ ସୁଦ୍ଧା ୭ ଅର୍ଦ୍ଧଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ଏହା ସହିତ ସେ ମେଗ୍ ଲାନିଙ୍ଗ୍‌ଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ରନ୍ କରିବାରେ ସେ ଲାନିଙ୍ଗ୍‌ଙ୍କ ସହ ଶୀର୍ଷ ସ୍ଥାନରେ ରହିଛନ୍ତି। ଡବ୍ଲ୍ୟୁପିଏଲ୍‌ର ଗତ ୧୦ଟି ଇନିଂସ୍‌ରେ ପେରୀ ୮୪.୫ ଆଭରେଜ୍‌ରେ ମୋଟ ୫୦୭ ରନ୍ କରିଛନ୍ତି। ଏହା ମଧ୍ୟରେ ପାଞ୍ଚ ୫୦ରୁ ଊର୍ଦ୍ଧ୍ୱ ରନ୍‌ର ଇନିଂସ୍ ମଧ୍ୟ ରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra